# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୩/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, June 3/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ
DHARITRI

ଶୁକ୍ରବାର, ଜୁନ୍ ୩/୨୦୨୨ (୧୬ ପୃଷ୍ଠା) | Friday, June 3/2022 | Page 16 | ପୃଷ୍ଠା-୧




**ପଦାର୍ପଣରେ ମାଥ୍ୟୁ ପଟ୍ସଙ୍କୁ ୪ଉଇକେଟ** ୧୪

ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରି ୪ ଉଇକେଟ ସଫଳତା ହାସଲ କରିଛନ୍ତି ଇଂଲଣ୍ଡ ପେସ୍ ବୋଲର ମାଥ୍ୟୁ ପଟ୍ସ।

୧୦

**ୟୁପିରେ 'ସମ୍ରାଟ ପୃଥ୍ୱୀରାଜ' ଟିକସମୁକ୍ତ**

ଜୁନ୍ ୩ରେ ମୁକ୍ତିଲାଭ କରିବାକୁ ଯାଉଥିବା ଅକ୍ଷୟ କୁମାରଙ୍କ 'ସମ୍ରାଟ ପୃଥ୍ୱୀରାଜ'କୁ ଉତ୍ତର ପ୍ରଦେଶରେ ଟିକସମୁକ୍ତ ଘୋଷଣା କରାଯାଇଛି।






# ସତ୍ୟପାଠରେ ତଥ୍ୟ ରଖିବାକୁ ସରକାରଙ୍କୁ ନିର୍ଦ୍ଦେଶ

## ୨୭ରେ ପରବର୍ତ୍ତୀ ଶୁଣାଣି

### ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ପ୍ରସଙ୍ଗ

**ରାଜଧାନୀରେ ବିଧାୟକଙ୍କ ପାଇଁ ଗଛକାଟି ଅତ୍ୟାଧୁନିକ କ୍ୱାର୍ଟର୍ସ ନିର୍ମାଣ ପ୍ରସଙ୍ଗ ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ଗୁରୁବାର ଶୁଣାଣି କରି ସତ୍ୟପାଠ ମାଧ୍ୟମରେ ତଥ୍ୟ ରଖିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଗୁରୁବାର ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ସ୍କୁଲ ପିଲାଙ୍କ ମଧ୍ୟରେ 'ଗଛ ହିଁ ଜୀବନ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ଗଛକଟାକୁ ବିରୋଧ କରାଯାଇଛି।**


ଗଛକଟା ସ୍ଥାନରେ ପିଲାମାନେ ପରିବେଶ ସଚେତନତା ସମ୍ପର୍କିତ ଚିତ୍ରାଙ୍କନ କରୁଛନ୍ତି।

କଟକ ଅଫିସ,୨।୬

ଉଚ୍ଚ ନ୍ୟାୟାଳୟରେ ସାମାଜିକ କର୍ମୀ ଜୟନ୍ତୀ ଦାସଙ୍କ ଦ୍ୱାରା କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଜଷ୍ଟିସ ସଙ୍ଗମ କୁମାର ରାଉତ ଓ ଜଷ୍ଟିସ ବି.ପି. ଶତପଥିଙ୍କ ଖଣ୍ଡପୀଠରେ ହୋଇଥିଲା। ବିଧାୟକଙ୍କ ଲାଗି ଆପାର୍ଟମେଣ୍ଟ ନିର୍ମାଣ, ଏଥିନିମନ୍ତେ ହେଉଥିବା ଗଛକଟା ଓ ବନୀକରଣ ନେଇ ହାଇକୋର୍ଟ ବିସ୍ତୃତ ବିବରଣୀ ମାଗିଛନ୍ତି। ସାଧାରଣ ପ୍ରଶାସନ(ଜିଏ) ବିଭାଗ ସଚିବ ସତ୍ୟପାଠ ଜରିଆରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜୁନ୍ ୨୭ରେ ମାମଲାର ପରବର୍ତ୍ତୀ ଶୁଣାଣି ନେଇ ଦିନଧାର୍ଯ୍ୟ କରାଯାଇଛି। ଏଥି ସହିତ ସମ୍ପୃକ୍ତ ଅଞ୍ଚଳରେ ଗଛ ନ କାଟି କିଭଳି ବିଧାୟକମାନଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ହୋଇପାରିବ ସେ ସଂକ୍ରାନ୍ତରେ ଯୋଜନା ପ୍ରସ୍ତୁତ କରିବାକୁ ହାଇକୋର୍ଟ କହିଛନ୍ତି। ପ୍ରତ୍ୟୁତ୍ତରରେ ନିୟମ ଅନୁଯାୟୀ ସବୁ ହେଉଥିବା ସରକାରୀ ଓକିଲ ଯୁକ୍ତି ରଖିଛନ୍ତି। ସତ୍ୟପାଠ ଦାଖଲ ନ ହେବା ପର୍ଯ୍ୟନ୍ତ ଗଛ ନ କାଟିବାକୁ ସରକାରୀ ଓକିଲ ପ୍ରତିଶ୍ରୁତି ଦେଇଥିବା ବେଳେ ଏଥିରେ ଖିଲାପ ହେଲେ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ଆବେଦନକାରୀଙ୍କ ଓକିଲ କହିଥିବା ଜଣାପଡ଼ିଛି। ସେପଟେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ୱାଗତ କରିଛି। ପ୍ରସ୍ତାବିତ ପ୍ରକଳ୍ପର ସମସ୍ତ ତଥ୍ୟ ପ୍ରଦାନ କରିବା ସହିତ ଏତେ ସଂଖ୍ୟାରେ ବୃକ୍ଷ କାହିଁକି କଟାଗଲା, ସେ ବିଷୟରେ ସବିଶେଷ ତଥ୍ୟ ଦେବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ☞ପୃଷ୍ଠା-୨

## ଚିତ୍ର ଆଙ୍କି ଗଛକଟାକୁ ଛାତ୍ରୀଛାତ୍ରଙ୍କ ବିରୋଧ

ଭୁବନେଶ୍ୱର, ୨।୬(ବ୍ୟୁରୋ)

ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ପୁରୁଣା ଏମ୍ଏଲ୍ଏ କଲୋନୀରୁ ଗଛକଟାକୁ ବିରୋଧ ଜାରି ରହିଥିବାବେଳେ ଏଥିରେ ସାମିଲ ହୋଇଛନ୍ତି ଛାତ୍ରୀଛାତ୍ର। ନିଆରା ଢଙ୍ଗରେ ପ୍ରତିବାଦ ସ୍ୱରୂପ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଗୁରୁବାର ଘଟଣାସ୍ଥଳରେ ସ୍କୁଲ ପିଲାଙ୍କ ମଧ୍ୟରେ 'ଗଛ ହିଁ ଜୀବନ' ☞ପୃଷ୍ଠା-୨

## ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ | ସରିଲା ଶୁଣାଣି, ଆଜି ରାୟ

ନୂଆଦିଲ୍ଲୀ,୨।୬

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ଦିର ଚତୁଃପାର୍ଶ୍ୱରେ କରାଯାଉଥିବା ବେଆଇନ ଖନନ ଏବଂ ନିର୍ମାଣକୁ ବିରୋଧ କରି ଆଗତ ଆବେଦନ ଉପରେ ଗୁରୁବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ହୋଇଛି। ବିଚାରପତି ବି.ଆର୍. ଗଭାଇ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଶୁକ୍ରବାର ରାୟ ପ୍ରକାଶ ପାଇବ।

ପରିକ୍ରମା ପ୍ରକଳ୍ପ ଅଧୀନ ନିର୍ମାଣକୁ ବିରୋଧ ଏବଂ ବେଆଇନ ନିର୍ମାଣ ବିରୋଧରେ ହାଇକୋର୍ଟ ଗତ ୯ତାରିଖରେ କୌଣସି ସ୍ଥଗିତାଦେଶ ନ ଦେବା ଘଟଣାରେ ସୁପ୍ରିମକୋର୍ଟରେ ୨ଟି ସ୍ପେଶାଲ୍ ଲିଭ୍ ପିଟିଶନ ରୁଜୁ କରାଯାଇଥିଲା। ଗୁରୁବାର ଉକ୍ତ ଆବେଦନର ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମହାଲକ୍ଷ୍ମୀ ପାଭାନି ଖଣ୍ଡପୀଠରେ ଯୁକ୍ତି ବାଢ଼ିଥିଲେ ଯେ, ନିୟମ ଅନୁସାରେ ଶ୍ରୀମନ୍ଦିର ପାର୍ଶ୍ୱ ନିଷିଦ୍ଧାଞ୍ଚଳରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ। ହେଲେ ମନ୍ଦିର ଚାରିପଟେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଉଲ୍ଲଂଘନ ହେଉଛି। ମନ୍ଦିର ପାର୍ଶ୍ୱରେ ଖନନ ଦ୍ୱାରା ଐତିହ୍ୟ କୀର୍ତ୍ତିରାଜିର ଅପୂରଣୀୟ କ୍ଷତି ହେଉଛି। ଆନ୍‌ସିଏଣ୍ଟ ମନୁମେଣ୍ଟ୍ସ ଆଣ୍ଡ ଆର୍କିଓଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ (ଆମ୍‌ସାର) ଆକ୍ଟ ଅନୁସାରେ ନିଷିଦ୍ଧାଞ୍ଚଳରେ କୌଣସି ନିର୍ମାଣ ☞ପୃଷ୍ଠା-୨

## ଆଜି ବ୍ରଜରାଜନଗର ଉପନିର୍ବାଚନ ଫଳାଫଳ

ଭୁବନେଶ୍ୱର,୨।୬(ବ୍ୟୁରୋ): ଝାରସୁଗୁଡ଼ା ବଢ଼େଇମୁଣ୍ଡାସ୍ଥିତ ଇଞ୍ଜିନିୟରିଂ ସ୍କୁଲ ପରିସରରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ନିମନ୍ତେ ଶୁକ୍ରବାର ପୂର୍ବାହ୍ନ ୮ଟାରେ ଭୋଟ ଗଣନା କରାଯିବ। ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏହି ସୂଚନା ଦେଇଛନ୍ତି। ଭୋଟ ଗଣତି ପାଇଁ ମୋଟ ୧୪ ଟେବୁଲ କରାଯାଇଛି। ପ୍ରତି ଟେବୁଲରେ ୪ ଜଣ କର୍ମଚାରୀ ନିୟୋଜିତ ହେବେ। ୨୦ ରାଉଣ୍ଡ ଗଣନା ହେବ। ପ୍ରଥମେ ପୋଷ୍ଟାଲ ବାଲଟ ପେପର ଗଣତି କରାଯିବ। ଏହାର ୩୦ ମିନିଟ୍ ପରେ ଅର୍ଥାତ ୮ଟା ୩୦ରେ ଇଭିଏମ୍ ଭୋଟଗଣତି ହେବ। ଗୋଟିଏ ବୁଥ୍‌ର ଭିଭିପିଏଟି ସ୍ଲିପ୍‌ଗୁଡ଼ିକୁ ଗଣାଯିବ। ଭୋଟଗଣତି କାର୍ଯ୍ୟ ନିମନ୍ତେ ୨୦ ମାଇକ୍ରୋ ଅବଜରଭର, ୨୦ କାଉଣ୍ଟିଂ ସୁପରଭାଇଜର, ୨୦ କାଉଣ୍ଟିଂ ଆସିଷ୍ଟାଣ୍ଟଙ୍କୁ ନିୟୋଜିତ କରାଯାଇଛି। ଏହାଛଡ଼ା ବିଭିନ୍ନ ରାଜନୈତିକ ଦଳ ତରଫରୁ ଭୋଟଗଣତି କାର୍ଯ୍ୟ ନିରୀକ୍ଷଣ କରିବା ପାଇଁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବୈଶ୍ୱିକ ଖାଦ୍ୟାଭାବର ସମାଧାନ**

## ଅନୁଭବଙ୍କ ଘର ଛାଡ଼ିବେ ବର୍ଷା

■ ଅନ୍ୟତ୍ର ରହିବାକୁ ୩୦ହଜାର ଦେବେ ଅନୁଭବ

■ ପ୍ରଥମ ଟଙ୍କା ପାଇବାର ୨ମାସ ମଧ୍ୟରେ ଖାଲି କରିବେ ଘର

କଟକ ଅଫିସ, ୨।୬

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ସ୍ୱାମୀ ଅନୁଭବ ମହାନ୍ତିଙ୍କ ନନ୍ଦିସାହିସ୍ଥିତ ପୈତୃକ ଘର ଛାଡ଼ିବେ। ସେ ଅନ୍ୟତ୍ର ରହିବା ପାଇଁ ଅନୁଭବ ତାଙ୍କୁ ପ୍ରତ୍ୟେକ ମାସର ୧୦ତାରିଖ କିମ୍ବା ଏହା ପୂର୍ବରୁ ୩୦ହଜାର ଟଙ୍କା ଦେବେ। ପ୍ରଥମ ମାସର ୩୦ହଜାର ଟଙ୍କା ପାଇବାର ୨ମାସ ମଧ୍ୟରେ ବର୍ଷା ପୈତୃକ ଘର ଛାଡ଼ିବାକୁ ଅନୁଭବଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି କଟକ ଏସ୍‌ଡିଜେଏମ୍ କୋର୍ଟ ଗୁରୁବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷା ତାଙ୍କର ପ୍ରକୃତ ଆୟ ଏବଂ ସମ୍ପତ୍ତି ବିଷୟରେ ଜଣାଇଲେ କୋର୍ଟ ମାସିକ ଭରଣପୋଷଣ ଘୋଷଣା କରିବାରେ ସୁବିଧା ହୋଇପାରିବ ବୋଲି ଅନୁଭବଙ୍କ ପକ୍ଷରୁ ରୁଜୁ ହୋଇଥିବା ଆଉ ଏକ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏମ୍‌ପି ତଥା ଅଭିନେତା ଅନୁଭବ ଓ ଅଭିନେତ୍ରୀ ବର୍ଷାଙ୍କ ମଧ୍ୟରେ ପାରିବାରିକ ବିବାଦ ଦୀର୍ଘଦିନ ଧରି ଲାଗି ରହିଛି। ବିବାଦ ପରଠାରୁ ଅନୁଭବ ତାଙ୍କ ବାପା, ମାଆ ଓ ସାନ ଭାଇଙ୍କ ସହ ଅନ୍ୟତ୍ର ଘର ଭଡ଼ା ନେଇ ରହୁଛନ୍ତି। ବର୍ଷା ରହୁଥିବା ଘର ଅନୁଭବଙ୍କ ପୈତୃକ ଘର ଅଟେ। ଏହା ତାଙ୍କ ଜେଜେବାପା ଏବଂ ଅନ୍ୟମାନଙ୍କ ନାମରେ ରହିଛି। ତେଣୁ ସେଠାରେ ବର୍ଷା ନ ରହିବାକୁ ଅନୁଭବ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲେ। ବର୍ଷାଙ୍କ ଅନ୍ୟତ୍ର ରହଣୀ



ପାଇଁ ଭଡ଼ା ଘରର ବ୍ୟବସ୍ଥା କରିବେ ଏବଂ ସେ ବାବଦ ଖର୍ଚ୍ଚକୁ ଭରଣା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ ଆବେଦନରେ ଦର୍ଶାଇଥିଲେ। ଏଥିସହ ବର୍ଷା ତାଙ୍କର ପ୍ରକୃତ ଆୟ ଏବଂ ସମ୍ପତ୍ତି ବିଷୟରେ ଜଣାଇଲେ କୋର୍ଟ ମାସିକ ଭରଣପୋଷଣ ଘୋଷଣା କରିବାରେ ସୁବିଧା ହୋଇପାରିବ ବୋଲି ଆଉ ଏକ ଆବେଦନ କରିଥିଲେ। ଉକ୍ତ ଆବେଦନର ଗତ୨୪ତାରିଖରେ ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା। କୋର୍ଟଙ୍କ ରାୟକୁ ଅନୁଭବଙ୍କ ଓକିଲ ଆଲୋକ ମହାପାତ୍ର ସ୍ୱାଗତ କରିଥିବା ବେଳେ ବର୍ଷାଙ୍କ ଓକିଲ ରାମକ୍ରିଷ୍ଣ ରଥ ଅଦାଲତଙ୍କ ଅର୍ଡର ପାଇବା ପରେ ଆମେ ପରବର୍ତ୍ତୀ ପଦକ୍ଷେପ ନେଇ ଚିନ୍ତା କରିବୁ ବୋଲି କହିଛନ୍ତି।

# ମାନହାନି ମାମଲା ଜିତିଲେ ଜନି ଡେପ୍

## ୧୫ ନିୟୁତ ଡଲାର ଦେବେ ଅମ୍ବର ହର୍ଡ

ୱାଶିଂଟନ୍, ୨।୬

ହଲିଉଡ୍ ଅଭିନେତା ଜନି ଡେପ୍ (୫୮)ଓ ଅମ୍ବର ହର୍ଡ(୩୬)ଙ୍କ ହାଇପ୍ରୋଫାଇଲ ମାମଲାରେ ଗୁରୁବାର କୋର୍ଟ ରାୟ ଦେଇଛନ୍ତି। ପୂର୍ବତନ ସ୍ତ୍ରୀଙ୍କ ବିରୋଧରେ ମାନହାନି ମକଦ୍ଦମାରେ ଜନି ଡେପ୍‌ଙ୍କ ବିଜୟ ହୋଇଛି। ଜନି ଡେପ୍‌ଙ୍କ ଛବି ଖରାପ କରିବା ପାଇଁ ଉଦ୍ୟମ କରିଥିବାରୁ ଅଦାଲତ ଅମ୍ବର ହର୍ଡଙ୍କୁ କ୍ଷତିପୂରଣ ଓ ଜରିମାନା ବାବଦରେ ୧୫ ନିୟୁତ ଡଲାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିରୁ ୧୦ ନିୟୁତ ଡଲାର ଜନି ଡେପ୍‌ଙ୍କୁ ମିଳିବ। ଆଉ ୫ ନିୟୁତ ଡଲାର ଅମ୍ବର ହର୍ଡ ଜରିମାନା ଦେବେ। ଏଥିସହ ଜନି ଡେପ୍ ମଧ୍ୟ ଅମ୍ବର ହର୍ଡଙ୍କୁ କ୍ଷତିପୂରଣ ବାବଦ ୨ ନିୟୁତ ଡଲାର ଦେବେ ବୋଲି ୭ ଜଣିଆ ଜୁରି ସଦସ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାୟକୁ ଜନି ସ୍ୱାଗତ କରିବା ସହ 'ଜୁରି ମୋ ଜୀବନ ମୋତେ ଫେରାଇ ଦେଇଛନ୍ତି' ବୋଲି ପ୍ରତିକ୍ରିୟା ରଖିଛନ୍ତି। ତେବେ ରାୟକୁ ନେଇ ଅମ୍ବର ଅସନ୍ତୋଷ ବ୍ୟକ୍ତ କରି ଏହା ତାଙ୍କ ହୃଦୟ ଭାଙ୍ଗି ଦେଇଛି ବୋଲି କହିଛନ୍ତି।



୨୦୧୨ରେ ଜନି ଡେପ୍ ଓ ଅମ୍ବର ହର୍ଡଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୫ରେ ଉଭୟେ ବିବାହ କରିଥିଲେ। ୨୦୧୬ ମେ'ରେ ଅମ୍ବର ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଜନି ଡ୍ରଗ୍ସ ଖାଇ ତାଙ୍କୁ ମାର୍‌ପିଟ୍ ସହ ନିର୍ଯାତନା ଦେଉଥିବା ଅମ୍ବର ହର୍ଡ ଅଭିଯୋଗ ଆଣିଥିଲେ। ୨୦୧୭ରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯାଇଥିଲା। ଜନି ଏ ବାବଦରେ ଅମ୍ବର ହର୍ଡଙ୍କୁ ୭ ନିୟୁତ ଡଲାର କ୍ଷତିପୂରଣ ଦେଇଥିଲେ। ହେଲେ ୨୦୧୮ରେ ଅମ୍ବର ୱାଶିଂଟନ୍ ପୋଷ୍ଟରେ ଲେଖିଥିବା ଏକ ଆର୍ଟିକିଲରେ ସେ ନିଜକୁ ଘରୋଇ ହିଂସାର ଶିକାର ହୋଇଥିବା ସେଲିବ୍ରିଟି ବୋଲି ଦର୍ଶାଇଥିଲେ। ଅମ୍ବରଙ୍କ ଏପରି ଲେଖା ଯୋଗୁ ଜନିଙ୍କ ଫିଲ୍ମ କ୍ୟାରିୟର ପ୍ରଭାବିତ ହୋଇଥିଲା। ଜନି ଏହାକୁ ନେଇ ଅମ୍ବରଙ୍କ ବିରୋଧରେ ମାନହାନି ମାମଲା କରିଥିଲେ। ଗତ ୬ ସପ୍ତାହ ଧରି ଉଭୟଙ୍କ ଟ୍ରାଏଲ ଚାଲିଥିଲା। ବିଚାରବେଳେ ଏହି ଦୁଇ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଆଶ୍ଚର୍ଯ୍ୟକର କଥା ସାମ୍ନାକୁ ଆସିଥିଲା। ଜନି ତାଙ୍କୁ ଯୌନ ନିର୍ଯାତନା ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

" ସବୁ ମସ୍‌ଜିଦ୍‌ରେ କାହିଁକି ଶିବଲିଙ୍ଗ ଖୋଜାଯାଉଛି। ମନ୍ଦିରକୁ ନେଇ ସଂଘ ପରିବାର କୌଣସି ଆନ୍ଦୋଳନ କରିବ ନାହିଁ।

– ମୋହନ ଭଗଓ୍ୱତ, ଆର୍‌ଏସ୍‌ଏସ୍ ମୁଖ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପରିବାର ବିରୋଧ ସତ୍ତ୍ୱେ ପ୍ରେମିକଙ୍କୁ ଛାଡ଼ିପାରିଲେନି

## ବିମାନବନ୍ଦରରୁ ପ୍ରେମୀଯୁଗଳ ଉଦ୍ଧାର

### ଷଡ଼ଯନ୍ତ୍ର କରି ଝିଅକୁ ଫସାଇ ଦିଆଯାଇଥିବା ଅଭିଯୋଗ

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ବେଙ୍ଗାଲୁରୁରେ ରହୁଥିବା ଏକ ପ୍ରେମୀଯୁଗଳ ଗୁରୁବାର ବିମାନ ଯୋଗେ ଭୁବନେଶ୍ୱର ଆସୁଥିଲେ। ତେବେ ଯୁବତୀଙ୍କ ପରିବାର ଲୋକେ ସେମାନଙ୍କ ବିବାହ ପାଇଁ ରାଜି ନ ଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କାରେ ଦୁହେଁ କମିଶନରେଟ ପୋଲିସକୁ ଟୁଇଟ କରି ସହାୟତା ଲୋଡ଼ିବା ସହ ଏ ନେଇ ଏୟାରପୋର୍ଟ ଥାନାକୁ ଜଣାଇଥିଲେ। ପ୍ରେମୀଯୁଗଳ ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପୋଲିସ ଉଭୟଙ୍କୁ ଉଦ୍ଧାର କରିଛି। ଦୁହିଁଙ୍କୁ ଥାନାକୁ ନିଆଯିବା ପରେ ସେଠାକୁ ଉଭୟ ପକ୍ଷର ପରିବାରବର୍ଗ ଆସିଥିଲେ। ଏନେଇ ଏୟାରପୋର୍ଟ ଥାନାଧିକାରୀ କହିଛନ୍ତି, ପ୍ରେମୀଯୁଗଳ ଦୁହେଁ ସାବାଳକ। ସୁରକ୍ଷା ପାଇଁ ସେମାନେ ପୋଲିସର ସହାୟତା ଲୋଡ଼ିବାରୁ ଉଭୟଙ୍କୁ ଥାନାକୁ ଅଣାଯାଇଥିଲା। ଥାନାରେ କଥାବାର୍ତ୍ତା ପରେ ଯୁବତୀଙ୍କ ପରିବାର ଲୋକେ ଫେରିଯାଇଛନ୍ତି। ଏଥିସହ ପ୍ରେମୀଯୁଗଳ ସୁରକ୍ଷିତ ଭାବେ ଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଷଡ଼ଯନ୍ତ୍ର କରାଯାଇ ତାଙ୍କ ଝିଅକୁ ଫସାଇ ଦିଆଯିବା ସହ ଭବିଷ୍ୟତ ନଷ୍ଟ କରିବାକୁ ଚେଷ୍ଟା କରାଯାଇଛି ବୋଲି ସମ୍ପୃକ୍ତା ଯୁବତୀଙ୍କ ବାପା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଭୁବନେଶ୍ୱରର ଖଣ୍ଡଗିରି ଥାନା ଅଞ୍ଚଳରେ ଏହି ପ୍ରେମୀ ଯୁଗଳଙ୍କ ଘର। ୨୪ ବର୍ଷୀୟା ଯୁବତୀ ଜଣକ ବେଙ୍ଗାଲୁରୁରୁ ଏମ୍‌ବିବିଏସ୍ ପାସ୍ କରିବା ପରେ ସେଠାରେ ଡାକ୍ତର ଅଛନ୍ତି। ତାଙ୍କ ପ୍ରେମିକ ଗଗନଦୀପ ସିଂ ମଧ୍ୟ ସେଠାରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଉଭୟଙ୍କ ମଧ୍ୟରେ ୬ବର୍ଷ ତଳୁ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ହେଲେ ଯୁବତୀଙ୍କ ପରିବାରଲୋକେ ସେମାନଙ୍କ ସମ୍ପର୍କକୁ ବିରୋଧ କରିଆସୁଛନ୍ତି। ଯୁବତୀ ଜଣକ ୧୫ଦିନ ତଳେ ଘରକୁ ଆସିଥିଲେ। ତାଙ୍କ ବିବାହ ପାଇଁ ପାତ୍ର ଦେଖିବାକୁ ବାପାଙ୍କୁ କହିଥିଲେ। କିନ୍ତୁ ବେଙ୍ଗାଲୁରୁ ଯିବା ପରେ ବୁଧବାର ତାଙ୍କ ମା'ଙ୍କୁ ଫୋନ କରି ଗଗନଦୀପଙ୍କୁ ସେ ବିବାହ କରିବେ, ଆଉ ଘରକୁ ଫେରିବେନି ବୋଲି କହିଥିଲେ। ଏନେଇ ଯୁବତୀଙ୍କ ବାପା ଜାଣିବା ପରେ ରାଗିଯାଇଥିଲେ। ସେ ତୁରନ୍ତ ବେଙ୍ଗାଲୁରୁ ଯିବା ପାଇଁ ଫ୍ଲାଇଟ ବୁକ୍ କରିଥିଲେ। ଏହା ଜାଣିବା ପରେ ଯୁବତୀ ଜଣକ ଗୁରୁବାର ଭୁବନେଶ୍ୱର ଫେରିବେ ବୋଲି ରାଜି ହୋଇଥିଲେ। ଏପଟେ ଉଭୟ ପକ୍ଷଙ୍କ ପରିବାର ଲୋକେ ସେମାନଙ୍କୁ ଏୟାରପୋର୍ଟ ନିକଟରେ ଅପେକ୍ଷା କରିଥିଲେ। ଏ ନେଇ ସେଠାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ପ୍ରେମୀଯୁଗଳ ପୋଲିସର ସହାୟତା ଲୋଡ଼ିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ସତ୍ୟପାଠରେ ତଥ୍ୟ...

ସରକାରଙ୍କ ଓକିଲ ଏହି ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରିଛନ୍ତି। ଗଛ କଟା ଏବେ ବନ୍ଦ ରହିଛି। ଗଛ କଟାକୁ ନେଇ ହାଇକୋର୍ଟଙ୍କ ଆଭିମୁଖ୍ୟକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ ନ୍ୟାୟିକ ପ୍ରକ୍ରିୟାରେ ସାମିଲ ହେବେ ବୋଲି ଏହାର ଆବାହକ ସୁଦର୍ଶନ ଦାସ କହିଛନ୍ତି।

## ଚିତ୍ର ଆଙ୍କି ଗଛକଟାକୁ...

ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶହ ଶହ ଗଛ କଟାଯାଇଥିବା ସ୍ଥାନରେ ପିଲାମାନେ ବସି ଚିତ୍ର ମାଧ୍ୟମରେ ବିରୋଧ କରିଥିଲେ। ଗଛ ନାହିଁ ତ ଜୀବନ ନାହିଁ, ଗଛ ହିଁ ଜୀବନ ଧାରଣର ମୁଖ୍ୟ ଆୟୁଧ ଓ ଗଛ ପାଇଁ ପରିବେଶ ସନ୍ତୁଳନ ହୋଇପାରିବ ବୋଲି ପିଲାମାନେ ସେମାନଙ୍କ ଚିତ୍ରାଙ୍କନରେ ବାର୍ତ୍ତା ଦେଇଥିଲେ। ସରକାର ଗଛକଟାରୁ କ୍ଷାନ୍ତ ରୁହନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଏଥିପାଇଁ ପୁରସ୍କାର ସ୍ୱରୂପ ଗୋଟିଏ ଗଛ ସହିତ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତିବ୍ବତ ସଂସଦର ନିର୍ବାସିତ ଉପବାଚସ୍ପତି ଆଚାର୍ଯ୍ୟ ୟେଶୀ ପୁଣ୍ଟସୋକ ଯୋଗଦେଇ ପିଲାଙ୍କୁ ପ୍ରୋତ୍ସାହିତ କରିବା ସହ ଗଛ ନ କାଟିବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଯୁଗ୍ମ ଆବାହକ ବାସୁଦେବ ଭଞ୍ଜଙ୍କ ସମେତ ପ୍ରବକ୍ତା ପ୍ରସନ୍ନ ବିଶୋଇ, ଅସିତ୍ ପାଣିଗ୍ରାହୀ, ସୁଜାତା ପଶାୟତ, ଗୀତାଞ୍ଜଳି ମହାନ୍ତି, ସରିତା ସାମଲ, ସ୍ନେହଲତା ମିଶ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଏଥିରେ ପ୍ରେରଣାର ଅଧ୍ୟକ୍ଷ ଦିଲୀପ ଶ୍ରୀଚନ୍ଦନ, ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ, ମାନବାଧିକାର କର୍ମୀ ଅଭିନ୍ନ ହୋତା, ଗିରିଜା ଦାଶ, ସୁଧୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ଆଜି ବ୍ରଜରାଜନଗର...

୬୩ କାଉଣ୍ଟିଂ ଏଜେଣ୍ଟ ଆବେଦନ କରିଛନ୍ତି । ଭୋଟ ଗଣନା କାର୍ଯ୍ୟକୁ ଜନସାଧାରଣ htts//results.ecoigov.inରେ ଦେଖି ପାରିବେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମତଗଣନା କେନ୍ଦ୍ର ନିକଟରେ ମିଡିଆ ସେଣ୍ଟର ଖୋଲାଯାଇଛି। ଗଣନା କେନ୍ଦ୍ର ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧିମାନେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କିମ୍ବା ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହାୟତାରେ ୨-୩ ଜଣ ଲେଖାଏ ପ୍ରବେଶ କରି ଖବର ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି ବୋଲି ଲୋହାନୀ ସୂଚନା ଦେଇଛନ୍ତି। ନିର୍ବାଚନରେ ମୋଟ ୨,୧୫,୮୭୮ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି।

## ମାନହାନି ମାମଲା...

ଦେଇଥିବା ନେଇ ମଧ୍ୟ ଅମ୍ବର ଟ୍ରାଏଲବେଳେ କହିଥିଲେ। ଏଥିସହ ଅମ୍ବର ମଧ୍ୟ ଜନିଙ୍କୁ ମାଡ଼ ମାରିଥିବା କଥା ଅଭିନେତା ଜଣକ ଅଭିଯୋଗ କରିଥିଲେ। ଜନି ଓ ଅମ୍ବରଙ୍କ ଭିତରେ ଟେସ୍‌ଲା ମାଲିକ ଏଲନ ମସ୍କଙ୍କ କଥା ମଧ୍ୟ ଉଠିଥିଲା। ସୂଚନାଯୋଗ୍ୟ, ଅମ୍ବର ଛାଡ଼ପତ୍ର ପରେ ମସ୍କଙ୍କ ସହ ସମ୍ପର୍କରେ ଥିଲେ। ହେଲେ ଛାଡ଼ପତ୍ର ପୂର୍ବରୁ ଅମ୍ବର ଓ ମସ୍କଙ୍କ ମଧ୍ୟରେ ସମ୍ପର୍କ ଥିଲା ବୋଲି ଜନି କୋର୍ଟରେ କହିଥିଲେ। ଏହାକୁ ନେଇ ମସ୍କ ମଧ୍ୟ ଏକ ଟୁଇଟ କରିଥିଲେ। ଉଭୟ ଜନି ଓ ଅମ୍ବର ଭଲ ପ୍ରଦର୍ଶନ କରୁଛନ୍ତି। ସେମାନେ ଆହୁରି ଆଗକୁ ଯାଆନ୍ତୁ ବୋଲି ଏକ ପୋଷ୍ଟର ଉତ୍ତର ଦେଇ ମସ୍କ ଚିଡ଼େଇବା ଢଙ୍ଗରେ ଲେଖିଥିଲେ।

## ସରିଲା ଶୁଣାଣି...

ପାଇଁ ଏଏସ୍‌ଆଇ ନିର୍ଦ୍ଦେଶକ ବା କମିଶନରଙ୍କ ଏନ୍‌ଓସି ଆଣିବା ବାଧ୍ୟତାମୂଳକ। ସେହିପରି ରେଗୁଲେଟେଡ୍ ଏରିଆରେ ମଧ୍ୟ ନିର୍ମାଣ ପାଇଁ ଏଏସ୍‌ଆଇ ଅନୁମତିର ଆବଶ୍ୟକ ରହିଥିବାବେଳେ ତାହା ମଧ୍ୟ କରାଯାଇ ନାହିଁ। ଏଭଳି ବେଆଇନ ନିର୍ମାଣ କାର୍ଯ୍ୟ ଆମ୍‌ସାର ଆଇନର ଦଫା ୨୦ ଏ, ବି ଏବଂ ସିର ଖୋଲା ଉଲ୍ଲଂଘନ। ନ୍ୟାଶନାଲ ମନୁମେଣ୍ଟ ଅଥରିଟି(ଏନ୍‌ଏମ୍‌ଏ) ଏନ୍‌ଓସି ଦେବା ପାଇଁ ପ୍ରାଧିକୃତ ନୁହେଁ ବରଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ଅନୁମତି ଏଥିପାଇଁ ଜରୁରୀ ବୋଲି ମହାଲକ୍ଷ୍ମୀ ଯୁକ୍ତି ବାଢ଼ିଥିଲେ। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ନିଜର ଯୁକ୍ତି ଉପସ୍ଥାପନ କରି ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରକଳ୍ପ ପାଇଁ ଆବଶ୍ୟକ ଅନୁମତି ପାଇଛନ୍ତି ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ପ୍ରାଧିକୃତ କର୍ତ୍ତୃପକ୍ଷ ବୋଲି ଆମ୍‌ସାର ଆକ୍ଟରେ ଉଲ୍ଲେଖ ରହିଛି। ସେହି ଅନୁସାରେ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟ ବୃଦ୍ଧି ଏବଂ ଶ୍ରଦ୍ଧାଳୁଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏକ ବିଶ୍ୱ ଐତିହ୍ୟ ସ୍ଥଳରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ କ'ଣ ଶୌଚାଳୟ ନିର୍ମାଣ କରାଯାଇ ପାରିବ ନାହିଁ ବୋଲି ପରିଜା ପ୍ରଶ୍ନ କରିଥିଲେ। ଶ୍ରୀମନ୍ଦିରକୁ ଦୈନିକ ବହୁ ଶ୍ରଦ୍ଧାଳୁ ଆସୁଛନ୍ତି। ସେମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ମଧ୍ୟ ଅଧିକ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଶୌଚାଳୟର ଅଭାବ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଥିଲେ। ନିର୍ମାଣର ଅର୍ଥ ହେଉଛି ଗୋଟିଏ ନୂଆ ଜିନିଷ ତିଆରି କରିବା। ମରାମତି କିମ୍ବା ପୁରୁଣା ଜିନିଷର ନବୀକରଣ ବା ନାଳ, ନର୍ଦ୍ଦମା ଆଦି ସଫା କରିବା ନୁହେଁ। ତେଣୁ ୧୦୦ମିଟର ମଧ୍ୟରେ ଲୋକଙ୍କୁ ଅଧିକ ସୁବିଧା ଯୋଗାଇବା ଏବଂ ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ପରିଜା କହିଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ପିନାକୀ ମିଶ୍ର କହିଥିଲେ ଯେ, ପୁରୀରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ୧୫ରୁ ୨୦ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମନ୍ଦିର ଚାରିପାର୍ଶ୍ୱରେ କମ୍ ଜାଗା ରହିଥିବାରୁ ଅତୀତରେ ଦଳାଚକଟା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିବାର ନଜିର ରହିଛି। ତେଣୁ ମନ୍ଦିର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଉକ୍ତ ଅଞ୍ଚଳକୁ ପ୍ରଶସ୍ତ କରିବାରେ ସହାୟକ ହେବ। ଏହି ପ୍ରକଳ୍ପ ପାଇଁ ସେବାୟତଙ୍କ ସମର୍ଥନ ରହିଛି ବୋଲି ମିଶ୍ର କହିଥିଲେ। ସୂଚନାଯୋଗ୍ୟ, ଗତ ୯ତାରିଖରେ ହାଇକୋର୍ଟ ଶ୍ରୀମନ୍ଦିର ଚାରିପାଖେ ହେଉଥିବା ନିର୍ମାଣକୁ ସ୍ଥଗିତ କରିବା ନେଇ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ବିରୋଧରେ ଗତ ୨୩ ତାରିଖରେ ଅର୍ଦ୍ଧେନ୍ଦୁ ଦାସ ଏବଂ ୨୭ ତାରିଖରେ ସୁମନ୍ତ ଘଡ଼େଇ ସୁପ୍ରିମକୋର୍ଟରେ ୨ଟି ପୃଥକ୍ ସ୍ପେଶାଲ ଲିଭ୍ ପିଟିଶନ ଆବେଦନ କରିଥିଲେ।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳର ଅଟେ ବିପରୀତ ଗତି**
**ଦଣ୍ଡକେ କୋରଡ଼ା,ଦଣ୍ଡକେ ଛତି।**

ମଣିଷ କେତେବେଳେ ଦୁଃଖ ଦୁର୍ଦ୍ଦଶାରେ ପଡ଼ି ଘାଣ୍ଟି ଚକଟି ହେଉଥାଏ ତ କେତେବେଳେ ସମୟ ବଦଳିଗଲେ ଅୟସରେ ଦିନ ବିତାଉଥାଏ। କେତେବେଳେ ହାତକଡ଼ି ପିନ୍ଧିଥିବା ଅବସ୍ଥାରେ ପ୍ରହାର ମିଳିଥାଏ ତ ପରକ୍ଷଣରେ ମୁଣ୍ଡ ଉପରେ ପାଟଛତା ରହିଥାଏ। ମଣିଷ ଅବସ୍ଥା ଚିର ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଖାରୁ ଡଙ୍କ !**
**ବଡ଼ ଘର ପୁଅ ଏଡ଼ିକି ରଙ୍କ।**

ଯାହା ଘରେ ସବୁ ଅଛି, ଅଭାବ ଅନଟନ ବୋଲି କିଛି ନାହିଁ , ସେ ଘରର ପିଲା ମଧ୍ୟ ବାହାରେ କେଉଁଠି ଜାଗା ଅଜାଗା ନ ବାରି ଭଲ ଜିନିଷ ଦେଖିଲେ ନ ଖାଇବା ନ ପାଇବା ଭଳି ବିକଳ ହୋଇ ଖାଇବାକୁ ଇଚ୍ଛା କରୁଥିବାର ଲକ୍ଷ୍ୟ କରାଯାଇଥାଏ। ସ୍ୱାଦିଷ୍ଟ ଜାଣିଥିବା ବ୍ୟକ୍ତିର ଖାଦ୍ୟ ପ୍ରତି ଅଧିକ ଆସକ୍ତି ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ –
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ୍ ହେବେ। ପୂର୍ବରୁ ଥିବା ବିବାଦ ପରିପ୍ରେକ୍ଷୀରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ନିର୍ମାଣ, ପ୍ରକାଶନ, ଗଣ ଯୋଗାଯୋଗ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ**



ସମସ୍ୟା ସମାଧାନ ପୂର୍ବକ କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ। ନିକଟ ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ। ସନ୍ତାନ ହେତୁକ ଦୁଶ୍ଚିନ୍ତାରେ ସାମୟିକ ମନ ଭାରାକ୍ରାନ୍ତ ରହିବ।

**ମିଥୁନ**



ବିବଦମାନ ପରିସ୍ଥିତି ସୃଷ୍ଟି ହେତୁ ପରିବାରରେ ସ୍ତ୍ରୀଙ୍କ ସହ ମତଭେଦ ଘଟିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସାମାଜିକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କର୍କଟ**



ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ନିଜ ଲୋକଙ୍କୁ ଭୁଲ୍ ବୁଝି ହଇରାଣରେ ପଡ଼ିପାରନ୍ତି। ଆଜି ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ୍ ଦୂର ହେବ। ବ୍ୟବସାୟ, ଯାତ୍ରା, ଆଲୋଚନା କ୍ଷେତ୍ରରେ ସଫଳତାର ଶୀର୍ଷରେ ଉପନୀତ ହେବେ।

**ସିଂହ**



ମନ ବିଚଳିତ ରହିବା କାରଣରୁ କେତେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଅସମର୍ଥ ହୋଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଅଫିସରେ କିମ୍ବା ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**କନ୍ୟା**



କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ପଡ଼ୋଶୀଙ୍କ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**



ପ୍ରଚଣ୍ଡ ଖରାରେ ଦୀର୍ଘପଥ ଅତିକ୍ରମ କରିବା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ପରିଲକ୍ଷିତ ହେବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ହଠାତ୍ ଜଣେ ବନ୍ଧୁଙ୍କ କାମରେ ଯୋଗ ଦେବା ପାଇଁ ମନ ଛଟପଟ ହେବ। ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା**



ଯାତ୍ରା ସମୟରେ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ସହମତି ଭିତ୍ତିରେ କିମ୍ବା ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ସଂଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। କଳା, ସାହିତ୍ୟ ଓ ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ**



ପାରିବାରିକ ସମସ୍ୟା କେତେକାଂଶରେ କମି ଯାଇଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ପାରିବାରିକ ପ୍ରତିରୋଧ କାମକୁ କେତେକାଂଶରେ ବିଶୃଙ୍ଖଳିତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**



ଆଜି ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ସଫଳତାର ଶୀର୍ଷକୁ ଛୁଇଁବ। କାହା ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ଭୋଗିବାକୁ ପଡ଼ିବ। ଅତି ଭଲ ସମ୍ପର୍କ ରଖିଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ**



ମନରେ ଦୀର୍ଘଦିନରୁ ଅଶାନ୍ତି ଭରି ରହିଥିଲେ ମଧ୍ୟ କାମରେ କୌଣସି ଅସୁବିଧା ହେବ ନାହିଁ। ସାଧାରଣ ମନେ ନ କରି ପିଲାମାନଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରିବା ଭଲ ହେବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି।

**ମୀନ**



କାର୍ଯ୍ୟସିଦ୍ଧି ହେବା କାରଣରୁ ମାନସିକ ସ୍ଥିତି ବହୁତ ଭଲ ରହିବ। ବହୁତ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ି ହୋଇଯିବ। ଜମିଜମା କାରବାର, କଳକାରଖାନା, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ। ବିଶେଷ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ।


# classifieds Everyday

0674-2580101, 2549302





**SALE**

Maruti Breeza, Scorpio 2016, 2013 XUV500-2018 for sale. 7381091234, 9861194627. D-73256





5000sqft. Open space on rent at NH.316 near Sai Temple, Gudiapokhari. Contact: 9861067745/ 8093280650. D-590





**ଅଗରବତି ପେପରପ୍ଲେଟ୍ ମେସିନ ବସାଇ ମାସିକ** 20000 **ଟଙ୍କା ରୋଜଗାରକ୍ଷମ ହୁଅନ୍ତୁ। ଯୋଗାଯୋଗ-** 8249230728. D-73323

**Institute of Astroguideର** ନିଜସ୍ୱ ପ୍ରସ୍ତୁତ କାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ **30,000** ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। **7008510005, 9437932751.** D-73805

**LEGAL NOTICE**

Draft Notice

U/O5, Rule20 of Civil Procedure Code.
In the Court of the Civil Judge, (Senior Division), Angul. Civil Suit No.-271/2013
Sisir Rout and others ....Plaintiffs
Versus
Nilamani Samal and others .....Defendants

To,
1. Nilamani Samal, aged about 47 years, Son of Late Bhaskar Samal, 2. Kelu Samal, aged about 72 years, Son of Late Mangei @ Mangaraj Samal both are of Village/P.O: Kalandapal, P.S.- Banarpal, Dist.- Angul
Take Notice that,

Whereas the plaintiffs have instituted a suit for declaration and cancellation of registered sale deed bearing number 10011306031 dtd 24.09.2013.

You are hereby summoned to appear in this Court in person or by a pleader on the 5th day of July 2022 at 10.30 A.M./ P.M to answer the same, failing which the case shall be disposed of exparte against you.

Given Under my hand and the seal of the Court, this 10th day of May 2022.
Sd./- Court of the Civil Judge (S.D) Angul
D-624





**SALE**

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

**ଭୁବନେଶ୍ୱର Sum Hospitalରୁ 2K.M. ଦୂରତାରେ BDA yellowzone plot ଏବଂ ନୂଆଗାଁ ମଳିପଡ଼ା 100ft. wide roadକୁ ଲାଗି ମିଳୁଛି। Owner- 9090963952.** D-73255

Ready to move 2BHK flat at prime location near Ravitalkies Square @82lakhs. 9861037729, 9040337729. D-73613

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487





Newly open SPA positively health benefits by expert therapist. 8455987557. D-73611

Mesmerizing, energetic body, mind qualitative, relaxing massage experienced therapists, 9668374480. D-73610

Newly open SPA positively health benefit with expert. Contact: 7749976301. D-73809

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807

Full body massage relax your body mind by best therapist. 9861193818. D-73612

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

I, Sri Banamali Khamari, S/o- Balmiki Khamari of Ghagurli, P.S.- Belpada, Dist.- Balangir, Odisha declare that I lost my registed deed of sale bearing No.- 1391/2004, recorded in my name on date 31.05.2022 at Balangir while I was moving daily market, Balangir. The matter is intimated at Town P.S- Balangir vide S.D. No.-09 date 01.06.22. If found please contact: 8018259096. D-632

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


# ଯୁକ୍ତ୨ ଖାତା ମୂଲ୍ୟାୟନ ଆରମ୍ଭ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଖାତା ମୂଲ୍ୟାୟନ ଗୁରୁବାରଠାରୁ ଆରମ୍ଭ ହୋଇଛି। ୬୪ଟି ମୂଲ୍ୟାୟନ କେନ୍ଦ୍ରରେ ଅଫ୍‌ଲାଇନ୍ ଓ ୩୭ଟି ମୂଲ୍ୟାୟନ କେନ୍ଦ୍ରରେ ଅନ୍‌ଲାଇନ ମାଧ୍ୟମରେ ମୂଲ୍ୟାୟନ ହେଉଛି। ୨ଟି ପର୍ଯ୍ୟାୟରେ ଖାତାଦେଖା ସରିବ। ପ୍ରଥମ ପର୍ଯ୍ୟାୟ ଜୁନ୍ ୧୨ ଯାଏ ଚାଲିବ ଓ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଜୁନ୍ ୧୩ରୁ ୨୨ ତାରିଖ ଯାଏ ହେବ। ଜୁନ୍ ୪ରେ ଖାତାଦେଖା ବନ୍ଦ ରହିବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନାଯୋଗ୍ୟ, ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ଯୁକ୍ତ୨ ପରୀକ୍ଷା ଜୁନ ୪ରେ ସରିବ। ହେଲେ ଏହା ପୂର୍ବରୁ ଜୁନ ୨ରୁ ଖାତାଦେଖା ଆରମ୍ଭ ହେବ ଓ ପରୀକ୍ଷା ସରିଥିବା ବିଷୟର ଖାତା ପ୍ରଥମେ ଦେଖାହେବ ବୋଲି ପୂର୍ବରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ଖାତା ଦେଖା ଆରମ୍ଭ ହୋଇଛି। ଏଥିମଧ୍ୟରେ ପଲିଟିକାଲ ସାଇନ୍ସ, ହିଷ୍ଟ୍ରି, ଓଡ଼ିଆ, ଏଜୁକେଶନ, ଫିଜିକ୍ସ, କେମିଷ୍ଟ୍ରି, ଅର୍ଥନୀତି, ଇଂଲିଶ ଆଦି ବିଷୟ ଅନ୍ତର୍ଭୁକ୍ତ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ପରେ ଜୁଲାଇ ପ୍ରଥମ ସପ୍ତାହରେ ରେଜଲ୍ଟ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଏଥର ଯୁକ୍ତ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବିଷୟରେ ରାଜ୍ୟରେ ମୋଟ ୩ ଲକ୍ଷ ୨୦ ହଜାର ପିଲା ପରୀକ୍ଷା ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୩୭,୫୬,୨୭୨ | ୬୩,୧୬,୪୩୫ | ୫୦,୪୬,୮୯,୨୭୬ |
| ଭାରତ | ୪,୩୧,୬୫,୭୩୮ | ୫,୨୪,୬୪୧ | ୪,୨୬,୨୦,୩୯୪ |
| ଓଡ଼ିଶା | ୧୨,୮୮,୪୬୫ | ୯୧୨୬(+୫୩) | ୧୨,୭୯,୨୧୪ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଶାରଳା ମନ୍ଦିରକୁ ୪୨ କୋଟି

- ■ ମାଷ୍ଟର ପ୍ଲାନକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
- ■ ନିର୍ମାଣ ହେବ ସାରଳା ଦାସଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ଝଟକିବ ଝଙ୍କଡ଼ବାସିନୀ ମା' ଶାରଳାଙ୍କ ପୀଠ। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଉନ୍ନତୀକରଣ ଲାଗି ୪୨ କୋଟି ଟଙ୍କା ଖର୍ଚ୍ଚ ହେବ। ନଣ୍ଡା ଦେଉଳ ବରଗଛ ନିକଟରେ ସାରଳା ଦାସଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଏଥିପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିବା ସହ ଏସବୁ କାର୍ଯ୍ୟ ବର୍ଷକ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୁବନେଶ୍ୱରରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଯୋଜନା ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପୀଠ ପରିସରରେ ଥିବା ମନ୍ଦିରସମୂହ, ପୁଷ୍କରିଣୀର ବିକାଶ କରାଯିବ। ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦ୍ୱାର ସହ ଐତିହ୍ୟ ପାଚେରି ନିର୍ମାଣ ହେବ। ରୋଷଘର, ଆନନ୍ଦ ବଜାର, ଗୋଦାମ ଘର, ଚନ୍ଦନ ପୋଖରୀ ବିକାଶ, ଚଲାପଥ, ମୁଣ୍ଡନ ମଣ୍ଡପ, ନୂତନ ଦୋଳବେଦି, ମହାବୀର ମନ୍ଦିରର ପୁନର୍ବିନ୍ୟାସ କରାଯିବ। ଯାତ୍ରୀ ତଥା ସେବାୟତଙ୍କ ସୁବିଧା ପାଇଁ ଭୋଗ ମଣ୍ଡପ, ଦୀପ ମଣ୍ଡପ, ଜୋତା ଷ୍ଟାଣ୍ଡ, ପୋଲିସ କଣ୍ଟ୍ରୋଲ ରୁମ୍, ମନ୍ଦିର କାର୍ଯ୍ୟାଳୟ, ବିଶ୍ରାମ କକ୍ଷ, ଶୌଚାଳୟ ନିର୍ମାଣ କରାଯିବ। ଯାତ୍ରୀଙ୍କ ରହଣି ପାଇଁ ଥିବା ବ୍ୟବସ୍ଥାକୁ ଆହୁରି ବ୍ୟବସ୍ଥିତ କରାଯିବ। ମନ୍ଦିର ପାର୍ଶ୍ୱ ବ୍ୟବସାୟୀ ଥଇଥାନ ହେବେ। ସମ୍ପ୍ରତି ଶପିଂ କମ୍ପ୍ଲେକ୍ସର ପୁନର୍ବିନ୍ୟାସ କରାଯାଇ ୭୨ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ସେଠାରେ ଯାନବାହନ ପାର୍କିଂ ସହ ଶୌଚାଳୟର ସୁବିଧା ରହିବ। ଝଙ୍କଡ଼ ପୀଠ ସହିତ ଓଡ଼ିଆ ସାହିତ୍ୟର ଉନ୍ମେଷ ଜଡ଼ିତ। ମା'ଙ୍କ କୃପାରୁ ଆଦିକବି ସାରଳା ଦାସ ସିଦ୍ଧି ଲାଭ କରି ଓଡ଼ିଆ ଭାଷାରେ ମହାଭାରତ ରଚନା କରିଥିଲେ। ତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ସମ୍ପ୍ରସାରଣ କରାଯିବାକୁ ଯୋଜନା ରହିଛି।

ଅଷ୍ଟମ ଶତାବ୍ଦୀରେ ଭୌମକର ବଂଶର ରାଜାମାନଙ୍କ ଦ୍ୱାରା ନିର୍ମିତ ଶାରଳା ମନ୍ଦିର ଓଡ଼ିଶା ଶକ୍ତି ପୂଜାର ପ୍ରାଚୀନ ପୀଠ। ଏହାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ନିକଟରେ ପୀଠ ପରିଦର୍ଶନ କରି ସେବାୟତ, ସ୍ଥାନୀୟ ବାସିନ୍ଦା, ଜିଲା ପ୍ରଶାସନ ସହ ଆଲୋଚନା କରିବା ସହ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଉପକ୍ରମରେ ମନ୍ଦିର ଉନ୍ନତୀକରଣ କାମ ଆରମ୍ଭ କରିବା ପାଇଁ ଏହାକୁ ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଅଫ୍ ହେରିଟେଜ ଆଣ୍ଡ ମନୁମେଣ୍ଟସ ଆଣ୍ଡ ଟୁରିଷ୍ଟ ଡେଷ୍ଟିନେଶନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଆଲୋଚନାରେ ଭାଗ ନେଇଥିବା ସେବାୟତମାନେ ପୀଠର ଉନ୍ନତି ପାଇଁ ସରକାରଙ୍କ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ବୈଠକରେ ୫-ଟି ସଚିବ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଜଗତ୍‌ସିଂହପୁର ଜିଲାପାଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

## ବିଶ୍ୱନାଥ ସିଂ ଜାଡୋନଙ୍କୁ ପ୍ରିନ୍ସିପାଲ ଏଜି ଦାୟିତ୍ୱ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**



ବିଶ୍ୱନାଥ ସିଂ ଜାଡୋନ ନୂଆ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଅଡିଟ-୨) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ତାମିଲନାଡୁ ଓ ପଣ୍ଡିଚେରୀର ଆକାଉଣ୍ଟାଣ୍ଟ ଜେନେରାଲ ଭାବେ କାର୍ଯ୍ୟ କରିଛନ୍ତି। ଜାଡୋନ ଲଣ୍ଡନର ପ୍ରିନ୍ସିପାଲ ଡାଇରେକ୍ଟର ଅଫ୍ ଅଡିଟ ଭାବେ କାର୍ଯ୍ୟ କରିଛନ୍ତି। ୨୦୦୩ ବ୍ୟାଚ୍ ଇଣ୍ଡିଆନ ଆଣ୍ଡ ଆକାଉଣ୍ଟସ ସର୍ଭିସ ଅଫିସର ଜାଡୋନ ଥର୍ମାଲ ଇଞ୍ଜିନିୟରିଂରେ ଏମ୍.ଟେକ୍ କରିବା ସହ ୟୁଏସ୍ଏ ସ୍ଥିତ ଆଇଏସ୍ଏସିଏରୁ ମଧ୍ୟ ଇନ୍‌ଫରମେଶନ ସିଷ୍ଟମ୍ ଅଡିଟର ଭାବେ ଯୋଗ୍ୟତା ହାସଲ କରିଛନ୍ତି।

## ସୋନପୁରରେ ୪୪.୮ ଡିଗ୍ରୀ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**



ରାଜ୍ୟରେ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ପାରଦ ଉପରମୁହାଁ ହେବାରୁ ଅନେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ଏପରିକି କେତେକ ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ଉପରକୁ ମଧ୍ୟ ଉଠିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ତାପମାତ୍ରା ୪୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪.୫, ଟିଟିଲାଗଡ଼ ୪୪.୪, ମାଲକାନଗିରି ୪୩.୫, ଝାରସୁଗୁଡ଼ା ୪୩.୪, ସମ୍ବଲପୁର ୪୩.୮, ହୀରାକୁଦ ୪୩.୬, ଭବାନୀପାଟଣା ୪୩.୬, ବରଗଡ଼ ୪୩.୬, ବୌଦ୍ଧ ୪୨.୫, ଅନୁଗୋଳ ୪୧.୧, ନୂଆପଡ଼ା ୪୧.୪, ସୁନ୍ଦରଗଡ଼ ୪୧, ପାରଳାଖେମୁଣ୍ଡି ୪୧.୫, ନୂଆପଡ଼ା ୪୧.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ୫ ଓ ୬ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି, ରାୟଗଡା, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି।







ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ । ଯେଉଁସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର । ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ । -ଶ୍ରୀମା



# ବୈଶ୍ୱିକ ଖାଦ୍ୟାଭାବର ସମାଧାନ



କୌଶିକ ବସୁ

ଖାଦ୍ୟାଭାବ ସାରା ବିଶ୍ୱରେ ଏବେ ସମସ୍ୟାର ଏକ କଳା ବାଦଲ ବିଛାଇବା ଆରମ୍ଭ କରୁଛି । ଏହା ବ୍ୟତୀତ ଆଉ ଏକ ଦୀର୍ଘକାଳିକ କାରକ ପୃଥିବୀକୁ ଉତ୍ତପ୍ତ କରୁଛି, ଯାହା ଧୀରେ ଧୀରେ ଚାଷ ଜମି ନଷ୍ଟ କରିଚାଲିଛି । କିନ୍ତୁ ସବୁଠୁ ବଡ଼ ଚିନ୍ତା ତଥା କ୍ଷତିର କାରଣ ହେଉଛି ୟୁକ୍ରେନ୍ ଯୁଦ୍ଧ ଓ ପୁଟିନଙ୍କ ବ୍ଲାକ୍ ସି' ଅବରୋଧ, ଯାହା ଓଡେଶା ବନ୍ଦରରୁ ୟୁକ୍ରେନ୍‌ର ଶସ୍ୟ ଏବଂ ସାର ବାହାରକୁ ଯିବାରେ ବାଧା ସୃଷ୍ଟି କରୁଛି । ଏହା ଏକ ଅତି ଜରୁରୀ ସମସ୍ୟା ଓ ବର୍ତ୍ତମାନ ନୀତିନିର୍ଦ୍ଧାରକମାନେ କୌଣସି ପ୍ରକାରେ ଏହାକୁ ଶୀଘ୍ର ସମାଧାନ କରିବା ଲାଗି ଚେଷ୍ଟା କରୁଛନ୍ତି । ତେବେ ଏବେକାର ଖାଦ୍ୟାଭାବ ସମସ୍ୟାରୁ ମୁକୁଳିବା ଲାଗି ଯଦି ଚାହୁଁଛେ ତେବେ ଜରୁରିକାଳୀନ ପଦକ୍ଷେପ ପରେ ବି ଆଉ ଏକ ସାଧାରଣ ସମସ୍ୟା ରହିଛି, ଯାହା ଉପରେ ଧ୍ୟାନ ଦେବା ଆବଶ୍ୟକ । ବୈଶ୍ୱିକ ନୀତି, ସମ୍ମେଳନ ଓ ବୁଝାମଣା ମାଧ୍ୟମରେ ଆଗକୁ ବଢୁଥିବା ଆର୍ଥିକ ଜଗତୀକରଣର ଧାରା ସହ ତାଳଦେଇ ଗତି କରିବାରେ ଆମେ ବିଫଳ ହେବା ଯୋଗୁ ଏହି ସମସ୍ୟାଟି ଉପୁଜିଛି, ଯାହା ଉପରେ ତୁରନ୍ତ ବିଚାର କରିବାକୁ ପଡ଼ିବ । ୨୦୧୯ର ଶେଷାର୍ଦ୍ଧରୁ କୋଭିଡ୍-୧୯ ମହାମାରୀ, ଯୋଗାଣ ଶୃଙ୍ଖଳରେ ଅବ୍ୟବସ୍ଥା ଏବଂ ପୁଟିନ୍‌ଙ୍କ ୟୁକ୍ରେନ ଆକ୍ରମଣ କାରଣରୁ ବିଶ୍ୱ ଲଗାତର ସଂକଟ ଦେଇ ଗତି କରିଆସିଛି । ଅନେକ ସମସ୍ୟା ବାସ୍ତବରେ ବିଭିନ୍ନ ଦେଶର ନାଗରିକମାନଙ୍କୁ ଗୋଟିଏ ପରେ ଗୋଟିଏ ନିଆଁ ଲିଭାଇବା ଭଳି କାର୍ଯ୍ୟ କରିବାକୁ ପ୍ରେରିତ କରିଛି । କିନ୍ତୁ ଆମେ ଯଦି ନିଆଁ ବିରୋଧରେ ଲଢ଼େଇ କରିବାରେ ସବୁ ସଂସାଧନ ଲଗାଇ ଦେବା ତେବେ ଆମେ ସମ୍ଭବତଃ ନୂତନ ଅଗ୍ନି ନିରୋଧକ ଉପାୟ ସୃଷ୍ଟି କରିବାରେ ବିଫଳ ହେବା । ଏହି ବିଚାରରେ, ସମସ୍ୟାଗୁଡ଼ିକର ମୂଳରେ ଥିବା କାରଣଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ସମାଧାନ କରିବା ଲାଗି ମୁଁ ଏବକାର ଚିନ୍ତାଜନକ ସ୍ଥିତି ଓ ଗମ୍ଭୀରତାରୁ ପଛକୁ ହଟିଯିବା ଲାଗି ଚାହେଁ ।

ୟୁକ୍ରେନ ଚାରିପାଖକୁ ଅବରୋଧ କରିବା ଠାରୁ ଆରମ୍ଭ କରି ଅନେକ ସମସ୍ୟା ଏବେ ସ୍ପଷ୍ଟ ହୋଇଛି । ୨୦୨୧ ପର୍ଯ୍ୟନ୍ତ, ୟୁକ୍ରେନ୍ ବାର୍ଷିକ ପାଖାପାଖି ୧୭ ମିଲିୟନ ଟନ୍ ଗହମ ରପ୍ତାନି କରୁଥିଲା । ବିଶ୍ୱର ମୋଟ୍ ଗହମ ରପ୍ତାନିର ଏହା ୮.୫% । କିନ୍ତୁ ରପ୍ତାନିରେ ବାଧା ଗହମର ଏଭଳି ଅତ୍ୟଧିକ ମୂଲ୍ୟ ବୃଦ୍ଧି କିମ୍ବା ବିଶ୍ୱରେ ଖାଦ୍ୟାଭାବ ଏବଂ ଏବକାର ଦୁର୍ଭିକ୍ଷର କାରଣ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ଏହା ଜାତୀୟ ଏବଂ ରାଜ୍ୟ ବା ଆଞ୍ଚଳିକ ସରକାରଗୁଡ଼ିକ ଏବଂ ଏପରି କି ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ଓ ପ୍ରତିକ୍ରିୟା ଉପରେ ନିର୍ଭର କରେ । ବିଶ୍ୱରେ ନୀତି ନିର୍ଦ୍ଧାରଣ ସମନ୍ୱୟ ଦୁର୍ବଳ ଥିଲାବେଳେ ଗଚ୍ଛିତ ଦ୍ରବ୍ୟର ଯୋଗାଣରେ ଅଭାବ ଦେଖାଯାଇଥାଏ ଓ ଖାଦ୍ୟାଭବ ସୃଷ୍ଟି ହୁଏ । ବିଭିନ୍ନ ଅନୁଧ୍ୟାନରୁ ମୁଖ୍ୟତଃ,୧୯୪୩ ବଙ୍ଗ ଦୁର୍ଭିକ୍ଷ ଉପରେ ଅମର୍ତ୍ତ୍ୟ ସେନ୍‌ଙ୍କ ଉତ୍କୃଷ୍ଟ ଗବେଷଣାରୁ ଏହା ଆମେ ଜାଣିବାକୁ ସକ୍ଷମ ହୋଇଛୁ ଏବଂ ଏହା ଏବେ ଘଟୁଥିବା ଦେଖୁଛୁ । ୟୁକ୍ରେନ ପାଖରେ କୌଣସି ବିକଳ୍ପ ନ ଥିବାରୁ ଏହା ଗହମ ରପ୍ତାନି ବନ୍ଦ କରିଛି । ଅନ୍ୟଦେଶଗୁଡ଼ିକ ମଧ୍ୟ ସମୁଦ୍ର ପଥରେ ପରିବହନକୁ ବନ୍ଦ କରିବାକୁ ଚାହିଁଛନ୍ତି । ଉଦାହରଣ ସ୍ୱରୂପ, ଭାରତ ମେ ୧୪ରେ ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ଲାଗି ମୌଖିକ ଘୋଷଣା କରିଛି । କେବଳ ଭାରତ ନୁହେଁ, ୨୭ଟି ଦେଶ ସେମାନଙ୍କ ନାଗରିକମାନଙ୍କ ପାଇଁ ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରିବା ଲାଗି ଗହମ ରପ୍ତାନିକୁ ସୀମିତ କରିଛନ୍ତି ।



ଏସବୁ କାରଣ ପାଇଁ ବିଶ୍ୱରେ ଗହମ ମୂଲ୍ୟ ଶୀଘ୍ର ବୃଦ୍ଧିପାଉଛି । କେବଳ ଭାରତର ଘୋଷଣା ହିଁ ୬% ମୂଲ୍ୟ ବୃଦ୍ଧି କରିଛି ।

ସମାନ ଧରଣର ଘଟଣା ପରିବାର ସ୍ତରରେ ବି ଘଟେ । ଖାଦ୍ୟାଭାବ ଭୟ ଥରେ ପ୍ରକାଶ ପାଇଲେ ଚରମ ସଂକଟରୁ ରକ୍ଷା ପାଇବା ଲାଗି ଲୋକେ ଆବଶ୍ୟକତାଠାରୁ ଅଧିକ ଗଚ୍ଛିତ କରିବାରେ ଲାଗନ୍ତି । ଲକ୍ଷ ଲକ୍ଷ ଲୋକଙ୍କ ଏଭଳି କ୍ଷୁଦ୍ର ପଦକ୍ଷେପ ସହ ଜାତୀୟ ଏବଂ ଆଞ୍ଚଳିକ ସରକାରମାନଙ୍କର ନୀତିଗୁଡ଼ିକ ଅଭାବର ମୂଳ କାରଣଗୁଡ଼ିକୁ କିଛି ମାତ୍ରାରେ ସମାପ୍ତ କରିପାରିବ, କିନ୍ତୁ ବ୍ୟାପକ କ୍ଷେତ୍ରରେ ନୁହେଁ । କେବଳ ଖାଦ୍ୟ କ୍ଷେତ୍ରରେ ନୁହେଁ, ଆମେ ଟିକା କ୍ଷେତ୍ରରେ ସମାନ ଘଟଣା ମଧ୍ୟ ଦେଖିବାକୁ ପାଇଛୁ । ସମ୍ଭାବ୍ୟ ଅଭାବକୁ ମୁକାବିଲା କରିବା ଲାଗି ଦେଶଗୁଡ଼ିକ ସେମାନଙ୍କ ଆବଶ୍ୟତାଠାରୁ ବହୁ ଅଧିକ ଡୋଜ୍ ଗଚ୍ଛିତ ରଖିଛନ୍ତି । ଏଭଳି ଗଚ୍ଛିତ ରଖିବା ଧାରା ବିଶ୍ୱରେ କୋଭିଡ୍-୧୯ ଟିକା ପାଇବାରେ ଅସମାନତାକୁ ଦର୍ଶାଇଛି । ଏଭଳି କାର୍ଯ୍ୟକଳାପର ଅତି ଆବଶ୍ୟକତା ଥିଲେ ଅଭାବ ଦୂର କରିବା ଲାଗି ଆମେ ସମ୍ମିଳିତ ପଦକ୍ଷେପ ମାଧ୍ୟମରେ ବହୁତ କିଛି କରିପାରିବା, ଯାହା ମାର୍କେଟ କରିପାରିବ ନାହିଁ । ଅଭାବ ସମୟରେ ବିଶ୍ୱରେ ବଳକା ଦ୍ରବ୍ୟର ଯୋଗାଣ ପଦ୍ଧତିଗୁଡ଼ିକ କିମ୍ବା ବଳକା ଖାଦ୍ୟ ଥିବା ଦେଶମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଚୁକ୍ତି ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ସାହାଯ୍ୟ କରିବ । ଏହା ମଧ୍ୟ ଦୀର୍ଘମିଆଦୀ ସୂତ୍ରରେ ସମସ୍ୟାର ସମାଧାନ କରିପାରିବ । ଏହି ପଦ୍ଧତି ସଂକଟକୁ ବଦଳାଇଦେବାରେ ସାହାଯ୍ୟ କରିବ ବୋଲି ବିଶ୍ୱାସ ହେଲେ ଅଧିକାଂଶ ଲୋକ ଗଚ୍ଛିତ ପ୍ରକ୍ରିୟା ବନ୍ଦ କରିଦେବେ ।

ଯଦି ବିଚାର ଆଧାରରେ ଏହା ବିଶ୍ୱାସଯୋଗ୍ୟ ବୋଲି ଲାଗୁଛି ତେବେ ଖାଦ୍ୟାଭାବ ଏବଂ ଗଚ୍ଛିତ ପଦ୍ଧତିର ଇତିହାସ ଥିବା ଭାରତ ଭଳି ଦେଶରେ କ'ଣ ଘଟିଲା ତାହା ବିଚାର କରାଯାଉ । ୧୯୯୨ରେ ଏକ ଜାତୀୟ ସାର୍ବଜନୀନ ଖାଦ୍ୟ ଯୋଗାଣ ପଦ୍ଧତି ଗଢିବା ଲାଗି ଦୀର୍ଘମିଆଦୀ ପଦକ୍ଷେପ ଦ୍ୱାରା ବହୁ ଉନ୍ନତି ଘଟିଥିଲା ଏବଂ ଏହା ୨୦୧୩ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଶେଷ ହୋଇଗଲା । ତିନି ଦଶନ୍ଧିର ପଦ୍ଧତି ବଦଳରେ ସର୍ବନିମ୍ନ ଖାଦ୍ୟ ନିଶ୍ଚିତତାର ଏକ ଉତ୍ତମ ବ୍ୟବସ୍ଥା ଦ୍ୱାରା ପରିବାର ସ୍ତରରେ ଗଚ୍ଛିତ କରିବା ମାନସିକତା ହ୍ରାସ ପାଇଛି, ଗଚ୍ଛିତ ପ୍ରକ୍ରିୟାର ଆବଶ୍ୟକତା ଯଥେଷ୍ଟ ହ୍ରାସ ପାଇଛି ।

ବୈଶ୍ୱିକ ଚୁକ୍ତି ଏବଂ ବଳକା ଯୋଗାଣ ପଦ୍ଧତିଗୁଡ଼ିକ ଖାଦ୍ୟ ସଂକଟ ହ୍ରାସ କରିବା ଅସମ୍ଭବ ଲାଗିପାରେ । କିନ୍ତୁ ଭାରତ ଭଳି ଏକ ବିଶାଳ ଦେଶରେ ଜାତୀୟ ସ୍ତରରେ ସମାନ ପ୍ରକାର ବ୍ୟବସ୍ଥା ଘଟିବା ପର୍ଯ୍ୟନ୍ତ ଏହା କ୍ଷମତାର ବାହାରେ ଥିଲା ବୋଲି ବିଚାର କରାଯାଉଥିଲା । ଏହିପରି ଭାବେ ଆମେରିକା ଭଳି ବଡ଼ ଗଣତାନ୍ତ୍ରିକ ଦେଶରେ ଆମେରିକାରେ ସାମ୍ବିଧାନିକ ଚୁକ୍ତି ବା ଆଇନ ନ ହେବା ପର୍ଯ୍ୟନ୍ତ ଅସମ୍ଭବ ଲାଗୁଥିଲା । ଘଟଣା ହେଉଛି, ଏକ ସଫଳ ବୈଶ୍ୱିକ ଏବଂ ଜାତୀୟ ବଳକା ଯୋଗାଣ ବ୍ୟବସ୍ଥା କିମ୍ବା ବଳକା ବଣ୍ଟନ ଚୁକ୍ତି ଆଦୌ ନ ଥିଲେ ମଧ୍ୟ ଆଶା ହରାଇବା ଠିକ ନୁହେଁ । ଆଶା ବାନ୍ଧିବାକୁ ହେବ । ଏହି ଯୁକ୍ତି ଖାଦ୍ୟରୁ ଅନ୍ୟ ଆର୍ଥିକ ଏବଂ ସାମାଜିକ କ୍ଷେତ୍ରରେ ଗ୍ରହଣ କରାଯାଇପାରେ । ଏବକାର ସମସ୍ୟାଗୁଡ଼ିକ ସତ୍ତ୍ୱେ, ଜଗତୀକରଣର ଅଭିଯାନ ବନ୍ଦ ହେବ ନାହିଁ । ଏଣୁ ଜଗତୀକରଣର ଅଭିଯାନକୁ ସମ୍ଭାବ୍ୟ ବିପଦରୁ ରକ୍ଷା କରିବା ଲାଗି ଆମେ ଅତି କମ୍‌ରେ ବିଶ୍ୱସ୍ତରୀୟ ସମ୍ମିଳନୀ ଏବଂ ଚୁକ୍ତିଗୁଡ଼ିକ କରିବା ଲାଗି ଚେଷ୍ଟିତ ହେବା ଦରକାର, ଯାହାଦ୍ୱାରା ବୈଶ୍ୱିକ ଅଭାବର ସମାଧାନ କରାଯାଇପାରିବ ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ**
**ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା, ଭାରତ ସରକାର**

## ଅନ୍ଧବିଶ୍ୱାସ ଅନ୍ତରାଳେ



ରଶ୍ମି ରଞ୍ଜନ ରାଉତ

ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ମଣିଷର ମନ ଯେତେବେଳେ ଦୁର୍ବଳ ହୋଇଯାଏ ସେତେବେଳେ ସେ ତା'ର ଲକ୍ଷ୍ୟ ସାଧନ ପାଇଁ କାହାର ନା କାହାର ସାହାରା ନେଇଥାଏ । ପ୍ରତିକୂଳ ପରିସ୍ଥିତିରେ କୁଟା ଖଣ୍ଡକୁ ଆଶ୍ରା କଲାପରି ପରିଶେଷରେ ସେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୁଏ । ପ୍ରତିଦିନ ସରକାରୀ ଓ ବେସରକାରୀ ସ୍ତରରେ ନାନା ସଚେତନତା ତଥା ବିଜ୍ଞାନର ଦ୍ରୁତ ପ୍ରଗତି ସତ୍ତ୍ୱେ ବି ଅନ୍ଧବିଶ୍ୱାସରୁ ମୁକୁଳି ପାରିନୁ ଆମେ । ଆମ ସାମାଜିକ ଚଳଣି ସହିତ ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସ ଆମର ଦୈନନ୍ଦିନ ଜୀବନକୁ ବେଢ଼େଇ ରଖିଛି । ଦିନକୁ ଦିନ ଶିକ୍ଷା, ସଂସ୍କାର ଓ ବିଜ୍ଞାନର ବ୍ୟାପକତାରେ ଆମେ ଏଥିରୁ ମୁକୁଳିବାକୁ ଚେଷ୍ଟା କରୁଛୁ, ତଥାପି ବିଶ୍ୱାସରେ ବଞ୍ଚୁଥିବା ମଣିଷ ପ୍ରତିମୁହୂର୍ତ୍ତରେ କେଉଁଠି ନା କେଉଁଠି ଅନ୍ଧବିଶ୍ୱାସକୁ ହାବୁଡୁଛି । ଏହାର ଫଳସ୍ୱରୂପ ଯେଉଁ ଅନର୍ଥଟି ଘଟୁଛି ତାହା ଅତ୍ୟନ୍ତ ଚିନ୍ତାଜନକ ।

ଦୈନିକ ଆମ ସମାଜରେ ଅନ୍ଧବିଶ୍ୱାସଜନିତ ଅନେକ ଘଟଣା ଘଟୁଥିଲେ ହେଁ ଅଧିକାଂଶ ଘଟଣା ଗୋଷ୍ଠୀଗତ ଆଡୁଆଳର ବାହାରକୁ ଆସିପାରୁ ନ ଥିବା ସ୍ଥଳେ ସାମାନ୍ୟ କିଛି ଘଟଣା ଲୋକଲୋଚନକୁ ଆସୁଛି । ବଳିଠୁ ଆରମ୍ଭକରି ଡାହାଣୀ ସନ୍ଦେହ, ଗୁଣିଗାରେଡ଼ି, ଝଡ଼ାଫୁଙ୍କା, ଚେଙ୍କ, ଗୁଣିଆମାନଙ୍କ ଦ୍ୱାରା ଭୂତପ୍ରେତ ଛଡ଼େଇବା, ଖଟିଆ ବୁଲେଇବା ଇତ୍ୟାଦି ସାମାଜିକ ବ୍ୟାଧି ଭାବେ ଆମ ସମାଜରେ ମୁଣ୍ଡ ଟେକିଛି, ଯାହା ମଣିଷର ପ୍ରଭୂତ କ୍ଷତି ଘଟାଉଛି । ନିକଟରେ ରାଜ୍ୟରେ ଅନ୍ଧବିଶ୍ୱାସ ସମ୍ବନ୍ଧୀୟ ଦୁଇଟି ଘଟଣା ଏପରି ଥିଲା, ପ୍ରଥମଟି ଜଳେଶ୍ୱର ଅଞ୍ଚଳର ଜଣେ ମହିଳା ରାଇବଣିଆ ଥାନା ଅଞ୍ଚଳରେ ବିବାହ କରିଥିଲେ । ଦାମ୍ପତ୍ୟରେ କଳହ ଲାଗିରହିବାରୁ ଏଥିରେ ସୁଧାର ଆଣିବା ପାଇଁ ବୋହୂକୁ ଗୁଣିଆ ହାତରେ ଟେକିଦେଇଥିଲେ ଶାଶୁ । ଏହାର ସୁଯୋଗ ନେଇ ଶାଶୁଙ୍କ ସହମତିରେ ଗୁଣିଆ ଜଣକ ଉକ୍ତ ମହିଳାଙ୍କୁ ଦୀର୍ଘ ୮୦ ଦିନ ଧରି ବଳାତ୍କାର କରିବା ସହିତ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିଥିଲେ ବୋହୂ । କୌଶଳକ୍ରମେ ମହିଳା ଜଣକ ସେଠାରୁ ଖସିଆସି ଜଳେଶ୍ୱର ଥାନାର ଦ୍ୱାରସ୍ଥ ହୋଇଥିଲେ । ସେହିପରି ଦ୍ୱିତୀୟ ଘଟଣାଟି ମଧ୍ୟ ବେଶ୍ ଚକିତକର । ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗାଁରେ ମୋବାଇଲ ଚୋରକୁ ଧରିବାକୁ ଗ୍ରାମରେ ବୁଲିଲା ବେଞ୍ଚ । ଗୁଣିଆ ଯୁଆଡ଼େ ଚାହିଁଲା ସିଆଡେ ଟାଣି ନେଲା ବେଞ୍ଚ । ଯାହା ଘର ପାରିଲେ ତାହା ଘରେ ପଶିଲେ । ନିରୀହ ଲୋକଙ୍କୁ ଚୋର ବୋଲି ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରାଇଲା ବେଞ୍ଚ । ଏହା ବାଦ୍ ଗତବର୍ଷ ଏହିପରି ଅନ୍ଧବିଶ୍ୱାସର ଭୟଙ୍କର କୁପରିଣତି ଦେଖିବାକୁ ମିଳିଥିଲା ଗଞ୍ଜାମ ଚମାଖଣ୍ଡିରେ । ଗୁଣିଗାରେଡ଼ି ସନ୍ଦେହରେ ତିନି ତିନି ଜଣଙ୍କୁ ଗାଁ ଲୋକେ ସଂଘବଦ୍ଧ ଭାବେ ମାଡ଼ ମାରିବା ସହ ପ୍ଲାସ୍‌ରେ ଦାନ୍ତ ଓପାଡ଼ି ଦେବା ସହ ବିଷ୍ଠା ବି ଖୁଆଇଲେ । ଏଥିରେ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା । ଲୋକଙ୍କ ମୂର୍ଖାମି ହେଉ ବା ପାରମ୍ପରିକ ବିଶ୍ୱାସ, ଅନ୍ଧବିଶ୍ୱାସ ଅନ୍ଧଗଳିରୁ ମୁକୁଳିପାରିନି ମଣିଷ । ଏସବୁ ମାମଲାର ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ଲାଗି ୨୦୧୩ରେ ରାଜ୍ୟ ସରକାର କଡ଼ା ଆଇନ ମଧ୍ୟ ଆଣିଛନ୍ତି । ତେବେ ଏହାର କୌଣସି ଆଖିଦୃଶିଆ ସୁଫଳ ମିଳିଲାପରି ମନେହେଉନି ।

ରାଜ୍ୟରେ ଊଣା ଅଧିକେ ସବୁ ଜିଲାରେ ଏହିପରି ଘଟଣା ଘଟୁଥିଲେ ହେଁ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ରାୟଗଡ଼ା, ମାଲକାନଗିରି, କୋରାପୁଟରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ । ତେବେ ୨୦୧୭ରେ ଅନ୍ଧବିଶ୍ୱାସକୁ ପ୍ରତିହତ କରିବା ପାଇଁ କମ୍ପୋଜ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଥିଲେ ରାଜ୍ୟ ସରକାର । ଗୃହ ବିଭାଗ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ଆକ୍ସନ ପ୍ଲାନ୍ ମୁତାବକ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଥିଲା । ହେଲେ ଏ ଦିଗରେ ବିଭାଗଗୁଡ଼ିକ କାର୍ଯ୍ୟ କରିବାର ନଜିର ନାହିଁ । ଅନ୍ୟପଟେ ଏନ୍‌ସିଆରବିର ଏକ ରିପୋର୍ଟରେ ଦର୍ଶାଯାଇଛି ଝାଡ଼ଖଣ୍ଡ ପରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ ଯେଉଁଠି ଡାହାଣୀ ସନ୍ଦେହରେ ସର୍ବାଧିକ ହତ୍ୟାକାଣ୍ଡ ଘଟେ । ଅନ୍ଧବିଶ୍ୱାସରେ ଜଣେ ବଶବର୍ତ୍ତୀ ହେଲେ ଖାଲି ଯେ ନିଜକୁ କୁପଥଗାମୀ କରାଏ ତାହା ନୁହଁ, ବରଂ ସମାଜର ବିକାଶର ଧାରାକୁ ମଧ୍ୟ ଅବରୁଦ୍ଧ କରିଥାଏ । ତେଣୁ ଅନ୍ଧବିଶ୍ୱାସ ପ୍ରବଣ ଅଞ୍ଚଳରେ ପୋଷ୍ଟର, ବ୍ୟାନର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶିକ୍ଷା ମାଧ୍ୟମରେ ଏ ଦିଗରେ ସଚେତନତାକୁ ବ୍ୟାପକ କରାଇବାକୁ ହେବ । ଆଇନ ଓ ପୀଡ଼ିତଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରାଯାଇ ପାରିଲେ ଏହି ସମସ୍ୟା ଅନେକାଂଶରେ ଦୂର ହୋଇପାରିବ, ଏହା ନିଃସନ୍ଦେହ ।

**ନାୟକାଣୀଡିହି, ଭଦ୍ରକ**
**ମୋ: ୭୮୦୯୦୩୭୬୦୮**

## ଏଇ ଭାରତରେ

ପ୍ରାଣୀସେବା ମହତ୍ କାର୍ଯ୍ୟ, ଏହା ମର୍ମେମର୍ମେ ଉପଲବ୍ଧି କରିଛନ୍ତି ବେଙ୍ଗାଲୁରୁର ହରିଶ୍ ଅଲି । ସେ ଜଣେ ବ୍ୟବସାୟୀ । ହରିଶ୍ ବେଙ୍ଗାଲୁରୁ ସହରରୁ ଆହତ, ରୋଗଗ୍ରସ୍ତ ଏବଂ ପଙ୍ଗୁ କୁକୁରମାନଙ୍କୁ ଉଦ୍ଧାର କରୁଛନ୍ତି । ଏହି କାର୍ଯ୍ୟ ପାଇଁ ସେ 'ସର୍ବୋହମ ଆନିମଲ୍ ଫାଉଣ୍ଡେଶନ' ଗଠନ କରିଛନ୍ତି । ଅଲିଙ୍କୁ ୧୨ ବର୍ଷ ବୟସ ହୋଇ ଥିବାବେଳେ ଗୋଟିଏ ମା' କୁକୁର ଓ ତା' ତିନି ଛୁଆଙ୍କୁ ଆଣି ସେମାନଙ୍କ ଯତ୍ନ ନେଇଥିଲେ । ସେତେବେଳେ ସ୍କୁଲକୁ ଯିବା ସମୟରେ ସେ ଘରୁ ୨ ଟଙ୍କା ଖର୍ଚ୍ଚ ପାଇଁ ନେଉଥିଲେ ଓ ସେହି ଟଙ୍କାରେ ସେମାନଙ୍କ ଲାଗି ବିସ୍କୁଟ କିଣୁଥିଲେ । ଏହି ଘଟଣା ତାଙ୍କୁ କୁକୁରମାନଙ୍କୁ ଉଦ୍ଧାର କରିବା ସକାଶେ ପ୍ରେରିତ କରିଥିଲା । ହରିଶ୍ ଶିକ୍ଷା ଶେଷ କରି ଜଣେ ବ୍ୟବସାୟୀ ହେବା ପରେ ଉଦ୍ଧାର କାର୍ଯ୍ୟକୁ ଗତିଶୀଳ କରିଥିଲେ । ଏବେ ୨୦୦୦ କୁକୁରଙ୍କୁ ଉଦ୍ଧାର କରି ସେମାନଙ୍କ ସେବା କରୁଛନ୍ତି । ଚିକିତ୍ସା, ଖାଦ୍ୟ ବାବଦରେ ସବୁ ଖର୍ଚ୍ଚ ସେ ନିଜ ପକେଟରୁ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ହରିଶ୍ ୧ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୩ ଜୁନ୍ ୧୯୯୭**

- ଫ୍ରାନ୍ସର ସୋସାଲିଷ୍ଟ ପାର୍ଟିର ନେତା ଲିଓନିଲ ଯୋଶେଫ ଦେଶର ନୂଆ ପ୍ରଧାନମନ୍ତ୍ରୀ ହେବା ନେଇ ରାଷ୍ଟ୍ରପତି ଜାକ୍ ସିରାକଙ୍କ ଘୋଷଣା ।
- ରାଜ୍ୟ ସରକାର ସୁଧାଂଶୁ ଭୂଷଣ ମିଶ୍ରଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ଦେଇଥିବା ପଦୋନ୍ନତିକୁ କେନ୍ଦ୍ର ସରକାରଙ୍କ ନାମଞ୍ଜୁର ।
- ଚୀନର ସନ ଜନଙ୍କୁ ପରାସ୍ତ କରି ଡେନମାର୍କର ପଞ୍ଚଦଶ ସିଡ୍ ବ୍ୟାଡ୍‌ମିଣ୍ଟନ ତାରକା ପିଟର ରାସସୁସେନଙ୍କ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ଆଖ୍ୟା ଅର୍ଜନ ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 1 | | | | |
| | | | 6 | | | | 5 | |
| 7 | 5 | | | 9 | 8 | 6 | | |
| | | 4 | 2 | | | 9 | | |
| | | | | 4 | 7 | | | 8 |
| | 9 | 3 | 1 | | | | 7 | |
| | 3 | 1 | | | | 2 | | |
| | | | 3 | | | | | 7 |
| 2 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 5 | 6 | 1 | 2 | 3 | 4 |
| 4 | 1 | 6 | 8 | 3 | 2 | 5 | 7 | 9 |
| 2 | 5 | 3 | 7 | 4 | 9 | 8 | 6 | 1 |
| 9 | 8 | 2 | 3 | 7 | 6 | 1 | 4 | 5 |
| 5 | 3 | 1 | 9 | 8 | 4 | 7 | 2 | 6 |
| 7 | 6 | 4 | 2 | 1 | 5 | 9 | 8 | 3 |
| 6 | 4 | 8 | 1 | 9 | 7 | 3 | 5 | 2 |
| 1 | 2 | 7 | 4 | 5 | 3 | 6 | 9 | 8 |
| 3 | 9 | 5 | 6 | 2 | 8 | 4 | 1 | 7 |

ଗତକାଲିର ଉତ୍ତର

# ପ୍ରସାଧନ ବିପଣିର ମତିଗତି



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଏରିକା ଜେନିଫର ଫର୍ଣ୍ଣାଣ୍ଡିସ୍ । ମୁମ୍ବାଇରେ ଜନ୍ମିତା ଏଇ ଯୁବ-କଳାକାର ଜଣକ ଫିଲ୍ମ ଓ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସମ୍ପ୍ରତି ବେଶ୍ ଅଭିଜ୍ଞତାସମ୍ପନ୍ନ । ତେବେ ସେ ଅଭିନେତ୍ରୀ ଭାବେ ନିଜର ତିକ୍ତ ଅନୁଭୂତି ବିଷୟରେ ଉଲ୍ଲେଖ କରିଛନ୍ତି । କୃତ୍ରିମ ଆବରଣ ଓ ଶାରୀରିକ ସଂରଚନା ତାଙ୍କୁ ବେଳେ ବେଳେ ଅସହନୀୟ ଓ ବିରକ୍ତିକର ମନେହୁଏ । ପ୍ରକାରାନ୍ତରେ ସେ ନିଜକୁ ଧିକ୍କାର କରନ୍ତି ଯେ, ଏତାଦୃଶ ମେକ୍‌ଅପ୍ ତାଙ୍କ ଈଶ୍ୱରଦତ୍ତ ଶରୀରକୁ ଘୋର ଅପମାନିତ କରିବା ସହ ସମାନ । ଫିଲ୍ମରେ ଅଭିନୟ ବେଳେ ଯେମିତି ରଙ୍ଗଢଙ୍ଗରେ ତାଙ୍କୁ ଉପସ୍ଥାପନ କରାଯାଏ, ତା'ର ସେ ବିରୋଧ କରିଛନ୍ତି । ତେବେ ଫର୍ଣ୍ଣାଣ୍ଡିସ୍‌ଙ୍କ ଏତାଦୃଶ ନକାରାତ୍ମକ ମନୋଭାବ ଯଥାର୍ଥ ନୁହେଁ । ଫିଲ୍ମର ପ୍ରଯୋଜକ ବ୍ୟବସାୟିକ ଦୃଷ୍ଟିରୁ ଚଳଚ୍ଚିତ୍ର ନିର୍ମାଣ କରନ୍ତି । ତାଙ୍କ ଲକ୍ଷ୍ୟ ହେଉଛି ଦର୍ଶକଙ୍କ ରୁଚିକୁ ସନ୍ତୁଷ୍ଟ କରିବା । ପୁଣି ନିର୍ଦ୍ଦେଶକ ଫିଲ୍ମ କାହାଣୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାତ୍ର-ପାତ୍ରୀଙ୍କୁ ସଜାଇବା ଜରୁରୀ ମନେକରନ୍ତି । ମନୋରଞ୍ଜନ-ଶିଳ୍ପରେ ତେଣୁ ଫର୍ଣ୍ଣାଣ୍ଡିସ୍‌ଙ୍କ ବ୍ୟକ୍ତିଗତ ଇଚ୍ଛା ପୂରଣ କରିବା ଅବାସ୍ତବ ।

ଯଦି ଜଣେ କାଦୁଅକୁ ଗଲା, ସେ ସଫାସୁତରା ହେବା ପାଇଁ ଗୋଡ଼ଧୁଆକୁ ବିରୋଧ ବା ନାପସନ୍ଦ କରିବା ଠିକ୍ ନୁହେଁ । ଫର୍ଣ୍ଣାଣ୍ଡିସ୍ ଇତ୍ୟବସରରେ ଅବଶ୍ୟ ହୃଦୟଙ୍ଗମ କରିବେଣି ଯେ କେବଳ ଫିଲ୍ମ ପାଇଁ ଅଭ୍ୟାସ ବେଳେ ନୁହେଁ, ରିହରସାଲ ସାରି ରାଜରାସ୍ତାରେ ପାଦଦେବା ମାତ୍ରେ ନିଜ ଚେହେରା, ପୋଷାକପରିପାଟୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପଡ଼ିବ । ପ୍ରତ୍ୟେକ କାଳାକାର ଦର୍ଶକ ଓ ପ୍ରଶଂସକ ମହଲରେ ନିଜ ଛବିକୁ ଆକର୍ଷଣୀୟ ରଖିବାକୁ ଏମିତି ଆଚରଣ ପ୍ରଦର୍ଶନ କରିବାକୁ ବାଧ୍ୟ ହୋଇଥାନ୍ତି । ସାଧାରଣ ବ୍ୟକ୍ତିଙ୍କ ପରି ସେମାନେ ସ୍ୱାଧୀନ ଓ ମୁକ୍ତ ହୋଇ ପାରି ନ ଥାନ୍ତି ।

ପ୍ରସଙ୍ଗ କ୍ରମେ ଯୁକ୍ତରାଷ୍ଟ୍ରର ହ୍ୟୁଷ୍ଟନ (ଟେକ୍‌ସାସ୍)ଠାରେ ୧୯୮୧ରେ ଜନ୍ମିତା ବେୟନସଙ୍କ ଉକ୍ତି ଉଲ୍ଲେଖନୀୟ । ସେ ଜଣେ ନାମଜାଦା ଗାୟିକା, ନର୍ତ୍ତକୀ, ଅଭିନେତ୍ରୀ । ତତ୍‌ସହ ଜଣେ ସଫଳ ବ୍ୟବସାୟୀ । ସେ 'ପ୍ରେଟି ହାର୍ଟସ' ଶୀର୍ଷକ ଗୋଟିଏ ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ କରି ଅପାର ଜନପ୍ରିୟତା ପ୍ରାପ୍ତହେଲେ । ଜେନେରେଶନ ଜେଡ୍ ଦ୍ୱାରା 'କୁଇନ୍ ବି' ଭାବେ ପରିଚିତା ବେୟନସ ଏହି ଭିଡିଓରେ ଉଲ୍ଲେଖ କରିଛନ୍ତି ଯେ, ସୌନ୍ଦର୍ଯ୍ୟର ସ୍ୱତନ୍ତ୍ର ମାନଦଣ୍ଡ ଅଛି । ଏହା ସମାଜ ଦ୍ୱାରା ନିର୍ଦ୍ଧାରିତ । ଜଣେ ସୁନ୍ଦରୀ କେଉଁ ପ୍ରକାର ହେବା କଥା, ତାହା ସେ ସୂଚାଇଛନ୍ତି । ନାରୀର ମେଧା-ଶକ୍ତି ପ୍ରତି ସମାଜ ଯେତେ ଜୋର ଦିଏ ନାହିଁ, ତା' ଅପେକ୍ଷା ତା'ର ଚେହେରା ଓ ବାହ୍ୟ-ଆଡମ୍ବର ବିଷୟରେ ଅଧିକ ଧ୍ୟାନ ଦିଏ । ବିଶେଷତଃ ମନୋରଞ୍ଜନ ଶିଳ୍ପ ସହ ସମ୍ପୃକ୍ତ ନାୟିକା ସାଧାରଣ-ଦର୍ଶକଙ୍କ ଆଶାନୁରୂପ ନିଜକୁ ସଜେଇ ଅହରହ ଚଳପ୍ରଚଳ ହେବା ଜରୁରୀ । ସମାଜର ଏମିତି ମାନସିକତା ଅଭିନେତ୍ରୀମାନଙ୍କୁ ସତତ ଚାପଗ୍ରସ୍ତ କରେ-ଚଳଚ୍ଚିତ୍ରରେ ହେଉ ବା ବାହାରେ । ଲୋକଙ୍କ ଆଶା ପୂରଣ କରିବାକୁ ସେ ସଚେତନ ରହି ସ୍ୱାଭାବିକତା ହରାଏ ।

ଅବଶ୍ୟ ବଲିଉଡ୍‌ରେ ଏମିତି କେତେଜଣ ନାୟିକା ଅଛନ୍ତି, ଯେଉଁମାନଙ୍କର ନିଜର ଈଶ୍ୱରଦତ୍ତ ତଥା ଜନ୍ମଗତ ସୌନ୍ଦର୍ଯ୍ୟ ବିଷୟରେ ଦୃଢ଼ ଆସ୍ଥା



ଅଛି । ବଜାରରେ ସଉଦା କରିବା ବେଳେ ହେଉ ବା ପ୍ରମୋଦ ଉଦ୍ୟାନରେ ଭ୍ରମଣ ହେଉ, ସେମାନେ ବିନା ବା ସାମାନ୍ୟ ମେକ୍‌ଅପ୍‌ରେ ଚଳପ୍ରଚଳ ହୋଇଥାନ୍ତି । ଜଣେ ଅଭିନେତ୍ରୀ ଯେ ପୋର୍ସିଲିନ କଣ୍ଢେଇ ପରି ମସୃଣ, ଚିକିମିକିଆ ହେବାକୁ ବାଧ୍ୟ, ସେମାନେ ଏହି ଚିନ୍ତାଧାରାକୁ ଅବଜ୍ଞା କରିଥାନ୍ତି । ହୁଏତ ଖାଦ୍ୟପେୟରେ ସେମାନେ ସଂଯମୀ । କିନ୍ତୁ ଅହର୍ନିଶ ଚବିଶ ଘଣ୍ଟା ସ୍ୱର୍ଗର ଅପସରା ପରି ରହିବା ପ୍ରସଙ୍ଗକୁ ସେମାନେ ଜଣେ ଅଭିନେତ୍ରୀର ଜୀବନର ମୂଳମନ୍ତ୍ର ବୋଲି ସ୍ୱୀକାର କରି ନ ଥାନ୍ତି । ଅବଶ୍ୟ ଏମାନେ ହେଉଛନ୍ତି ବ୍ୟତିକ୍ରମ ଓ ତାଙ୍କ ସଂଖ୍ୟା ମୁଷ୍ଟିମେୟ ।

ପ୍ରକାଶ ଥାଉ କି, ରଙ୍ଗମଞ୍ଚ ସହ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଶାରୀରିକ ସୌନ୍ଦର୍ଯ୍ୟବର୍ଦ୍ଧନ ସୀମିତ ନୁହେଁ । ସର୍ବସାଧାରଣ ମଧ୍ୟ ଏହି ପ୍ରବୃତ୍ତିର ଊଣା ଅଧିକେ ବଶବର୍ତ୍ତୀ । ତେଣୁ ପ୍ରସାଧନ ଶିଳ୍ପର ଚାହିଦା କ୍ରମଶଃ ଆକାଶଛୁଆଁ ହେବାର ଲକ୍ଷଣ ପ୍ରକଟ ହେଉଛି । ସାଧାରଣ ଭାବେ ଗୋଟିଏ ଧାରଣା ଆମ ମନରେ ବଳବତ୍ତର ଅଛି ଯେ, ନାରୀମାନେ ପ୍ରସାଧନ ସାମଗ୍ରୀର ବ୍ୟବହାର ପାଇଁ ବ୍ୟାକୁଳ । କିନ୍ତୁ ପରିସଂଖ୍ୟାନର ବିଶ୍ଳେଷଣ ଏକ ଭିନ୍ନ ଚିତ୍ର ପ୍ରଦାନ କରେ । ଦ ଇକୋନୋମିକ ଟାଇମ୍ସରେ ରିତଙ୍କର ମୁଖାର୍ଜୀଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ (୧ ମାର୍ଚ୍ଚ ୨୦୧୪) ଅନୁଯାୟୀ ବିଶ୍ୱସ୍ତରରେ ମହିଳାମାନେ ପ୍ରସାଧନ ସାମଗ୍ରୀର ପ୍ରମୁଖ ବ୍ୟବହାରିଣୀ ବୋଲି ଯଦିଓ ସିଦ୍ଧ ହୁଏ, କିନ୍ତୁ ଭାରତରେ ଏହି କ୍ଷେତ୍ରରେ ପୁରୁଷମାନଙ୍କ ଆଗ୍ରହକୁ ନ୍ୟୂନ ମନେ କରାଯାଇପାରିବ ନାହିଁ । ବିଶ୍ୱସ୍ତରୀୟ ହାରଠାରୁ ଆମ ଦେଶରେ ଏହା ଯଥେଷ୍ଟ ଅଧିକ । ତ୍ୱଚାର ଯତ୍ନ ପାଇଁ ଖର୍ଚ୍ଚ, ଅତର କ୍ରୟରେ ଭାରତୀୟମାନେ ଅଧିକ ଆଗ୍ରହୀ । (ଲ' ଓରିଅଲ୍‌ର ରିପୋର୍ଟ) । ତେଣୁ ଡ୍ରେସିଂ ଟେବୁଲ ବା ବ୍ୟୁଟିପାର୍ଲର ପ୍ରତି ମହିଳାମାନଙ୍କ ଆସକ୍ତିକୁ ଅତିରଞ୍ଜିତ କରି ପୁରୁଷମାନେ ଉପସ୍ଥାପନ କରିବା ସତ୍ୟର ଅପଳାପ । ଏହା ଏକ ପାରମ୍ପରିକ ଅପବାଦ ଏବେ ହେଲାଣି ।

ସ୍ତ୍ରୀ ଓ ପୁରୁଷ ନିର୍ବିଶେଷରେ ତ୍ୱଚାର ଯତ୍ନ, କେଶବିନ୍ୟାସ, ଶରୀରର ଦୁର୍ଗନ୍ଧ ଦୂର ପଦାର୍ଥ, ଫୁଲରୁ ସଂଗୃହୀତ ସୁଗନ୍ଧ ତରଳ ରସ, ଅତର ମେକଅପ୍ ସାମଗ୍ରୀ ଇତ୍ୟାଦି ପ୍ରସାଧନ ବସ୍ତୁର ଚାହିଦା ବଜାରରେ ରହିଛି । ପୂର୍ବାପେକ୍ଷା ଅଧିକ ତ୍ୱଚାର ଯତ୍ନ ଶତକଡ଼ା ବୟାଳିଶ ଭାଗ ସାମଗ୍ରୀ ବିକ୍ରି ହୁଏ । ୨୦୨୫ରେ କେବଳ ଯୁକ୍ତରାଷ୍ଟ୍ରରେ ଏଥିରୁ ଡଲାରରେ ୧୭୭ ବିଲିଅନ ରାଜସ୍ୱ ପ୍ରାପ୍ତ ହେବ ବୋଲି ଅନୁମିତ । ଭାରତରେ ୨୦୨୨ରେ ପ୍ରସାଧନ କାରବାରରେ ସିଏଜିଆର୍ (କମ୍ପାଉଣ୍ଡ ଆନୁଆଲ ଗ୍ରୋଥ୍ ରେଟ୍) ଶତକଡ଼ା ୪.୨୩ ହାରରେ ବଢ଼ିବ ବୋଲି ମୋରଡୋର ଇଣ୍ଟେଲିଜେନସ ଅଟକଳ କରିଛି । ଆଇଏମ୍‌ଏଆର୍‌ସି ୨୦୨୨-୨୭ ଅବଧିରେ ଏହା ଶତକଡ଼ା ୬.୫ରେ ପହଞ୍ଚିବା କଥା ଜଣାଇଛି । ଷ୍ଟାଟିଷ୍ଟିଆ ରସର୍ଚ୍ଚ ଡିପାର୍ଟମେଣ୍ଟ ଦ୍ୱାରା ୨୧ ଫେବୃୟାରୀ ୨୦୨୨ରେ ସୂଚିତ ହିସାବ ଅନୁଯାୟୀ ୨୦୨୦ରେ ଏସିଆ ପାସିଫିକ୍ ଭୂଖଣ୍ଡର ପ୍ରସାଧନ-ବିପଣି ବିଶ୍ୱର ଶତକଡ଼ା ୪୩ ଭାଗ ଅକ୍ତିଆର କରିଥିଲା । ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ କସ୍ମେଟିକ୍ ଇଣ୍ଡଷ୍ଟ୍ରିର ବାର୍ଷିକ ଅଭିବୃଦ୍ଧି ହାର ଯୁକ୍ତରାଷ୍ଟ୍ର (୨୦୦୯ରେ ସର୍ବନିମ୍ନ ଶତକଡ଼ା ଏକ ହୋଇଥିବା ବେଳେ ୨୦୧୮ରେ ସର୍ବାଧିକ ୫.୫)ର ରହିଆସିଛି । ତେବେ ୨୦୨୦ରେ କରୋନା ମହାମାରୀର ତାଣ୍ଡବ ଲୀଳାରୁ ଯେମିତି ଅର୍ଥନୈତିକ ବିପର୍ଯ୍ୟୟ ଓ ସାମାଜିକ ଅଚଳାବସ୍ଥା ଦେଖାଦେଲା, ତା'ର କୁପ୍ରଭାବରେ ପ୍ରସାଧନର ବ୍ୟବହାର ଅତିଶୟ ନିମ୍ନଗାମୀ ହୋଇ ଏହି ସଂଖ୍ୟା ବିଯୁକ୍ତ ଆଡ଼କୁ ଖସିଗଲା, ଯାହାକି ଏକ ନିର୍ଘାତ ପତନର ସୂଚକ ।

ଏହି ଡାଟାରୁ ସ୍ପଷ୍ଟ ହୁଏ ଯେ, କସ୍ମେଟିକ୍‌ର ଚାହିଦା ସାମାଜିକ ସମୃଦ୍ଧି ଓ ଅର୍ଥନୈତିକ ଅଭିବୃଦ୍ଧି ବେଳେ ଊର୍ଦ୍ଧ୍ୱଗାମୀ ହୁଏ । ସେମିତି ସମାଜ ଦୁର୍ଦ୍ଦଶାଗ୍ରସ୍ତ ହେଲେ ଏବଂ ଆର୍ଥିକ ଅଧୋଗତି ସମୟରେ ଏହା ନିମ୍ନଗାମୀ ହୁଏ । ତେଣୁ ପ୍ରକାରାନ୍ତରେ ସମାଜର ଭଲମନ୍ଦ ପରଖିବା ପାଇଁ ପ୍ରସାଧନର ବ୍ୟବହାର ଏକ ବିଶ୍ୱସନୀୟ କାରକ । ଏହାର କ୍ରମୋନ୍ନତି ହେବା ସମାଜ ଓ ଦେଶ ପାଇଁ ମଙ୍ଗଳକାରକ ।

**ମୋ- ୯୦୭୮୭୪୩୮୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ଇତିହାସ ସଭ୍ୟତାର ଦର୍ପଣ

ମହାଶୟ,

ଭାରତରେ ଭାଜପା ଶାସନ କ୍ଷମତା ଗ୍ରହଣ କଲା ପରେ ମୋଦି ସରକାର ଦେଶର ଇତିହାସ ବଦଳାଇବା ପାଇଁ ପ୍ରୟାସ କରୁଛନ୍ତି । ଏହାର ପରିଣାମ ବିକୃତ ଏବଂ ବିଷମୟ ହେବାର ଆଶଙ୍କା ହେଉଛି । ଅତୀତରେ ଆମ ଦେଶକୁ ମୋଗଲ, ମୁସଲମାନ, ଇଂଗ୍ରେଜମାନେ ସମୟ କ୍ରମେ ଶାସନ କରିଥିଲେ, ଯାହା ଫଳରେ ଆମ ଧର୍ମ, ସମାଜ, ଅର୍ଥନୀତି, ସଂସ୍କୃତି, ସାହିତ୍ୟ ପ୍ରଭାବିତ ହୋଇଥିଲା । ଏହା ଏବେ ବିଦ୍ୟମାନ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରିରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥଲେ । ସେବେଠାରୁ ଏକ ପରମ୍ପରା ଭାବରେ ସ୍ୱାଧୀନତା ଦିବସରେ ଦେଶର ପ୍ରଧାନମନ୍ତ୍ରୀ ପତାକା ଉତ୍ତୋଳନ କରୁଛନ୍ତି । ଲାଲକିଲା ଶାହାଜାହାନଙ୍କ କୀର୍ତ୍ତି ନୁହେଁକି ? ସେହିପରି ସପ୍ତାଶ୍ଚର୍ଯ୍ୟରେ ସ୍ଥାନ ଲାଭ କରିଥିବା ତାଜମହଲ କାହାର ? ଏବେ ମଧ୍ୟ ଶାସକର ଭାଷା ଇଂରାଜୀ ଭାଷା । ଇତିହାସ ବାସ୍ତବରେ ସଭ୍ୟତାର ଦର୍ପଣ । ଏହାକୁ ଆଧାର କରି ଆମେ ଚାଲିଛୁ । ଏହାକୁ ବଦଳାଇବାର ଅପଚେଷ୍ଟା କରା ନ ଯାଉ ।

**-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

### ଚିରନ୍ତନୀ

ଦୁଇ ମିଶି ଏକ ହେବା ପାଇଁ,
ଯୁଗ ଯୁଗାନ୍ତରେ ଏହି ପ୍ରେମର ସାଧନା ସେ ଗୋ
ଯାଆନ୍ତି ଜଗାଇ,
ବିରହର ବିଳାପେ ମୁଖର
ଭୁବନ ଗଗନ ସେ ଯେ କରିଯାନ୍ତି
ଅବଶ କାତର !

-(ଯୁଗଳ ପ୍ରୟାଣେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପୂର୍ବତନ ସୋନପୁର ସଭାପତିଙ୍କୁ ନିଲମ୍ବନ କଲା ଭାଜପା**

ଭୁବନେଶ୍ୱର (ବ୍ୟୁରୋ): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଜଣଙ୍କୁ ନିଲମ୍ବନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ସୋନପୁର ଜିଲା ସଭାପତି ବଳଦେବ ବେଦବାକ୍‌ଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଗଲା ବୋଲି ଦଳର ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଜନ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର

ଭୁବନେଶ୍ୱର,୨।୬(ବ୍ୟୁରୋ)

ଗାଁର ସମସ୍ୟାକୁ ନିଜ ସମସ୍ୟା ଭାବେ ଗ୍ରହଣ କରି ଏହାର ସମାଧାନ ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ରାଜ୍ୟର ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଗୁରୁବାର ଭୁବନେଶ୍ୱର କିଟ୍ ପରିସରରେ ଅନୁଷ୍ଠିତ ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଥର ମହିଳାମାନେ ବହୁ ସଂଖ୍ୟାରେ ଜିତି ପଞ୍ଚାୟତର ମଙ୍ଗ ଧରିଛନ୍ତି। ଏହାଦ୍ୱାରା ବିଜୁବାବୁଙ୍କ ମହିଳା ସଶକ୍ତୀକରଣର ସ୍ୱପ୍ନ ସାକାର ହୋଇଛି। ଶାସନ ବ୍ୟବସ୍ଥା ଓ ବିକାଶ ଯୋଜନାରେ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପଞ୍ଚାୟତ ହେଉଛି ସେବାର କେନ୍ଦ୍ର। ସାଧାରଣ ଲୋକ ଯେପରି ସରକାରୀ ସେବାରୁ ବଞ୍ଚିତ ନ ହୁଏ, ସରକାରୀ ସେବା ପାଇବାରେ ହଇରାଣ ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗରିବ ଲୋକ, ମହିଳା ତଥା ଦୁର୍ବଳ ଶ୍ରେଣୀର ଲୋକଙ୍କ ଅଧିକାରକୁ ସୁରକ୍ଷା ଦେବା ସହ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।

୫-ଟି ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୫-ଟି ହେଉଛି ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍, ଟ୍ରାନ୍ସପରେନ୍ସି, ଟ୍ରାନ୍ସଫର୍ମେଶନ। ଏହି ମନ୍ତ୍ରକୁ ଗାଁର ବିକାଶରେ ଉପଯୋଗ କରିବା ଦରକାର। ଏହାଦ୍ୱାରା ଗାଁ, ପଞ୍ଚାୟତର ପରିବର୍ତ୍ତନ ହେବା ସହ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇପାରିବ। ଜନସାଧାରଣ ଆମ ଉପରେ ଆସ୍ଥା ଓ ଭରସା ରଖିଛନ୍ତି। ଲୋକଙ୍କୁ କେବେ ନିରାଶ ହେବାକୁ ଦେବାନାହିଁ। ସେମାନଙ୍କ ଆସ୍ଥା ଓ ଭରସାକୁ ପବିତ୍ର ଦାୟିତ୍ୱ ଭାବି ସେବା କଲେ ଲୋକଙ୍କ ହୃଦୟରେ ସବୁଦିନ ପାଇଁ ରହିଯିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ କାମ ଦ୍ୱାରା ନିଜ ନିଜ ଅଞ୍ଚଳରେ ବିକାଶର ଦ୍ରୁତ ଭାବରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇ ରାଜ୍ୟର ବିକାଶରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋକପାତ କରି ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ବର୍ତ୍ତମାନ ଜିପିଏସ୍ ଟେକ୍ନୋଲୋଜି ଜରିଆରେ ପଞ୍ଚାୟତର ସବୁ ଭିତ୍ତିଭୂମିକୁ ମ୍ୟାପିଂ କରାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ତୁରନ୍ତ ହୋଇପାରିବ। ପଞ୍ଚାୟତଗୁଡ଼ିକ ସରକାରଙ୍କ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ପ୍ରଥମ ସୋପାନ। ଲୋକଙ୍କ ଅଭିଯୋଗଗୁଡ଼ିକୁ ପଞ୍ଚାୟତ ସ୍ତରରେ ସମାଧାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ଓ ଯୁବଶକ୍ତିକୁ ଆଗକୁ ଆଣି ପଞ୍ଚାୟତଗୁଡ଼ିକୁ ସଶକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସମସ୍ତେ ୫-ଟି ମନ୍ତ୍ରକୁ ଉପଯୋଗ କରି କାମ କଲେ, ରାଜ୍ୟରେ ରୂପାନ୍ତର ଆସିପାରିବ। ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସମାଜସେବା କରିବା ପାଇଁ ମହିଳାମାନଙ୍କୁ ସୁଯୋଗ ଦେଇଛନ୍ତି। ଓଡ଼ିଶାରେ ମହିଳାମାନେ ସଶକ୍ତ ହୋଇପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ନେଇ କାମ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇ କହିଛନ୍ତି ଯେ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରାଯାଇଛି। ବିକାଶ ପାଇଁ ଅନେକ ଅର୍ଥ ଦିଆଯାଉଛି। ଏହାର ସୁବିନିଯୋଗରେ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ୧ ଲକ୍ଷ ୬ ହଜାର ୩୫୨ ଜଣ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଛନ୍ତି।



କିଟ୍ ପରିସରରେ ଗୁରୁବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନବ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ।

**ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

- **ଗାଁର ସମସ୍ୟା ସମାଧାନ ପାଇଁ ନିଷ୍ଠାପର ଉଦ୍ୟମ କର**
- **୫-ଟି ମନ୍ତ୍ରକୁ ବିନିଯୋଗ କର**
- **ନିଜ ଅଞ୍ଚଳର ଦ୍ରୁତ ବିକାଶ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଆହ୍ୱାନ**

# ଖଣି, ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ କେନ୍ଦ୍ରକୁ ଚିଠି ଲେଖୁ ରାଜ୍ୟ: ଚେଲ୍ଲାକୁମାର

**ସରିଲା କଂଗ୍ରେସ ଚିନ୍ତନ ଶିବିର, ୨୦୨୪ ଲାଗି ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ**

ଭୁବନେଶ୍ୱର,୨।୬(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଆୟୋଜିତ ୨ ଦିନିଆ ନବସଂକଳ୍ପ ସମାବେଶ ଗୁରୁବାର ଶେଷ ହୋଇଯାଇଛି। ଏଥିରେ କଂଗ୍ରେସର ବହୁ ବରିଷ୍ଠ ନେତାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ସଭାପତି ଏବଂ ଅନ୍ୟ ନେତାମାନେ ସାମିଲହୋଇ ୨୦୨୪ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ନେଇ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଅବସରରେ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଜୀବନର ୨୫ ବର୍ଷ ପୂର୍ତ୍ତି ପାଇଁ ଅଭିନନ୍ଦନ। ଏଥିସହ ସେ କହିଛନ୍ତି, ୨୫ ବର୍ଷ କାଳ ରାଜନୀତି ସହ ଜଡ଼ିତ ଥିଲେ ମଧ୍ୟ ନବୀନ ଜନତାଙ୍କ ପାଇଁ କିଛି କରିନାହାନ୍ତି। କେବଳ ରାଜ୍ୟବାସୀଙ୍କୁ ବୋକା ବନାଇଛନ୍ତି। ବିଭିନ୍ନ ନିର୍ବାଚନ ଓ ଉପନିର୍ବାଚନରେ ଦେଉଥିବା ପ୍ରତିଶ୍ରୁତି ପାଳନ ନ କରି, ସ୍ୱଚ୍ଛ ସରକାରର ଦ୍ୱାହି ଦେଉଛନ୍ତି। ହେଲେ ରାଜ୍ୟରେ ଶାସନ କଳ କେତେ ସ୍ୱଚ୍ଛ ସେକଥା ସମସ୍ତେ ଜାଣିଛନ୍ତି। ଯଦି ନବୀନଙ୍କ ସରକାର ଏତେ ସ୍ୱଚ୍ଛ ତେବେ ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖନ୍ତୁ। ରାଜ୍ୟରେ କାହିଁକି ହଜାର ହଜାର ସଂଖ୍ୟାରେ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି, କୃଷକର ରୋଜଗାର କାହିଁକି ବୃଦ୍ଧି ପାଉନାହିଁ ବୋଲି ଚେଲ୍ଲାକୁମାର ପ୍ରଶ୍ନ କରିଛନ୍ତି। ୩ ବିଧାୟକଙ୍କ ଅନୁପସ୍ଥିତି ନେଇ ସେ କହିଛନ୍ତି, ଜିଲା, ବ୍ଲକ ଏବଂ ନଗର ସଭାପତିମାନେ ଶିବିରରେ ଯୋଗଦେଇଛନ୍ତି। ସେମାନେ ଏହି କାର୍ଯ୍ୟକ୍ରମରେ ରହିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ସେମାନେ ତୃଣମୂଳସ୍ତରରେ କାର୍ଯ୍ୟ କରିବେ ବୋଲି ଚେଲ୍ଲାକୁମାର କହିଛନ୍ତି। ଏହି ଶିବିରରେ ଯୋଗଦେଇଥିବା ନେତାଙ୍କୁ ୬ଟି କମିଟିରେ ଭାଗ କରାଯାଇଥିଲା। ୨୦୨୪ ପାଇଁ ଦଳ କ'ଣ କରିବା ଦରକାର ତାହା ଉପରେ କମିଟିଠାରୁ ମତାମତ ସଂଗ୍ରହ କରାଯାଇଛି। ଆସନ୍ତା ୧୧ରୁ ୧୪ ମଧ୍ୟରେ ରାଜ୍ୟରେ କଂଗ୍ରେସର ସମସ୍ତ ସାଙ୍ଗଠନିକ ଜିଲାରେ ଏହି ଶିବିର ଆୟୋଜନ କରିବ। ଆସନ୍ତା ୯୦ରୁ ୧୮୦ ଦିନ ମଧ୍ୟରେ ଦଳର ସମସ୍ତ ପ୍ରକାର ପଦ ପଦବୀ ପୂରଣ ଲାଗି ଲକ୍ଷ୍ୟ ରଖାଯାଇଛି। ବ୍ଲକ, ଜିଲା ଏବଂ ପିସିସି ସ୍ତରରେ ଖାଲି ରହିଥିବା ପଦବୀ ଆଗେ ପୂରଣ ହେବ। ସେହିପରି ବ୍ଲକ ଏବଂ ବୁଥ୍ କମିଟି ମଧ୍ୟରେ ଜିଲା ପରିଷଦ ଜୋନ୍‌କୁ ନେଇ ଜୋନାଲ କମିଟି ଗଠନ ଦିଗରେ ମଧ୍ୟ ଆଲୋଚନା ହୋଇଛି।

ଅନ୍ୟପଟେ ଏହି ଚିନ୍ତନ ଶିବିରରେ ଅନୁପସ୍ଥିତି ନେଇ ତାରା କହିଛନ୍ତି, ତାଙ୍କ ଦେହ ଅସୁସ୍ଥ ଥିବାରୁ ଯାଇପାରି ନାହାନ୍ତି। ଆଗ ଶରୀର ଓ ପରିବାର ତାପରେ ରାଜନୀତି ବୋଲି ସେ କହିଛନ୍ତି। ଅନ୍ୟପଟେ କାନକୁହା କଥା ଶୁଣିବେନି ବୋଲି ଶରତ ରଖିଥିବା ପ୍ରତିକ୍ରିୟା ଉପରେ ମତ ଦେଇ ସେ କହିଛନ୍ତି, ତାଙ୍କର ଏଭଳି ମନ୍ତବ୍ୟ ସ୍ୱାଗତଯୋଗ୍ୟ। ଯିଏ ମଇଦାନରେ ଲଢ଼ିବ ତାକୁ ସହଯୋଗ କରନ୍ତୁ। ତାଙ୍କ ସାଙ୍ଗରେ ସେ ଅଛନ୍ତି। ମଇଦାନରେ ନ ଲଢ଼ିବା ଲୋକ ପେଟଟା କାଢି ପିସିସି ସଭାପତିଙ୍କ ପଛରେ ବୁଲିଲେ କଂଗ୍ରେସ ଆଗକୁ ବଢ଼ିବନି ବୋଲି ତାରା କହିଛନ୍ତି। ଅନ୍ୟପଟେ ତାରାଙ୍କ ଏଭଳି ମନ୍ତବ୍ୟକୁ ଓଲଟା କାହିଁକି ବୁଝୁଛ କହି ଶରତ କହିଛନ୍ତି। ତାଙ୍କ କହିବା ଅର୍ଥ ଗାଁ, ବୁଥ୍, ବ୍ଲକ ସ୍ତରକୁ ଯାଇ ଲୋକଙ୍କ ପାଇଁ କାମ କରିବାକୁ ପଡିବ।


କଂଗ୍ରେସର ଚିନ୍ତନ ଶିବିରରେ ଉପସ୍ଥିତ ପ୍ରଭାରୀ ଏ. ଚେଲ୍ଲାକୁମାର, ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟ ନେତାମାନେ।

# ଭାଜପାରେ ହାର୍ଦ୍ଦିକ ପଟେଲ

ନୂଆଦିଲ୍ଲୀ,୨।୬

ଗୁଜରାଟ ପଟିଦାର ନେତା ହାର୍ଦ୍ଦିକ ପଟେଲ ଗୁରୁବାର ଗାନ୍ଧୀନଗରଠାରେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଛନ୍ତି। ରାଜନୀତିର ନୂଆ ଅଧ୍ୟାୟରେ ସେ ଜାତୀୟ ସ୍ୱାର୍ଥ, ରାଜ୍ୟ ସ୍ୱାର୍ଥ, ଜନସାଧାରଣଙ୍କ ସ୍ୱାର୍ଥ ଏବଂ ସାମାଜିକ ସ୍ୱାର୍ଥ ଅନୁଭବ କରୁଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ସେବାର ମହାନ୍ କାର୍ଯ୍ୟରେ ସେ ଜଣେ ଛୋଟ ସୈନିକ ଭାବେ କାର୍ଯ୍ୟ କରିବେ ବୋଲି ହାର୍ଦ୍ଦିକ ଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଦଳର ଅନ୍ୟତମ ପ୍ରମୁଖ ନେତା ହାର୍ଦ୍ଦିକ ଦଳ ଛାଡ଼ି ଭାଜପାରେ ଯୋଗ ଦେବା କଂଗ୍ରେସକୁ ଶକ୍ତ ଧକ୍କା ହୋଇଛି। ଗତ ମାସ ୧୮ରେ ହାର୍ଦ୍ଦିକ କଂଗ୍ରେସ ଛାଡ଼ିଥିଲେ। ଗୁଜରାଟ କଂଗ୍ରେସରୁ ଅଧିକ ନେତାଙ୍କୁ ବିତାଡ଼ିତ କରିବା ଲାଗି ସେ ଅଭିଯାନ ଚଳାଇବେ ବୋଲି କହିଥିଲେ।

୨୦୧୫ରେ ହାର୍ଦ୍ଦିକ ଗୁଜରାଟରେ ପଟିଦାରମାନଙ୍କ ନିମନ୍ତେ ସଂରକ୍ଷଣ ଦାବିରେ ଆନ୍ଦୋଳନର ନେତୃତ୍ୱ ନେଇ ରାଜନୀତିରେ ମୁଖ୍ୟ ଶିରୋନାମା ମଣ୍ଡନ କରିଥିଲେ। ସେ ୨୦୧୭ରେ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କରିଥିଲେ। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ସେ ସର୍ବପୁରାତନ ଦଳରେ ଯୋଗଦେବା ପରେ ୨୦୨୦ରେ ଗୁଜରାଟ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ହୋଇଥିଲେ। ତେବେ କଂଗ୍ରେସ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାବେଳେ ତାଙ୍କୁ ଅଣଦେଖା କରିବାରୁ ସେ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ।



# ଇସି ତାଲିକାରୁ ୮୭ ଅଣସ୍ୱୀକୃତ ଦଳ ବାଦ୍

ନୂଆଦିଲ୍ଲୀ,୨।୬(ପି.ଟି.)

ନିର୍ବାଚନ କମିଶନ ଯାଞ୍ଚ କରିବା ପରେ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ (ଆରୟୁପିପି) ତାଲିକାରୁ ୮୭ ଦଳକୁ ବାଦ୍ ଦେଇଛନ୍ତି। ନିୟମ ଓ ନିର୍ବାଚନ ଆଇନର ଉଲ୍ଲଂଘନ କରୁଥିବା୨,୧୦୦ରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ଅଣସ୍ୱୀକୃତ ଦଳ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବରୁ ନିର୍ବାଚନ କମିଶନ କହିଥିଲେ। ଦଳଗୁଡ଼ିକ ସେମାନଙ୍କ କାର୍ଯ୍ୟକର୍ତ୍ତାଙ୍କ ନାମ ଓ ଠିକଣା ନ ବଦଳାଇ ଚାନ୍ଦା ସଂଗ୍ରହ କରୁଥିବା ଅଭିଯୋଗ ହୋଇଥିଲା। କେତେକ ଦଳ ଗୁରୁତର ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ୮୭ଟି ଦଳ ସେମାନଙ୍କ କାର୍ଯ୍ୟକର୍ତ୍ତାଙ୍କ ନାମ ଓ ଠିକଣା ଅପଡେଟ କରି ନ ଥିବାବେଳେ ସମ୍ପୃକ୍ତ ରାଜ୍ୟରେ ଉକ୍ତ ଦଳଗୁଡ଼ିକର ଅସ୍ତିତ୍ୱ ନ ଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଇସିଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଗୋଟିଏ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇବ ବୋଲି କହିଛି। ତେବେ ଉକ୍ତ ଦଳଗୁଡ଼ିକ ନିଜର ଅସ୍ତିତ୍ୱ ବଜାୟ ରଖିବା ଲାଗି ଯଦି ଆବଶ୍ୟକ ପଦକ୍ଷେପ ନ ନିଅନ୍ତି ତେବେ ସେମାନଙ୍କୁ ସାଧାରଣ ନିର୍ବାଚନ ଚିହ୍ନ ମିଳିବ ନାହିଁ। ୨୦୨୧ ସେପ୍ଟେମ୍ବରରେ ଦେଶରେ ୨,୭୯୬ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ ରହିଥିଲେ।





ଅଶୋକ ଗ୍ରୁପ The Ashok Group

**ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**

(ଭାରତ ସରକାରଙ୍କ ଏକ ଉଦ୍ୟୋଗ) ଭୁବନେଶ୍ୱର – ୭୫୧୦୧୪

**ଇ-ସଂଗ୍ରହ ବିଜ୍ଞପ୍ତି**

ପ୍ରତିଷ୍ଠିତ ତଥା ଅଭିଜ୍ଞ ଏଜେନ୍ସି/କଣ୍ଟ୍ରାକ୍ଟରମାନଙ୍କଠାରୁ ନିମ୍ନଲିଖିତ ଯୋଗାଣ/ସେବା ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **୧. ମାଛ ଓ ଚିଙ୍ଗୁଡ଼ି। ୨. ପନିପରିବା ଓ ଫଳମୂଳ। ୩. ଉଦ୍ୟାନକୃଷି ଓ ବଗିଚା ରକ୍ଷଣାବେକ୍ଷଣ।** ବିବରଣୀ ନିମ୍ନଲିଖିତ ୱେବ୍‌ସାଇଟରେ ଉପଲବ୍ଧ: www.hotelkalingaashok.com www.itdc.co.in, http://etenders.gov.in/eprocure/app ।

ବିଡିଂର ଶେଷ ତାରିଖ: ୨୩।୦୬।୨୦୨୨ (୧୫.୦୦ ଘଟିକା)।

ଯୋଗାଯୋଗ: ୦୬୭୪-୨୪୩୧୦୫୫/୫୬।

ମହାପ୍ରବନ୍ଧକ



**ADMISSION NOTICE**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**

(Department of Empowerment of Persons with Disabilities (DIVYANGJAN)
Ministry of Social Justice & Empowerment, Government of India)
Olatpur, PO: Bairoi, Dist-Cuttack-754010 (Odisha)
Tel.: 0671-2805347, Mob.: 9438568953, 9937755426, 9438081487
Website: www.svnirtar.nic.in, E-mail: dasvnirtar@gmail.com

Ref. No.: AD-5/Nursing/Advt/22-23 Date: 01.06.2022

Applications are invited from the eligible candidates in the prescribed form for admission into :

Post Basic Diploma in

**ORTHOPAEDIC NURSING (PBDON)-2022 COURSE**

**ELIGIBILITY :** Pass in GNM/B.Sc/P.B.B. Sc. Nursing with one year Clinical experience as a Staff Nurse.

**DURATION OF THE COURSE :** 01 Year.

**Date of availability of Information Brochure and Application Form in website : 01.06.2022**

**Closing date of receipt of Application Form : 01.09.2022.**

For more details log on to www.svnirtar.nic.in

Sd/-
Director-cum-Chairman, PBDON-2022


# ରାଜ୍ୟ ସଭା ନିର୍ବାଚନରେ ଘୋଡ଼ାବେପାର ଆଶଙ୍କା

**ଉଦୟପୁର ହୋଟେଲରେ ରାଜସ୍ଥାନର ୪୦ କଂଗ୍ରେସ ବିଧାୟକ**

ଜୟପୁର,୨।୬ (ପି.ଟି.)

ରାଜସ୍ଥାନରେ ୪ ରାଜ୍ୟ ସଭା ଆସନ ଲାଗି ନିର୍ବାଚନ ହେବାକୁ ଯାଉଥିବାବେଳେ ସମସ୍ତ ଦଳୀୟ ବିଧାୟକଙ୍କୁ ଏକାଠି କରି ରଖିବା ଲାଗି କଂଗ୍ରେସ ପ୍ରାୟ ୪୦ ଜଣଙ୍କୁ ଉଦୟପୁରର ଏକ ହୋଟେଲକୁ ପଠାଇଦେଇଛି। ଏହା ବ୍ୟତୀତ ଅନ୍ୟ କେତେଜଣ ସ୍ୱାଧୀନ ବିଧାୟକ ମଧ୍ୟ ଉକ୍ତ ହୋଟେଲ ଅଭିମୁଖେ ଯାଇଥିବା ଜଣାପଡ଼ିଛି। ଗୁରୁବାର ଅପରାହ୍ନରେ ବିଧାୟକମାନେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ବାସଭବନରୁ ଏକ ଲକ୍‌ଜୁରୀ ବସ୍‌ରେ ବାହାରିଥିଲେ। ଉକ୍ତ ବସ୍‌କୁ ପୋଲିସ ଟିମ୍ ଏସ୍‌କର୍ଟ ଯୋଗାଇଦେଉଛି।

ସୂଚନାଯୋଗ୍ୟ, ଗୁରୁବାର ରାଜ୍ୟ କଂଗ୍ରେସ କର୍ମଶାଳାରେ ବିଧାୟକମାନେ ଯୋଗଦେବା ପରେ ସେମାନଙ୍କୁ ମଧ୍ୟାହ୍ନ ଭୋଜନ ଲାଗି ଗେହଲଟଙ୍କ ବାସଭବନକୁ ଡକାଯାଇଥିଲା। ରାଜ୍ୟ ସଭା ନିର୍ବାଚନରେ ଭାଜପା ଘୋଡ଼ା ବେପାର କରିବା ଆଶଙ୍କା ଥିବାରୁ କଂଗ୍ରେସ ବିଧାୟକମାନଙ୍କୁ ବସ୍‌ରେ ଉଦୟପୁର ହୋଟେଲ ପଠାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଭାଜପା ଜଣେ ଦଳୀୟ ପ୍ରାର୍ଥୀ ଦେବା ସହ ସ୍ୱାଧୀନ ପ୍ରାର୍ଥୀ ଭାବେ ଏକ ଗଣମାଧ୍ୟମର ମାଲିକ ସୁଭାଷ ଚନ୍ଦ୍ର ଗୋଏଙ୍କାଙ୍କୁ ସମର୍ଥନ କରୁଛି। ଅନ୍ୟପକ୍ଷରେ କଂଗ୍ରେସ ୩ ଜଣ ପ୍ରାର୍ଥୀ ଦେଇଛି।


GOVERNMENT OF ODISHA

**OFFICE OF THE SUPERINTENDING ENGINEER RURAL WORKS DIVISION - II, JAJPUR, AT: JARAKA**

**1st CORRIGENDUM TO TENDER CALL NOTICE No. TENDER ONLINE JJPR - II - 01 OF 2022-23**

No. O-384: The following modifications are made in respect of the Tender Call Notice No. "Tender Online JJPR-II-01 of 2022-23" due to some unavoidable circumstances.

1. The Tender Call Notice No. Tender Online JJPR-II-01 of 2022-23 will be available for online bidding from 07.06.2022 at 11.00 A.M. to 21.06.2022 upto 5.00 P.M. instead of 01.06.2022 at 11.00 A.M. to 18.06.2022 upto 5.00 P.M.
2. The last date & time of seeking tender clarification will be 20.06.2022 upto 5.00 P.M. instead of 17.06.2022 upto 5.00 P.M.
3. The date of opening of tender for technical bid shall be 22.06.2022 at 11.30 A.M. instead of 20.06.2022 at 11.30 A.M. The financial bid shall be opened on 29.06.2022 instead of 28.06.2022.

All other terms & conditions remain unchanged.
The above corrigendum shall only be published in the Govt. website **www.tendersodisha.gov.in**.

Sd./- Superintending Engineer
Rural Works Division-II, Jajpur, At: Jaraka
OIPR-25080/11/0004/2223



**OFFICE OF THE DISTRICT JUDGE, BALANGIR**

At/P.O./Dist.: Balangir, Odisha - 767001
e-Mail ID: dj.balangir-od@gov.in
RFP Identification No. 01 (RFP) of 2022-23 Dated: 01.06.2022

**REQUEST FOR PROPOSAL (RFP)**

No. W-13: The District Judge, Balangir invites sealed proposal from interested bidders under Single Stage Two Cover/Envelope System (Technical Bid & Financial Bid) for **(SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES FOR UP-KEEPING, CLEANING & MAINTENANCE AND ELECTRICAL SERVICES' AT DISTRICT COURT COMPLEX, BALANGIR AND TALUK COURT COMPLEXES - PATNAGARH, TITILAGARH, KANTABANJI, LOSINGHA, SAINTALA, MURIBAHAL AND BANGOMUNDA)**. Duly completed proposal along with other pre-requisites documents in support of eligibility criteria and the required information as per formats must be submitted through Registered Post/Speed Post/Courier latest by Dt.30.06.2022 by 17.00 hours. For details the RFP documents can be downloaded from the **https://districts.ecourts.gov.in/india/odisha/balangir/tender**.

Sd./- District & Sessions Judge, Balangir
OIPR-18023/11/0001/2223


**ବ୍ରଜରାଜନଗର ଉପନିର୍ବାଚନ | ଫଳାଫଳ ନେଇ ପ୍ରାର୍ଥୀଙ୍କ ଉତ୍କଣ୍ଠା**

ଝାରସୁଗୁଡ଼ା ଅଫିସ,୨।୬

ବ୍ରଜରାଜନଗର ଉପନିର୍ବାଚନ ଶେଷ ହୋଇଥିବାବେଳେ ଫଳାଫଳକୁ ନେଇ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ହାତୀ କାହା ମୁଣ୍ଡରେ ସୁନାକଳସ ଢାଳିବ ତାହା ଜାଣିବା ପାଇଁ ଆଉ ମାତ୍ର କେଇଘଣ୍ଟାର ଅପେକ୍ଷା। ଶୁକ୍ରବାର ସକାଳ ୮ଟାରୁ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ୍ ପରିସରରେ ଭୋଟ୍ ଗଣତି ଆରମ୍ଭ ହେବ ଏବଂ ଅପରାହ୍ନରେ ଫଳାଫଳ ଘୋଷଣା ହେବ। ଫଳାଫଳକୁ ନେଇ ରାଜନୈତିକ ସମୀକ୍ଷକ ଓ ଦଳୀୟ ନେତୃବୃନ୍ଦଙ୍କ ମଧ୍ୟରେ ଅଙ୍କକଷା ଚାଲିଛି। କିଏ ବିଜେଡି ତ ଆଉ କିଏ ଭାଜପା ଓ କଂଗ୍ରେସ ସପକ୍ଷରେ ମତ ଦେଉଛନ୍ତି। ବିଜେଡି ନେତୃବୃନ୍ଦ ୫୦ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଦଳୀୟ ପ୍ରାର୍ଥୀ ବିଜୟୀ ହେବେ ବୋଲି କହୁଛନ୍ତି। ହେଲେ ବିରୋଧୀ ଏହାକୁ ସହଜରେ ଗ୍ରହଣ ନ କରି ସେମାନେ ବିଜୟୀ ହେବା ଆଶା ରଖିଥିବା କହୁଛନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ବିଜେଡିର ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି, ଭାଜପାର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, କଂଗ୍ରେସର ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ସିପିଆଇର ରମେଶ ତ୍ରିପାଠୀଙ୍କ ସମେତ ସମୁଦାୟ ୧୧ଜଣ ପ୍ରାର୍ଥୀ ରହିଛନ୍ତି। ଏଥିରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ନ ହେଲେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ହାରଜିତକୁ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଏଠାରେ ଆଲୋଚନା ହେଉଛି।


ଅଳକା ମହାନ୍ତି, ରାଧାରାଣୀ ପଣ୍ଡା, କିଶୋର ପଟେଲ, ରମେଶ ତ୍ରିପାଠୀ


**OFFICE OF THE SUPERINTENDING ENGINEER, RURAL WORKS DIVISION, PURI**

Tel.No.06752222092, e-mail id- eerwpuri@gmail.com

**1st CORRIGENDUM TO NOTICE INVITING TENDER TCN NO.ONLINE 1/2022-23**

Letter No.3661 Dt.31.05.22

**No.O-386:**1) Revised period of availability of tenders online-1 of 2022-23/ Date & time of bidding online/ last date of seeking clarification/ Date of opening of tender papers are as follows.

| Procurement Officer | Bid Identification No. | Availability of tender Online for bidding | | Last date & Time of seeking Tender Clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online-1 | 20.06.2022 at 11.00 A.M. | 04.07.2022 upto 12.30 P.M. | 02.07.2022 upto 1.00 P.M. | 05.07.2022 at 11.00 A.M. Office of the S.E.,R.W. Division, Puri |

All other terms and conditions will remain unchanged.

OIPR-25065/11/0007/2223

Sd./- Superintending Engineer, R.W. Division, Puri



GOVERNMENT OF ODISHA E-mail ID:- eerwkaranjia @ yahoo.com

OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA

No.O-388: No.1913, Date.25.05.22

1ST CORRIGENDUM NOTICE TO "e" PROCUREMENT BID IDENTIFICATION NO. RWDKNJ-02/ 2022-23 Dt. 19.05.2022

In practical modification of this office Tender Call Notice Bid Identification No.02/2022-23 Dt. 19.05.2022. is mentioned below.

| Procurement Officer | Bid Identification No. | Availability of tender Online for bidding | | Last date & Time of seeking Tender Clarification | Date & Time of Opening of Tender in O/o. S.E.R.W. Division, Karanjia |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWD-KNJ- 02/22-23 | Dt.09.06.2022 at 10.00 A.M. | Dt.20.06.2021 upto 5.00 P.M. | Dt.18.06.2022 upto 1.00 P.M. | Dt.21.06.2022 At 11.00 A.M. |

All other terms and conditions will remain unaltered.

(Er. Duryadhan Behera)
Superintending Engineer, R.W. Division, Karanjia

OIPR-25086/11/0005/2223



ODISHA INDIA'S BEST KEPT SECRET

**Department of Tourism Government of Odisha**

Paryatan Bhawan, Lewis Road
Bhubaneswar, 751014
Phone: (0674) 243 2177 | Fax: (0674)-243887
https://dot.odishatourism.gov.in

No.4775/TSM Date: 01.06.2022
TCT-TSP-MISC-0021-2022

**TENDER NOTICE**

**No.R-01:"Selection of an agency for Public Relation, Multimedia Content Development & Digital/Social Media Marketing for Department of Tourism, Government of Odisha".**

Department of Tourism, Government of Odisha invites proposals from prospective applicants for **"Selection of an agency for Public Relation, Multimedia Content Development & Digital/Social Media Marketing for Department of Tourism, Government of Odisha".**

Interested bidders may download the RFP document from tender section of Department of Tourism website -https://odishatourism.gov.in/content/tourism/en/dot/quickLinks/tender.html.

Due date and time for submission of bids: 3:00 PM on 28.06.2022.

**Sd./-Director & Addl. Secretary to Govt.**

OIPR-37001/11/0001/2223

## ସଂକ୍ଷେପରେ

### ଦୁର୍ଘଟଣାରେ ସମିତିସଭ୍ୟା ଗୁରୁତର, ପୁତୁରା ମୃତ

**ଧର୍ମଶାଳା,୨।୬(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରଥିଆ ଛକ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଉକ୍ତ ଥାନା ଅଧୀନ ନେଉଳପୁର ପଞ୍ଚାୟତର ସମିତିସଭ୍ୟା ନିରୁପମା ବାରିକ ଗୁରୁତର ହୋଇଥିବାବେଳେ ତାଙ୍କ ପୁତୁରା ମୁକ୍ତିରଞ୍ଜନ ବାରିକଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ନିରୁପମା ବ୍ଲକରେ ଚାଲିଥିବା ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିରକୁ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜନପ୍ରତିନିଧିଙ୍କୁ ତାଲିମ ଦେଇଥିଲେ। ତାଲିମ ପରେ ମଧ୍ୟାହ୍ନରେ ନିରୂପମା ତାଙ୍କ ପୁତୁରା ମୁକ୍ତିରଞ୍ଜନଙ୍କ ସହ ବାଇକ୍ ନଂ-ଓଡି-୦୪-ଏନ-୬୦୦୬ ଯୋଗେ ନେଉଳପୁର ଅଭିମୁଖେ ଫେରୁଥିବା ସମୟରେ ରଥିଆ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୁକ୍ତିରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ନିରୁପମାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଏହି ଖବରପାଇ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ ହସ୍ପିଟାଲରେ ପହଞ୍ଚି ନିରୂପମାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ୧୬ ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ଚଣ୍ଡିଖୋଲ ଛକଠାରୁ କୁଆଖିଆ ଛକ ମଧ୍ୟରେ ଦୁର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ହାନୀ ହେଉଛି।

### ଅବସର ନେଲେ ଡେରାବିଶ ବିଡିଓ

ଡେରାବିଶ, ୨।୬(ସ୍ୱ.ପ୍ର.) ଡେରାବିଶରେ ବିଡିଓ ଥିବା ଗୋପବନ୍ଧୁ ଭୋସଗରମେ ୩୧ ତାରିଖରେ ଅବସରଗ୍ରହଣ କରିଛନ୍ତି। ତାଙ୍କୁ ଯାଜପୁର ଜିଲାର ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ କର୍ମଚାରୀଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅଧକ୍ଷତା କରିଥିଲେ। ଏଥିରେ ନୂଆକରି ବିଡିଓ ଦାୟିତ୍ୱ ନେଇଥିବା ତହସିଲଦାର ନମିତା ବାରିକ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ, ଡେରାବିଶ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରା, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ଏବିଡିଓ ଭଞ୍ଜ କିଶୋର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମି ଦେବୀ, ଜୀବିକା ମିଶନ ସଂଯୋଜିକା ରତ୍ନମଞ୍ଜରୀ ବାରିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଆଦିତ୍ୟ ରାଉତ ପ୍ରମୁଖ ଯୋଗଦେଇ ବିଦାୟୀ ବିଡିଓ ଭୋସାଗରଙ୍କ କାର୍ଯ୍ୟ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଭୋସାଗରଙ୍କୁ କର୍ମଚାରୀଙ୍କ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବଢ଼ାଇଛି ଅସନ୍ତୋଷ

■ ଟିକସ ନାମରେ ଟଙ୍କା ଲୁଟିବାକୁ ଯୋଜନା ଚାଲିଛି
■ ସ୍ଥାନୀୟ ଯୁବକଙ୍କ କର୍ମନିଯୁକ୍ତିକୁ ଏକ ଶକ୍ତ ଧକ୍କା
■ ଜରିମାନା ତଥ୍ୟ ଏବେ ବି ଅନ୍ଧାରରେ

କେନ୍ଦ୍ରାପଡ଼ା ଅଫିସ, ୨।୬

୨୦୧୯ ପୂର୍ବ ସମସ୍ତ ଗାଡିର ନମ୍ବର ପ୍ଲେଟ ବଦଳିବ। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଗାଡିରେ ଲଗାଯିବ। ସିକ୍ୟୁରିଟି ବାର୍ କୋଡ ଥିବାରୁ ଗାଡି ଚୋରି ରୋକିବା ସହିତ ହିତାଧିକାରୀଙ୍କୁ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ। ଏପରି ନିର୍ଦ୍ଦେଶ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରକାଶ ପାଇବା ପରେ କେନ୍ଦ୍ରାପଡ଼ା ଜିଲାରେ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ନିର୍ଦ୍ଦେଶନାମା ଟଙ୍କା ଲୁଟିବାର ଏକ ସୁଚିନ୍ତିତ ଯୋଜନା ବୋଲି ହିତାଧିକାରୀ ମତ ଉପସ୍ଥାପନ କରିଛନ୍ତି।

## ନିର୍ଦ୍ଦିଷ୍ଟ କମ୍ପାନୀ ଅଥବା ଡିଲରଙ୍କୁ କୋଟିପତି ଲକ୍ଷ୍ୟ

ଜୁନ ପହିଲାରୁ ଅନ୍‌ଲାଇନରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବାକୁ ଗାଡି ମାଲିକମାନେ ଆବେଦନ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏବେ ପେଟ୍ରୋଲ ଡିଜେଲ ମୂଲ୍ୟ ଆକାଶଛୁଆଁ ହୋଇଛି। ପ୍ରତିଦିନ ତେଲ ଦର ବଢୁଥିବା ବେଳେ ରାଜ୍ୟ ସରକାର ନମ୍ବର ପ୍ଲେଟ ଲଗାଇବା ପାଇଁ ଜୁଲମ ଆରମ୍ଭ କରିଛନ୍ତି। ରାଜ୍ୟରେ ୨୦୧୯ ପୂର୍ବରୁ ପ୍ରାୟ ୬୦ ଲକ୍ଷ ଗାଡି ରାସ୍ତାରେ ଗଡୁଛି। ସୂଚନା ମିଳୁଛି ଗୋଟିଏ ପ୍ଲେଟର ଦାମ ୩୫୦ରୁ ୮୦୦ ଟଙ୍କା ହେବ। ପ୍ଲେଟ ବଦଳ କରି ନିର୍ଦ୍ଦିଷ୍ଟ କେତେଗୋଟି କମ୍ପାନୀ ବା ଡିଲରଙ୍କୁ କୋଟିପତି କରିବା ଲକ୍ଷ୍ୟ ରହିଛି। ଏଥିପାଇଁ ଗାଡିର ଇନସ୍ୟୁରାନ୍ସ, ପରିବେଶ ପ୍ରଦୂଷଣ ମୁକ୍ତ ପ୍ରମାଣ ପତ୍ର, ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ଅଣଦେଖା କରି ଅନ୍‌ଲାଇନରେ ଆବେଦନ କରିପାରିବେ ବୋଲି ଅଧିକାରୀ କହୁଛନ୍ତି।



–ଉମେଶ ଚନ୍ଦ୍ର ପାଢୀ, କଜଳା, କେନ୍ଦ୍ରାପଡ଼ା

## କର୍ମନିଯୁକ୍ତିକୁ ଏକ ଶକ୍ତ ଧକ୍କା



ନାମକୁମାତ୍ର ହାଇ ସିକ୍ୟୁରିଟି। ୨୦୧୯ ମସିହା ପରଠାରୁ ଏହି ପ୍ଲେଟ ପ୍ରତ୍ୟେକ ଗାଡିରେ ଲାଗୁଛି। ଇତିମଧ୍ୟରେ ଗାଡି ଚୋରି ବୃଦ୍ଧି ପାଉଥିଲେ ମଧ୍ୟ ଏହି ସିକ୍ୟୁରିଟି ପ୍ଲେଟ ପାଇଁ ଗାଡି ଅଥବା ଚୋର ଧରାପଡିବା ନଜିର ନାହିଁ। ବରଂ ଏହା ଯୁବବର୍ଗଙ୍କ ଆତ୍ମନିଯୁକ୍ତି ପ୍ରତି ଏକ ଶକ୍ତ ଧକ୍କା ହେବ। କେତେଜଣ ଯୁବକ ନମ୍ବର ପ୍ଲେଟ ଲେଖି ଦୁଇ ପଇସା ରୋଜଗାର କରୁଥିଲେ। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ନିର୍ଦ୍ଦିଷ୍ଟ ଡିଲରଙ୍କ ନିକଟକୁ ଯିବାକୁ ଥିବା ବେଳେ ଏହି ଶିଳ୍ପୀ ଭୋକ ଉପାସରେ ରହିବେ। ସେହିପରି ନମ୍ବର ପ୍ଲେଟ ନ ଲଗାଇଲେ କେତେ ଜରିମାନା ପଡିବ, ସେସମ୍ପର୍କରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ସଡ଼କ ସୁରକ୍ଷାକୁ ଧ୍ୟାନ ଦେଉ ନ ଥିବା ସଡ଼କ ପରିବହନ ବିଭାଗ ନମ୍ବର ପ୍ଲେଟକୁ ଘରୋଇକରଣ କରିବା ଯୋଜନାରେ ଅଛି।

–ମନୋଜ କୁମାର ବେହେରା, ବଡହାଟ, କେନ୍ଦ୍ରାପଡ଼ା

## ରୋଡ ଟ୍ୟାକ୍ସରୁ ନମ୍ବର ପ୍ଲେଟ ଲଗାଯାଉ



ମୋ ବାଇକ୍ କିଣିବା ସମୟକୁ ଇତିମଧ୍ୟରେ ୧୩ ବର୍ଷ ହେଲାଣି। କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ମୁତାବକ ଏହି ବାଇକ୍ ସଡ଼କରେ ୨ ବର୍ଷ ଚାଲିପାରିବ। ସେହିପରି ୨୦୧୯ ପୂର୍ବରୁ ଯେତେ ଡିଲର ଗାଡି ମୋଟର ବିକ୍ରି କରୁଥିଲେ, ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ କେତେଜଣ ସଂସ୍ଥା ବନ୍ଦ କରି ଦେଇଛନ୍ତି। ଏପରି କି କେତେଗୋଟି କମ୍ପାନୀ ଗାଡି ଉତ୍ପାଦନ ବନ୍ଦ କରିଛନ୍ତି। ଏହି ଗାଡି ସବୁ ରାସ୍ତାରେ ଚାଲୁଛି। ଏପରି କ୍ଷେତ୍ରରେ ଗାଡି ମାଲିକ ଭାବେ ନମ୍ବର ପ୍ଲେଟ ଲଗାଇବାକୁ ନେଇ ଦ୍ୱନ୍ଦ୍ୱ ହେଉଛି। ପୁରୁଣା ଗାଡିରେ ହାଇ ସିକ୍ୟୁରିଟି ନମ୍ବର ପାଇଁ କେତେ ଟଙ୍କା ପଡିବ, ସେନେଇ ତଥ୍ୟ ମିଳୁନି। ରାଜ୍ୟ ସରକାର ଗାଡିର ରୋଡ ଟ୍ୟାକ୍ସ ନେଉଛନ୍ତି। ଏହି ଟ୍ୟାକ୍ସ ଟଙ୍କାରୁ ନମ୍ବର ପ୍ଲେଟ ଲଗାଇବାକୁ ଦାବି କରୁଛି।

– ଆକାଶ ଦାସ, ଉଦୟନଗର, କେନ୍ଦ୍ରାପଡ଼ା

## ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ



ଛକ ବଜାରରେ ଟ୍ରାଫିକ ସମସ୍ୟା ବଢୁଛି। ରାସ୍ତାର ନିର୍ମାଣ ଶୈଳୀ ହେଉ ଅଥବା ଖାଲଖମା ପାଇଁ ଦୁର୍ଘଟଣା ପ୍ରତିଦିନ ଘଟୁଛି। ସଡ଼କ ସୁରକ୍ଷା ନାମରେ ଯାଞ୍ଚ ବେଳେ ପରିବହନ ବିଭାଗ, ପୋଲିସ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ ହେଉଛି। ଏହାସତ୍ତ୍ୱେ ରାଜ୍ୟ ଓ ଜାତୀୟ ରାଜପଥରେ ଶହଶହ ଟ୍ରକ୍ ଧାଡି ବାନ୍ଧି ଠିଆ ହେଉଛନ୍ତି। କେତେଜଣ ବ୍ୟକ୍ତି ରାସ୍ତାକୁ ଜବରଦଖଲ କରି ଅଟୋ, ବସ୍‌ଷ୍ଟାଣ୍ଡ ଧନ୍ଦା ଚଳାଇଛନ୍ତି। ରାସ୍ତାରେ ବଡ ବଡ ହମ୍ପସ ନିର୍ମାଣ ଫଳରେ ପ୍ରସୂତିଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଯୁକ୍ତ ରାସ୍ତା ନିର୍ମାଣ ଓ ପରିଚାଳନା ହୋଇ ପାରୁ ନ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ଜୁଲମ ଆରମ୍ଭ ହୋଇଛି। ପ୍ରଥମେ ରାସ୍ତାର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ଏହି ବ୍ୟବସ୍ଥା ଚାଲୁ କରନ୍ତୁ।

–ପ୍ରତାପ କୁମାର ତ୍ରିପାଠୀ, ମହାକାଳପଡ଼ା,କେନ୍ଦ୍ରାପଡ଼ା

# ନ୍ୟାୟ ପାଇଁ ଲଢ଼ିଲେ ସୀମନ୍ତିନୀ, ଜିଲା ପ୍ରଶାସନ

କେନ୍ଦ୍ରାପଡା ଅଫିସ, ୨।୬

ନ୍ୟାୟ ପାଇବା ପାଇଁ ହିତାଧିକାରୀ ଓ ଜିଲା ପ୍ରଶାସନ ଏକାଠି ଲଢ଼ିବା କେନ୍ଦ୍ରାପଡ଼ା ଜିଲାରେ ଏବେ ଉଦାହରଣ ସାଜିଛି। ଗରଦପୁର ବ୍ଲକ ଗରଦପୁର ଗାଁର ସ୍ୱର୍ଗତ କଳ୍ପନା ମଞ୍ଜରୀ ପତି ଓ ସ୍ୱର୍ଗତ ରାଜକିଶୋରଙ୍କ ଭିନ୍ନକ୍ଷମ ଝିଅ ସିମନ୍ତିନୀଙ୍କୁ ଦୀର୍ଘ ୫ ବର୍ଷ ପରେ ନ୍ୟାୟ ମିଳିଛି। ପୋଷ୍ଟାଲ ବିଭାଗ ପକ୍ଷରୁ ଭିନ୍ନକ୍ଷମ ସିମନ୍ତିନୀଙ୍କୁ ମାସିକ ପାରିବାରିକ ଭତ୍ତା ୧୩ ହଜାର ଟଙ୍କା ମିଳିବ ବୋଲି ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି, ସୀମନ୍ତିନୀଙ୍କ ଜୀବନ ସଂଘର୍ଷ କାହାଣୀ ବହୁ ଦୁଃଖଦାୟକ। ତେବେ ଜୀବନ ସଂଗ୍ରାମରେ ହାରିବାକୁ ଉଚିତ ମଣିନାହାନ୍ତି। ସେ ୭୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ଗୋଟିଏ ଖଟ ଉପରେ ବସି ପିଲାଙ୍କୁ ପଢ଼ାଉ ଥିଲେ। ବାପା ରାଜକିଶୋର ପୋଷ୍ଟାଲ ବିଭାଗରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ୨୦୧୭ ମସିହାରେ ମୃତ୍ୟୁ ହୋଇଥିଲା। ସେହିବର୍ଷ ତାଙ୍କ ମା'ଙ୍କ ମୃତ୍ୟୁ ହୋଇଥିଲା। ଏହାପରଠାରୁ ପରିବାରରେ ଥିବା ବିଧବା ବଡ ଭଉଣୀ ଓ ପୁତୁରାଙ୍କ ଭରଣପୋଷଣ ପୂରଣ ପାଇଁ ଭିନ୍ନକ୍ଷମ ଭତ୍ତା ସହ ଟ୍ୟୁସନରୁ ଆଦାୟ ଅର୍ଥକୁ ସେ ବିନିଯୋଗ କରୁଥିଲେ। ପାରିବାରିକ ପେନସନ ପାଇଁ ୩ ଥର ଆବେଦନ ପତ୍ର ଦେଇଥିଲେ ମଧ୍ୟ କେତେକ କାରଣ ପାଇଁ ବାଧା ଉପୁଜି ଥିଲା। ତେବେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏ ନେଇ ସହାୟତା ଯୋଗାଇବା ପରେ ପୋଷ୍ଟାଲ ବିଭାଗ ପକ୍ଷରୁ ପାରିବାରିକ ଭତ୍ତା ମିଳିବ ବୋଲି ଚିଠି ହୋଇଛି। ଏପରି କି ଗତ ମେ ମାସ ୩୧ରେ ପିଛିଲା ଭତ୍ତା ସିମନ୍ତିନୀଙ୍କ ଖାତାକୁ ଆସିଛି। ସିମନ୍ତିନୀଙ୍କୁ ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ପାସ୍‌ବୁକ ଓ ପେନ୍‌ସନ ବହି ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଜିଲା ମୁଖ୍ୟ ପୋଷ୍ଟ ମାଷ୍ଟର ଜ୍ଞାନଚନ୍ଦ୍ର ପରିଡା, ସୁପରିଣ୍ଟେଣ୍ଡେଣ୍ଟ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ଉପଖଣ୍ଡ ଅଧିକାରିଣୀ ରୁପାଲି ପ୍ରୀୟଦର୍ଶନୀଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ।



ସୀମନ୍ତିନୀଙ୍କୁ ନ୍ୟାୟ ଦେବାକୁ ସମସ୍ତ କର୍ମଚାରୀ ଏକଜୁଟ ହୋଇଛନ୍ତି।

# ନୂତନ ପେନ୍‌ସନଧାରୀ ଶିକ୍ଷକ, କର୍ମଚାରୀଙ୍କ ବୈଠକ

ରାଜନଗର, ୨।୬(ଡି.ଏନ.ଏ.)

ରାଜନଗର ବ୍ଲକ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ନୂତନ ପେନସନଧାରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ରାଜନଗର ହାଇସ୍କୁଲଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ଆବାହକ ଶୁଭ୍ରଜ କୁମାର ବରାଳଙ୍କ ସଭାପତିତ୍ୱରେ ଏନ୍‌ପିସି ଜିଲା ସଭାପତି ଅରୁଣ କୁମାର ପରମାଣିକ ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ, ଜିଲା ସଂଘର କର୍ମକର୍ତ୍ତା ମହେଶ୍ୱର ସାହୁ, ଦେବେନ୍ଦ୍ର ପଣ୍ଡା, ଆଶୁତୋଷ ପ୍ରଧାନ, ଅମୂଲ୍ୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ମାନସ ରଞ୍ଜନ ମିଶ୍ର ସଂଘର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ନୂତନ ପେନସନ ଭୁକ୍ତ ହାଇସ୍କୁଲ ଶିକ୍ଷକମାନଙ୍କୁ ପୁରୁଣା ପେନସନର ପୁନଃ ପ୍ରଚଳନ, ୬ବର୍ଷ ଠିକା ନିଯୁକ୍ତିର ଅବଧିକୁ ନିୟମିତ ଚାକିରୀରେ ସଂଯୋଗୀକରଣ, ଆନ୍ତଃ ଜିଲା ବଦଳିକୁ ସରଳିକରଣ କରିବାକୁ ଆଲୋଚନା ହୋଇଥିଲା। ଏଥିରେ ଶାନ୍ତନୁ କୁମାର ସୂତାର, ଚିତ୍ତ ରଞ୍ଜନ ଜେନା, ବିରଞ୍ଚି ପ୍ରସାଦ ଜେଠି, ଅର୍ଣ୍ଣପୂର୍ଣ୍ଣା ଚୁଳି, ପ୍ରେମାନନ୍ଦ ଦାସ ପ୍ରମୁଖ ଶିକ୍ଷକମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂଘର ରାଜନଗର ବ୍ଲକ ପାଇଁ ନୂତନ କର୍ମକର୍ତ୍ତା ନିଯୁକ୍ତି କରାଯାଇଥିଲା।

## ମାର୍ଶାଘାଇ ମହାବିଦ୍ୟାଳୟର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ମାର୍ଶାଘାଇ,୨।୬(ଡି.ଏନ.ଏ.)

ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଅଧ୍ୟକ୍ଷ ଓ ଜଣେ ଅଣଶିକ୍ଷା କର୍ମଚାରୀଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ତଥା ମୋ କଲେଜ ଦାୟିତ୍ୱରେ ଥିବା ଆକାଶ ଦାସନାୟକ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ଓ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ପ୍ରଫେସର ଅଭିରାମ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ଅଧ୍ୟକ୍ଷ ଡ. ଅମିୟ କୁମାର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର ଶାଶ୍ୱତ ଓ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ନାୟକ ବିଦାୟୀ ଅଧ୍ୟକ୍ଷ ଜେନା ଓ ଅଣଶିକ୍ଷା କର୍ମଚାରୀ ରାଜେନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୁକାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହା ପୂର୍ବରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା କଲେଜ ପରିସରରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେଶନ, ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟ ଓ ଡ୍ରେନେଜ ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜୁ କୃଷକ ସେଲ୍ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ପ୍ରଦୀପ୍ତ ଗାହଣ, ସମିତି ସଭ୍ୟ ଶରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ହରିଣ ମାଂସ ରୋଷେଇ ବେଳେ ୨ ଗିରଫ



ରାଜନଗର, ୨।୬(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନରୁ ହରିଣ ଶିକାର କରି ମାଂସକୁ ବାଣ୍ଟି ନେଇଥିଲେ। ଜଣଙ୍କ ଘରେ ହରିଣ ମାଂସ ତରକାରୀ ନିମନ୍ତେ ଆଳୁ ଭଜା ସହ ବାଟଣ ପ୍ରସ୍ତୁତ ସରିଥିଲା। କଡେଇରେ ମାଂସ ପଡିବା ପୂର୍ବରୁ ବନ ବିଭାଗ ମାଡି ବସିଥିଲା। ୫ କେଜି ହରିଣ ମାଂସ ସହ ତରକାରୀ ପାଇଁ ପ୍ରସ୍ତୁତ ହୋଇଥିବା ସାମଗ୍ରୀକୁ ବନ ବିଭାଗ ଜବତ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ବନ ବିଭାଗ ଖୋଜୁଛି।

ସୂଚନା ମୁତାବକ ବୁଧବାର ଭିତରକନିକା ଜାତୀୟଉଦ୍ୟାନର କଣ୍ଟିକା ଫରେଷ୍ଟ ବ୍ଲକ ଜଙ୍ଗଲକୁ ବୀରଭଞ୍ଜପୁର ଗାଁର ଦୁଇଭାଇ ପ୍ରଶାନ୍ତ ମଣ୍ଡଳ ଓ ସୁଶାନ୍ତ ମଣ୍ଡଳ ତାଙ୍କ ଶିକାରୀ ସାଥୀଙ୍କ ସହ ହରିଣ ଶିକାର କରିଥିଲେ। ହରିଣ ଶିକାର ପରେ ଜଙ୍ଗଲ ଭିତରେ ହରିଣକୁ କାଟି ମାଂସ ବନେଇ ଥିଲେ। ସାଥୀମାନଙ୍କ ମଧ୍ୟରେ ବଣ୍ଟା କୁଣ୍ଟା ପରେ ୫ କେଜି ହରିଣ ମାଂସ ଧରି ଦୁଇଭାଇ ଘରକୁ ଆସିଥିଲେ। ଘରେ ତାଙ୍କ ବାପା ଅନୁକୂଳ ଓ ପଡୋଶୀ ଅଜୟ କୁମାର ମଣ୍ଡଳ ହରିଣ ମାଂସ ରୋଷେଇ କରୁଥିଲେ। କୌଣସି ସୂତ୍ରରୁ ଖବରପାଇ କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ତାଳଚୁଆ ଫରେଷ୍ଟର ଲକ୍ଷ୍ମୀଧର ବାରିକ ଓ ଫରେଷ୍ଟ ଗାର୍ଡ ସଜେନ୍ଦ୍ର ଦାସ ବୀରଭଞ୍ଜପୁର ଗାଁରେ ପହଞ୍ଚି ଅନୁକୂଳଙ୍କ ଘରେ ଚଢାଉ କରିଥିଲେ। ରୋଷେଇ ହେଉଥିବା ଅବସ୍ଥାରେ ୫ କେଜି ହରିଣ ମାଂସ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ରୋଷେଇ କରୁଥିବା ଅବସ୍ଥାରେ ଅନୁକୂଳ ଓ ପଡୋଶୀ ଅଜୟଙ୍କୁ ଗିରଫ ହୋଇଥିବା ବେଳେ ଶିକାର କରିଥିବା ଦୁଇ ଭାଇ ଫେରେର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

# ରାସ୍ତା ମରାମତି କଲେ ସାମାଜିକ କର୍ମୀ



ସାମାଜିକ କର୍ମୀ ଅଜୟ କୁମାର ରାଉତ ନିଜସ୍ୱ ଅର୍ଥରେ ରାସ୍ତାର ମରାମତି କରୁଛନ୍ତି।

ଡେରାବିଶ,୨।୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଗୁଆଳସିଂଠାରେ ଥିବା ରାସ୍ତାଟି ବ୍ଲକ ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଏହି ଗ୍ରାମରେ ଥିବା କେନ୍ଦ୍ରାପଡ଼ା ଆଇନ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲଠାରୁ ଆରମ୍ଭ କରି ଏହି ଗାଁରେ ବସବାସ କରୁଥିବା ଶତାଧିକ ପରିବାର ରାସ୍ତା ଉପରେ ନିର୍ଭରଶୀଳ ଅଟନ୍ତି। ଏହି ରାସ୍ତା ଦେଇ ଦୈନିକ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲା ସଦର ମହକୁମା, କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ କେନ୍ଦ୍ରାପଡ଼ା ସନ୍ଧ୍ୟା ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଯାତାୟତ କରିଥାନ୍ତି। ବର୍ଷାଦିନେ ବର୍ଷା ଦି ଅସରା ହେଲେ ରାସ୍ତାଟି ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ। ଏହି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନିବେଦନ କରାଯାଉଥିଲେ ମଧ୍ୟ ଏ ଦିଗରେ କେହି ଦୃଷ୍ଟି ଦେଇନାହାନ୍ତି। ଶେଷରେ ବ୍ଲକ ଅଞ୍ଚଳର ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ନିଜସ୍ୱ ପାଣ୍ଠିରୁ ଏହି ରାସ୍ତା ମରାମତି କାର୍ଯ୍ୟ ଶେଷ କରିଥିବାରୁ ଅଞ୍ଚଳବାସୀ ରାଉତଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ଏ ବିଷୟରେ ରାଉତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଦୀର୍ଘବର୍ଷ ହେବ ଅବହେଳିତ ଅବସ୍ଥାରେ ଥିବା ଏହି ରାସ୍ତା ତାଙ୍କ ପାଣ୍ଠିରୁ ନିର୍ମାଣ କରି ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏହି ରାସ୍ତା ନିର୍ମାଣ ହେବା ପରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସର୍ବସାଧାରଣଙ୍କ ପର୍ଯ୍ୟନ୍ତ ଯାତାୟତ ପାଇଁ ସୁଗମ ହୋଇଛି।

# କୁମ୍ଭକର୍ଣ୍ଣ ନିଦ୍ରାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ

ଡେରାବିଶ, ୨।୬(ସ୍ୱ.ପ୍ର.)

ଦୀର୍ଘ ଦୁଇମାସରୁ ଅଧିକ ସମୟ ଧରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଡେରାବିଶରେ ପାନୀୟ ଜଳ ସମସ୍ୟା ଏବେବି ଲାଗି ରହିଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ରହିବା ସହ ବିଭାଗୀୟ ଅପାରଗତା ପାଇଁ ବ୍ଲକ ଅଞ୍ଚଳର କେତେଗୋଟି ଗ୍ରାମବାସୀ ପାଣି ପାଇଁ ଆଉଟ ପାଉଟ ହେବାରେ ଲାଗିଛନ୍ତି।

ବ୍ଲକ ଅଧୀନ ଇନ୍ଦାଳୋ ପଞ୍ଚାୟତରେ ଏମ୍‌ପିଙ୍କ କଲ୍ୟାଣ ପାଣ୍ଠିରେ ନିର୍ମିତ ହୋଇଥିବା ଓଭରହେଡ୍ ଟାଙ୍କି ଅଚଳ ହୋଇ ପଡିଛି। ଏହା ପାଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ପମ୍ପ ହାଉସ୍ ନିର୍ମାଣ କରାଯାଇ ସ୍ଥାନୀୟ ଅଞ୍ଚଳକୁ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। ମାତ୍ର ପମ୍ପ ହାଉସ୍‌ଠାରୁ ୧୦୦ ମିଟର ଦୂରରେ ଥିବା ଗ୍ରାମଗୁଡ଼ିକରେ ବର୍ଷାଧିକ କାଳ ପାଇପରେ ପାଣି ନ ଆସିବା ଭଳି ସମସ୍ୟା ଉତ୍କଟ ହୋଇଥିଲା। ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ାର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ଯାଏ ବାରମ୍ବାର ଆପତ୍ତି କରିଥିଲେ ମଧ୍ୟ ଫଳ ଶୂନ। ଏବେବି ଗ୍ରାମ ଭିତରେ ଥିବା ଅଗଭୀର ନଳକୂପରୁ ଆଇରନ ଯୁକ୍ତ ପାଣି ଲୋକ ବ୍ୟବହାର କରୁଛନ୍ତି। ସେହିପରି ଚାଟରାଚକଡ଼ା ପଞ୍ଚାୟତ ସ୍ଥିତ ଛତାଠାରେ ଥିବା ରାଜ୍ୟର ପ୍ରଥମ ସୌର ଚାଳିତ ପମ୍ପ ହାଉସ୍ ଦୀର୍ଘବର୍ଷ ହେବ ଅଚଳ ହୋଇପଡ଼ିଛି। ଏହି ପମ୍ପ ହାଉସ୍‌କୁ ବିଦ୍ୟୁତ୍ ସଂଯୋଗ କରାଯାଇ ସମ୍ପୃକ୍ତ ପମ୍ପାୟତର ଗ୍ରାମଗୁଡ଼ିକୁ ପାନୀୟ ଜଳ ଯୋଗାଇବା ପାଇଁ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ଏହାର ସୁଫଳ ପାଇବାରୁ ସ୍ଥାନୀୟ ଅଞ୍ଚଳବାସୀ ବଞ୍ଚିତ ହୋଇଛନ୍ତି। ଏ ବିଷୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କୁ ପଚାରିବାରେ ସୌର ଚାଳିତ ମଟର ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା କହି ଚୁପ୍ ହୋଇ ବସିଛନ୍ତି। ଏହି ପମ୍ପ ହାଉସ୍‌ରୁ ସ୍ଥାନୀୟ ୪ଟି ଗ୍ରାମ ଚାଟରା ଚକଡ଼ା, ଚାଟରା ଶାସନ, ଗୋପାଳଜୀଉ ପାଟଣା ଓ ହାପିମେଳକ ପ୍ରଭୃତି ଗ୍ରାମକୁ ପାନୀୟ ଜଳ ଯୋଗାଇବାରେ ବିଭାଗ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଏଠାରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ଦୀର୍ଘମାସ ହେବ ପାଇପ୍ ବିଛାଇବା କାର୍ଯ୍ୟ ଠିକା ସଂସ୍ଥା ଅଧାପନ୍ତରିଆ ଭାବେ ପକାଇ ରଖିଛି। ପାଇପ୍ ଯାଇଥିବା ରାସ୍ତାଟି ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ଥିବାରୁ ଏହାକୁ ଢାଲ କରି ବିଭାଗୀୟ ଯନ୍ତ୍ରୀ ରାସ୍ତା କାମ ସରିଲେ ଏହି କାର୍ଯ୍ୟ କରାଯିବ ବୋଲି କହି ଭେଟୁଥିବା ଲୋକଙ୍କୁ ପ୍ରତିଶ୍ରୁତି ଦେଉଥିବା ଅଞ୍ଚଳବାସୀ କହିଛନ୍ତି। ତେବେ ଏ ବିଷୟରେ ଚାଟରାଚକଡ଼ା ସରପଞ୍ଚ ମମତା ରାଉତ ପଞ୍ଚାୟତ ସମିତି ବୈଠକଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେ କହିଛନ୍ତି। ସେହିପରି ଗୋଲରାହାଟ ପଞ୍ଚାୟତରେ ବିଛାଯାଇଥିବା ପାଇପ୍ ଲାଇନ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ନେଇ ସାଧାରଣ ଲୋକଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ସେହିପରି ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବାରେ ଲାଗି ରହିଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କୁ ପଚାରିବାରେ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଛତାଠାରେ ଥିବା ସୌର ଚାଳିତ ଓଭରହେଡ ଟାଙ୍କି ଅଚଳ ହୋଇପଡିଛି।



## ଡେରାବିଶରେ ସୁଧୁରିଲାନି ପାନୀୟ ଜଳ ସମସ୍ୟା



## ରେସିଆଲ ପ୍ୟୁରିଟି କ’ଣ

ରେସିଆଲ ପ୍ୟୁରିଟି ହେଉଛି ଜାତି/ବର୍ଣ୍ଣ ଆଧାରିତ ଗୁଣସୂତ୍ରର ଶୁଦ୍ଧତା। ଏହା ଆଧାରରେ ଜଣେ ବ୍ୟକ୍ତି କେଉଁ କୁଳ ବା ବଂଶରୁ ଆସିଛନ୍ତି ସେହି ଉତ୍ସ ଜାଣିବା ପାଇଁ ଡିଏନ୍ଏ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଇଥାଏ। ଅଧ୍ୟୟନ ପରେ ମଣିଷ ଜାତିକୁ ଉଚ୍ଚରୁ ନୀଚ ଅନୁକ୍ରମରେ ରଖାଯାଇଥାଏ। ୧୯୦୦-୧୯୨୦ ମସିହା ମଧ୍ୟରେ ଆମେରିକାରେ ଶ୍ୱେତାଙ୍ଗମାନଙ୍କ ସୁରକ୍ଷା ଆଳରେ ଜାତିଗତ ଶୁଦ୍ଧତା ଅଭିଯାନ ଜୋର୍ ଧରିଥିଲା। ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡୋଲ୍ଫ ହିଟଲର ବିଭିନ୍ନ ଜାତି ଆଧାରରେ ଏକ ରେସିଆଲ ପଲିସି କାର୍ଯ୍ୟକାରୀ କରାଇଥିଲେ। ଏଥିରେ ଆର୍ଯ୍ୟ ଜାତିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା। ୧୯୩୫ ସେପ୍ଟେମ୍ବର ୧୫ରେ ନ୍ୟୁରେମ୍ବର୍ଗ ଲ’ ନାମରେ ଏକ ବିବାଦୀୟ ଆଇନ ପ୍ରଣୟନ କରାଯାଇଥିଲା।

# ଗୁଣସୂତ୍ର ଶୁଦ୍ଧତା ଯାଞ୍ଚ କରାଇବ କେନ୍ଦ୍ର

ନୂଆଦିଲ୍ଲୀ,୨।୬

ଭାରତ ସରକାର ଦେଶବାସୀଙ୍କ ‘ଜାତିଗତ ଶୁଦ୍ଧତା’ ଉପରେ ଯାଞ୍ଚ ପାଇଁ ଡିଏନ୍ଏ ପରୀକ୍ଷା କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୧୦ କୋଟି ଟଙ୍କାର କିଟ୍ସ ଅର୍ଡର କରାଯାଇଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଦେଶରେ ବିବାଦ ମୁଣ୍ଡ ଟେକିଛି। ବିବାଦ ସୃଷ୍ଟି ହେବା ପରେ ଏପରି କୌଣସି ଉଦ୍ଦେଶ୍ୟ ନ ଥିବା ଦର୍ଶାଇ ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି।

ୟୁରୋପ, ଉତ୍ତର ଆମେରିକା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ଅନ୍ୟ କେତେକ ଭାଗରେ ଉଗ୍ର ଜାତୀୟତାବାଦ ବଢ଼ିବାରେ ଲାଗିଛି। ଭାରତରେ ମଧ୍ୟ ଦକ୍ଷିଣପନ୍ଥୀମାନେ ନିଜ ଗୌରବମୟ ଇତିହାସକୁ ନେଇ ଗର୍ବ ଅନୁଭବ କରିଥାଆନ୍ତି। ବିଶେଷକରି ଉତ୍ତର ଭାରତରେ ଜାତିପ୍ରଥାର ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ। ଉଚ୍ଚ ଜାତିର ଲୋକେ ନିଜକୁ ଆର୍ଯ୍ୟ ବିବେଚନା କରି ନିମ୍ନ ବର୍ଣ୍ଣର ଲୋକଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥାଏ। ଏହି ପରିପ୍ରେକ୍ଷୀରେ ନୂଆ ବିବାଦକୁ ଇନ୍ଧନ ଦେବା ଭଳି ଏକ ପ୍ରସଙ୍ଗ ସାମ୍ନାକୁ ଆସିଛି। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଆଡ୍ଭାନ୍ସ ଷ୍ଟଡିଜ୍ ସହକାରୀ ପ୍ରାଧ୍ୟାପକ ବସନ୍ତ ଏସ୍. ସିନ୍ଧେ ହିନ୍ଦୁ-ବହୁଳବାଦୀ ସିଦ୍ଧାନ୍ତର ଦୃଢ଼ ସମର୍ଥକ ରୂପେ ଜଣାଶୁଣା। ୨ ମାସ ତଳେ ପ୍ରତ୍ନତତ୍ତ୍ୱବିତ୍ ସିନ୍ଧେଙ୍କ ସହ ସଂସ୍କୃତି ମନ୍ତ୍ରଣାଳୟର ସଚିବ ଗୋବିନ୍ଦ ମୋହନ ଓ ଅନ୍ୟ କେତେଜଣ ବିଦ୍ୱାନ ହାଇଦ୍ରାବାଦରେ ବୈଠକ କରିଥିଲେ। ଉକ୍ତ ବୈଠକ ପରେ ୧୪୦ କୋଟି ଭାରତୀୟଙ୍କ ଜିନ୍‌ଗତ ଶୁଦ୍ଧତା ଉପରେ ଅଧ୍ୟୟନ ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ଆନୁବଂଶିକ ଇତିହାସ ପ୍ରମାଣ କରାଯାଇପାରିବ ବୋଲି କେନ୍ଦ୍ର ସରକାର ବିବେଚନା କରୁଛନ୍ତି। ଡିଏନ୍ଏ-ପ୍ରୋଫାଇଲିଂ କିଟ୍ସ ଓ ଅନ୍ୟ ଉପକରଣ କିଣିବା ପାଇଁ ମନ୍ତ୍ରଣାଳୟ ୧୦ କୋଟି ଟଙ୍କା ଆବଣ୍ଟନ କରିଛି। ଆର୍ଯ୍ୟମାନେ ଅନ୍ୟ ଦେଶରୁ ଭାରତକୁ ଆସି ଏଠାକାର ମୂଳ ବାସିନ୍ଦାମାନଙ୍କୁ ବିସ୍ଥାପିତ କରିଥିବା ନେଇ ଏକ ସିଦ୍ଧାନ୍ତ ରହିଛି, ଯାହାକୁ ପ୍ରତ୍ନତତ୍ତ୍ୱବିତ୍ ସିନ୍ଧେ ଖଣ୍ଡନ କରିଛନ୍ତି। ସିନ୍ଧେ କହିଛନ୍ତି, ୧୦,୦୦୦ ବର୍ଷ ପୂର୍ବେ ଭାରତୀୟ ଜନସଂଖ୍ୟାର ମୂଳ ଆନୁବଂଶିକ ଢାଞ୍ଚାରେ ପରିବର୍ତ୍ତନ ଓ ଜିନ୍‌ର ମିଶ୍ରଣ ହୋଇଥିଲା। ଜନସଂଖ୍ୟାରେ ଯୋଗସୂତ୍ରର ସାନ୍ଦ୍ରତା ଓ କେଉଁ ସମୟରେ ଏହି ପ୍ରକ୍ରିୟା ଘଟୁଛି ତାହା ଉପରେ ଆନୁବଂଶିକ ପରିବର୍ତ୍ତନ ନିର୍ଭର କରିଥାଏ। ଏହା ଜାଣିବା ପରେ ଆନୁବଂଶିକ ଇତିହାସ ସମ୍ପର୍କରେ ଆମର ସମ୍ପୂର୍ଣ୍ଣ ଧାରଣା ଆସିଯିବ। ଭାରତରେ ଜାତିଗୁଡ଼ିକର ବିଶୁଦ୍ଧତାକୁ ପରଖିବା ପାଇଁ ଏହା ଏକ ଉଦ୍ୟମ ବୋଲି ସିନ୍ଧେ କହିଛନ୍ତି। ବିଦେଶରୁ ଆର୍ଯ୍ୟମାନେ ଦେଶାନ୍ତରୀ ହୋଇଆସିଥିବା ଇତିହାସକୁ କେନ୍ଦ୍ରରେ କ୍ଷମତାସୀନ ଭାଜପା ମଧ୍ୟ ଖାରଜ କରିଥାଏ।

## ଡିଏନ୍ଏ ପ୍ରୋଫାଇଲିଂ ପାଇଁ କିଟ୍ସ ଅର୍ଡରକୁ ନେଇ ଝଡ଼




- ଭାରତକୁ ଜାତିଗତ ଶୁଦ୍ଧତା ନୁହେଁ, ନିଯୁକ୍ତି ସୁରକ୍ଷା ଓ ଆର୍ଥିକ ସମୃଦ୍ଧି ଲୋଡ଼ା।
  -ରାହୁଲ ଗାନ୍ଧୀ, କଂଗ୍ରେସ ନେତା
- ସଂସ୍କୃତି ମନ୍ତ୍ରଣାଳୟ ଭାରତୀୟ ଜାତିଗୁଡ଼ିକର ଶୁଦ୍ଧତା ଯାଞ୍ଚ ପାଇଁ ଡିଏନ୍ଏ ପ୍ରୋଫାଇଲିଂ ମେଶିନ୍ ଆମଦାନୀ କରିବାକୁ ନିଷ୍ପତ୍ତି ନେବାଠାରୁ ବଡ଼ ପାପ ନାହିଁ। ଏହା କେନ୍ଦ୍ର ସରକାରଙ୍କ ଏକ କୁଟିଳ ପଦକ୍ଷେପ।
  -ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା
- ମୋଦି ସରକାର ହିଟଲରଙ୍କ ପଥ ଅନୁସରଣ କରୁଛନ୍ତି କି? ଜାତିର ଶୁଦ୍ଧତା ପ୍ରୋଫାଇଲିଂ କରିବାର ତାତ୍ପର୍ଯ୍ୟ କ’ଣ?
  -ସଦଫ ଜାଫର, କଂଗ୍ରେସ ନେତା
- ଜାତିଗତ ଶୁଦ୍ଧତାକୁ ନେଇ ଅଧ୍ୟୟନ କରାଯିବା ଉପରେ ପ୍ରକାଶିତ ଖବର ମିଛ ଓ ବିଭ୍ରାନ୍ତିକର। ସରକାରଙ୍କ ଏଭଳି କୌଣସି ଯୋଜନା ନାହିଁ। କେତେକ ପ୍ରକଳ୍ପ ଲାଗି ଡିଏନ୍ଏ ଲାବ୍‌କୁ ଆହୁରି ବିକଶିତ କରିବା ପାଇଁ ଭାରତର ନୃତତ୍ତ୍ୱବିଜ୍ଞାନ ସର୍ବେକ୍ଷଣ ସଂସ୍ଥା (ଏଏନ୍ଏସ୍ଆଇ)ଠାରୁ ସଂସ୍କୃତି ମନ୍ତ୍ରଣାଳୟ ଏକ ପ୍ରସ୍ତାବ ଗ୍ରହଣ କରିଛି, ଯାହାକି ବିଚାରାଧୀନ ଅଛି।
  -ଜି. କିଶନ ରେଡ୍ଡୀ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ



## ପ୍ରକଳ୍ପରୁ ଓହରିଲା ଏଏନ୍ଏସ୍ଆଇ

କୋଲକାତାସ୍ଥିତ ଭାରତର ନୃତତ୍ତ୍ୱ ବିଜ୍ଞାନ ସର୍ବେକ୍ଷଣ ସଂସ୍ଥା (ଏଏନ୍ଏସ୍ଆଇ) ଜାତିଗତ ଶୁଦ୍ଧତା ଯାଞ୍ଚ ପ୍ରସଙ୍ଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଦର୍ଶାଇ ପ୍ରକଳ୍ପ କାର୍ଯ୍ୟରୁ ଓହରିଯାଇଛି। ୨୦୧୯ରେ ପ୍ରକଳ୍ପ ଆରମ୍ଭ ବେଳେ ଏହି ସଂସ୍ଥା ସେଥିରେ ସାମିଲ ଥିଲା। ସେତେବେଳେ ଏଏନ୍ଏସ୍ଆଇ ପକ୍ଷରୁ କୁହାଯାଇଥିଲା ଯେ, ମଣିଷ ଶରୀରରେ ଥିବା କୋଷିକାରୁ ସମ୍ପୃକ୍ତ ବ୍ୟକ୍ତି କେଉଁ କୁଳ ବା ବଂଶରୁ ଆସିଛନ୍ତି ସେହି ଉତ୍ସ ଜାଣିବା ପାଇଁ ଡିଏନ୍ଏ ନମୁନା ବିକଶିତ କରିବା ପ୍ରକଳ୍ପର ଉଦ୍ଦେଶ୍ୟ। ଏହାକୁ ସାମ୍ପ୍ରତିକ ସମୟରେ ଭାରତୀୟ ଜନସଂଖ୍ୟାର ଗୁଣସୂତ୍ର ଅନୁକ୍ରମ ବହୁରୂପତାରେ ବ୍ୟବହାର କରାଯାଇପାରିବ। ପ୍ରକାଶ ଯେ, ଏଏନ୍ଏସ୍ଆଇ ଭାରତରେ ବସବାସ କରୁଥିବା ଲୋକଙ୍କ ଜାତିର ଅଗୁଣିତ କୋଷିକାକୁ ପୁନଃ ଅନୁକ୍ରମରେ ରଖି ସେମାନଙ୍କ ଆନୁବଂଶିକ ବିବିଧତାକୁ ବୁଝିବାକୁ ଚାହୁଁଥିବା କହିଥିଲା। କେବଳ ଏତିକି ନୁହେଁ, ଆଧୁନିକ ମାନବଙ୍କୁ ଆଫ୍ରିକାରୁ ବିସ୍ତାର କରାଇବାରେ ଭାରତର ଭୂମିକାକୁ ପ୍ରମାଣିତ କରିବାକୁ ମଧ୍ୟ ଚାହିଁଥିଲା। ଆଧୁନିକ ମଣିଷମାନେ ଆଫ୍ରିକାରୁ ଆରବ ଦେଇ ଭାରତୀୟ ଉପମହାଦେଶ ପରେ ଦକ୍ଷିଣ-ପୂର୍ବ ଏସିଆ ଏବଂ ଶେଷରେ ଅଷ୍ଟ୍ରେଲିଆକୁ ଯାତ୍ରା କରି ଦକ୍ଷିଣ ମାର୍ଗ ଦେଇ ବିସ୍ତାର ଲାଭ କରିଥାଇପାରନ୍ତି ବୋଲି ଦର୍ଶାଇବାକୁ ଉଦ୍ୟମ କରିଥିଲା।

## ଭାଜପା ଶାସନରେ ଅତ୍ୟାଚାର ବଢ଼ୁଛି


କର୍ଣ୍ଣାଟକର ହିଜାବ ଗର୍ଲ ମୁସ୍କାନ ଖାନ୍

- ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ପରଠାରୁ ଭାରତରେ ସଂଖ୍ୟାଲଘୁ ମୁସଲମାନ ଓ ଆଦିବାସୀ ସମୁଦାୟ ବିରୋଧରେ ହିଂସା ବଢ଼ିବାରେ ଲାଗିଥିବା ୨୦୨୧ରେ ଆମେରିକା ଏକ ମାନବାଧିକାର ରିପୋର୍ଟରେ ଦର୍ଶାଇଥିଲା। ସେହିପରି ୟୁଏସ୍ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିଅସ୍ ଫ୍ରିଡମ୍ ପକ୍ଷରୁ ଚଳିତ ବର୍ଷ ପ୍ରକାଶିତ ରିପୋର୍ଟରେ ମଧ୍ୟ ଭାରତରେ ଜାତି ଓ ଧର୍ମ ଭିତ୍ତିକ ସ୍ୱାଧୀନତା ନଷ୍ଟ ହେବାରେ ଲାଗିଥିବା କୁହାଯାଇଛି।
- ଗତ ଏପ୍ରିଲ ୧୬ରେ ଉତ୍ତର-ପଶ୍ଚିମ ଦିଲ୍ଲୀର ଜାହାଙ୍ଗୀରପୁରୀରେ ହନୁମାନ ଜୟନ୍ତୀ ପାଳନ ଉପଲକ୍ଷେ ଶୋଭାଯାତ୍ରା ଚାଲିଥିବାବେଳେ ଏକ ମସ୍‌ଜିଦ ନିକଟରେ ଲୋକଙ୍କ ଉପରକୁ ଟେକାମାଡ଼ ହୋଇଥିଲା। ଏହି ସାମ୍ପ୍ରଦାୟିକ ଦଙ୍ଗା ପରେ ମୁସଲମାନମାନଙ୍କ ଘରଗୁଡ଼ିକୁ ବୁଲ୍‌ଡୋଜର ମଡ଼ାଇ ଭାଙ୍ଗି ଦିଆଯାଇଥିଲା। ୨୦ ତାରିଖରେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଦିଲ୍ଲୀ ପୋଲିସ ଏବଂ ଉତ୍ତର ଦିଲ୍ଲୀ ମହାନଗର ନିଗମ (ଏନ୍ଏମ୍‌ଡିସି)ର ଭାଜପା ମେୟର ରାଜା ଇକ୍‌ବାଲ ସିଂ ମାନି ନ ଥିଲେ।
- ଭାଜପା ଶାସିତ କର୍ଣ୍ଣାଟକର କେତେକ ଶିକ୍ଷାନୁଷ୍ଠାନରେ ଗତ ଫେବୃୟାରୀ-ମାର୍ଚ୍ଚରେ ମୁସଲମାନ ଛାତ୍ରୀମାନଙ୍କୁ ହିଜାବ ପିନ୍ଧିବାକୁ ବାରଣ କରାଯାଇଥିଲା। ଏହି ବିବାଦ ଥମି ନ ଥିବାବେଳେ ଗୁରୁବାର ଦକ୍ଷିଣ କନ୍ନଡ ଜିଲାରେ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ତାଗିଦ୍ ସତ୍ତ୍ୱେ ହିଜାବ ପିନ୍ଧି ଆସିଥିବା ୬ ଜଣ ଛାତ୍ରୀଙ୍କୁ ଉପିନାଙ୍ଗଡ଼ି ସରକାରୀ ପ୍ରିୟୁନିଭର୍ସିଟି କଲେଜ କର୍ତ୍ତୃପକ୍ଷ ନିଲମ୍ବନ କରିଛନ୍ତି। ସେହିପରି ମାଙ୍ଗାଲୁରୁ ୟୁନିଭର୍ସିଟି କଲେଜର ୧୬ ଛାତ୍ରୀ ହିଜାବ ପିନ୍ଧି ଆସି ସେମାନଙ୍କୁ ପ୍ରବେଶ ଅନୁମତି ଦେବାକୁ ଦାବି କରିଥିଲେ। କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ଅନୁମତି ନ ଦେବା ସହ ୧୨ ଜଣଙ୍କୁ ଫେରାଇ ଦେଇଛନ୍ତି।
- ଗତ ମେ’ ୧୮ରେ ମଧ୍ୟପ୍ରଦେଶର ନୀମଚ୍ ଜିଲାରେ ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ମୁସଲମାନ ବୋଲି ସନ୍ଦେହ କରି ସ୍ଥାନୀୟ ଭାଜପା ନେତା ଦୀନେଶ କୁଶୱାହ ଆଧାର କାର୍ଡ ମାଗିଥିଲେ। ବୃଦ୍ଧ ଭନୱରଲାଲ ଜୈନ ଆଧାର କାର୍ଡ ଦେଖାଇ ନ ପାରିବାରୁ ଦୀନେଶ ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ଭନୱରଲାଲ ଥିଲେ ପଡ଼ୋଶୀ ରାଜସ୍ଥାନ ଅନ୍ତର୍ଗତ ଚିତ୍ତୋରଗଡ଼ ଜିଲା ନିବାସୀ। ସେ ମାନସିକ ଅସୁସ୍ଥ ଥିଲେ ଏବଂ ଦୁଇଦିନ ପୂର୍ବରୁ ନିଜ ଗାଁରୁ ନିଖୋଜ ହୋଇଯାଇଥିଲେ।

## ସଂକ୍ଷେପରେ

### ସିଦ୍ଧୁଙ୍କ ହତ୍ୟା ପରେ ୪୨୪ ଭିଭିଆଇପିଙ୍କୁ ପୁଣି ସୁରକ୍ଷା ବ୍ୟବସ୍ଥା

ନୂଆଦିଲ୍ଲୀ,୨।୬: ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ଗୁଳିକରି ହତ୍ୟା କରାଯିବା ପରେ ଭଗୱନ୍ତ ମାନ୍ ସରକାର ଆସନ୍ତା ୭ ତାରିଖରୁ ୪୨୪ ଭିଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥା ଫେରାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସରକାର ଗୁରୁବାର ପଞ୍ଜାବ ହରିୟାଣା ହାଇକୋର୍ଟଙ୍କୁ ଜଣାଇଛନ୍ତି। କିଛିଦିନ ପୂର୍ବରୁ ପଞ୍ଜାବ ସରକାର ସିଦ୍ଧୁ ମୁସେୱାଲାଙ୍କ ସମେତ ୪୨୪ ଭିଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେଇଥିଲେ। ମୁସେୱାଲାଙ୍କୁ ହତ୍ୟା କରାଯିବା ପରେ ସରକାରଙ୍କ ନିଷ୍ପତ୍ତିକୁ ନେଇ ବିବାଦ ଦେଖାଦେଇଥିଲା। ସୁରକ୍ଷା ପ୍ରତ୍ୟାହାର ସମ୍ପର୍କିତ ରିପୋର୍ଟ କାହିଁକି ପ୍ରଘଟ ହେଲା ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ।

### କେକେଙ୍କ ଶେଷକୃତ୍ୟ ସମ୍ପନ୍ନ



ମୁମ୍ବାଇ, ୨।୬: ବିଶିଷ୍ଟ ଗାୟକ କ୍ରିଷ୍ଣାକୁମାର କୁନ୍ନଥ ଓରଫ କେକେଙ୍କ ଶେଷକୃତ୍ୟ ଗୁରୁବାର ମୁମ୍ବାଇର ଭରସୋଭା ହିନ୍ଦୁ ଶ୍ମଶାନରେ ସମ୍ପନ୍ନ ହୋଇଛି। ତାଙ୍କ ପରିବାର ଓ ସମ୍ପର୍କୀୟମାନେ ସେଠାରେ ଉପସ୍ଥିତ ଥିଲେ। ପୁଅ ନକୁଲ ସତ୍କାର କର୍ମ କରିଥିଲେ। ଜାଭେଦ ଅଖତର, ଶଙ୍କର ମାଧବାନ୍, ବିଶାଲ, ରେଖା ଭରଦ୍ୱାଜ, ଉଦିତ୍ ନାରାୟଣ, ଅଲ୍‌କା ୟାଗ୍‌ନିକ୍, ଶ୍ରେୟା ଘୋଷାଲ, ଅଭିଜିତ୍ ଭଟ୍ଟାଚାର୍ଯ୍ୟ, ଜାଭେଦ ଅଲ୍ଲୀଙ୍କ ସମେତ ସିନେଜଗତର ବହୁ ପ୍ରମୁଖ କଳାକାର ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଗତ ମଙ୍ଗଳବାର କୋଲକାତାର ନଜରୁଲ୍ ଅଡିଟୋରିୟମ୍‌ରେ ସଙ୍ଗୀତ ପରିବେଷଣ ପରେ ଅସୁସ୍ଥ ହୋଇପଡ଼ିବାରୁ କେକେଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସନ୍ତୁର ଉସ୍ତାଦ୍ ପଣ୍ଡିତ ଭଜନ ସୋପୋରିଙ୍କ ପରଲୋକ



ନୂଆଦିଲ୍ଲୀ,୨।୬: ଖ୍ୟାତନାମା ସନ୍ତୁର ବାଦକ ତଥା ସଙ୍ଗୀତକାର ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଭଜନ ସୋପୋରି (୭୪)ଙ୍କ ଗୁରୁବାର ଗୁରୁଗ୍ରାମସ୍ଥିତ ଫୋର୍ଟିସ୍ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କଲୋନ୍ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ୧୯୪୮ରେ କଶ୍ମୀର ଉପତ୍ୟକାରେ ସୋପୋରିରେ ଜନ୍ମିତ ସନ୍ତୁର ବାଦକ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସୁଫିଆନା ଘରାନା ବର୍ଗ ଅନ୍ତର୍ଗତ ଥିଲେ। ସେ ଶଙ୍କର ପଣ୍ଡିତଙ୍କ ଅଣନାତି। ସୋପୋରିଙ୍କୁ ‘ସନ୍ତୁର ସନ୍ଥ’ ଏବଂ ‘କିଙ୍ଗ୍ ଅଫ୍ ଷ୍ଟ୍ରିଙ୍ଗ୍‌ସ’ କୁହାଯାଉଥିଲା। ୧୯୯୨ରେ ତାଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ୨୦୦୪ରେ ପଦ୍ମଶ୍ରୀ ପୁରସ୍କାର ମିଳିଥିଲା।

### ସୋନିଆ ଗାନ୍ଧୀଙ୍କୁ କୋଭିଡ୍

ନୂଆଦିଲ୍ଲୀ,୨।୬: କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କୋଭିଡ୍-୧୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କଠାରେ ସାମାନ୍ୟ ଜ୍ୱର ସାଙ୍ଗକୁ କୋଭିଡ୍‌ର ବିଭିନ୍ନ ଲକ୍ଷଣ ଦେଖାଦେବା ପରେ ସେ ସଙ୍ଗରୋଧରେ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ସୋନିଆଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନ୍ୟାଶନାଲ ହେରାଲ୍ଡ ମାମଲାରେ ସୋନିଆ ଓ ତାଙ୍କ ପୁଅ ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିବାର ଦିନକ ପରେ କଂଗ୍ରେସ ଅଧ୍ୟକ୍ଷାଙ୍କୁ କରୋନା ହୋଇଛି। ସେ ଜୁନ୍ ୮ରେ ଇଡିରେ ହାଜର ହେବେ।

### ଅନିଲ ଦେଶମୁଖଙ୍କ ବିରୋଧରେ ଚାର୍ଜଶିଟ୍

ମୁମ୍ବାଇ,୨।୬ (ପି.ଟି.): ଦୁର୍ନୀତି ମାମଲାରେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ଓ ଅନ୍ୟମାନଙ୍କ ବିରୋଧରେ ସିବିଆଇ ଗୁରୁବାର ଚାର୍ଜଶିଟ୍ ଦାଖଲ କରିଛି। ଗତବର୍ଷ ନଭେମ୍ବରରେ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଏନ୍‌ସିପି ନେତା ଆର୍ଥର ରୋଡ୍ ଜେଲ୍‌ରେ ଅଛନ୍ତି। ଗତ ଏପ୍ରିଲରେ ସିବିଆଇ ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱ ନେବା ଦେଶମୁଖଙ୍କ ସମେତ ତାଙ୍କ ସହଯୋଗୀ, କୁନ୍ଦନ ସିନ୍ଦେ ଏବଂ ବହିଷ୍କୃତ ପୋଲିସ ଅଧିକାରୀ ସଚିନ ୱାଜେଙ୍କୁ ହାଜତକୁ ନେଇଥିଲା। ପୂର୍ବତନ ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ଦେଶମୁଖଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ତାଙ୍କ ନିର୍ଦ୍ଦେଶରେ ପୋଲିସ ଅଧିକାରୀ ମୁମ୍ବାଇର ବିଭିନ୍ନ ରେଷ୍ଟୁରାଣ୍ଟ ଓ ବାର୍‌ରୁ ମାସିକ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରୁଥିଲେ ବୋଲି ପରମବୀର କହିଥିଲେ। ସିବିଆଇ ମାମଲାର ତଦନ୍ତ ଦାୟିତ୍ୱ ନେବା ପରେ ଦେଶମୁଖ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ।

## ଜାତିଭିତ୍ତିକ ଜନଗଣନାକୁ କ୍ୟାବିନେଟ ମଞ୍ଜୁରୀ

ପାଟନା,୨।୬


ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

ବିହାରରେ ଜାତିଭିତ୍ତିକ ଜନଗଣନାକୁ ରାଜ୍ୟ ମନ୍ତ୍ରିମଣ୍ଡଳ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି ଜନଗଣନା ହେବ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି। ଆସନ୍ତା ବର୍ଷ ଫେବୃୟାରୀ ୨୩ରେ ସର୍ଭେ ଶେଷ ହେବ। ସାଧାରଣ ପ୍ରଶାସନ ବିଭାଗ ବିଜ୍ଞପ୍ତି ପ୍ରକାଶ କରିବା ପରେ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ମୁଖ୍ୟ ସଚିବ ଅମିର୍ ଶୁଭାନି କହିଛନ୍ତି। ରାଜ୍ୟ ସରକାରଙ୍କ ଜରୁରିକାଳୀନ ପାଣ୍ଠିରୁ ଏଥିପାଇଁ ୫୦୦ କୋଟି ଟଙ୍କା ବ୍ୟୟ କରାଯିବ। ବୁଧବାର ସର୍ବଦଳୀୟ ବୈଠକ ବସି ନିର୍ଦ୍ଧାରିତ ସମୟ ମଧ୍ୟରେ ଜାତିଭିତ୍ତିକ ଜନଗଣନା ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟ ବିରୋଧୀ ଦଳ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ଜାତିଭିତ୍ତିକ ଜନଗଣନା ଲାଗି ଦାବି କରିଆସୁଛନ୍ତି।

ବ୍ରିଟେନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶାସନକୁ ୭୦ ବର୍ଷ ପୂରିଛି। ପ୍ଲାଟିନମ ଜୁବୁଲି ପାଳନ ଅବସରରେ ଗୁରୁବାର ଲଣ୍ଡନର ବକିଂହାମ୍ ପ୍ୟାଲେସ୍ ବାଲ୍‌କୋନିରେ ମହାରାଣୀ ଅଭିବାଦନ ଗ୍ରହଣ କରୁଥିବାବେଳେ ତାଙ୍କ ସହ ପ୍ରିନ୍ସ ଚାର୍ଲସ, କେମ୍ବ୍ରିଜ୍ ଡଚେସ୍ କ୍ୟାଥରିନ୍, ପ୍ରିନ୍ସେସ୍ ଚାରଲୋଟ ଏବଂ ପ୍ରିନ୍ସ ଲୁଇସ୍।



## ଇସ୍ତଫା ଦେବେ ମେଟା ସିଓଓ ଶେରିଲ୍ ସ୍ୟାଣ୍ଡବର୍ଗ

ସାନ୍‌ଫ୍ରାନ୍ସିସ୍‌କୋ, ୨।୬: ସୋସିଆଲ ନେଟ୍‌ୱର୍କିଂ ପ୍ଲାଟଫର୍ମ ଫେସ୍‌ବୁକ୍‌ର ପ୍ୟାରେଣ୍ଟ କମ୍ପାନୀ ମେଟା ସିଓଓ ଶେରିଲ୍ ସ୍ୟାଣ୍ଡବର୍ଗ୍ ତାଙ୍କ ପଦରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ଏକ ଷ୍ଟାର୍ଟଅପ୍ କମ୍ପାନୀରୁ ମେଟାକୁ ଏ ପର୍ଯ୍ୟନ୍ତ ପହଞ୍ଚାଇବାରେ ୫୨ ବର୍ଷୀୟ ସ୍ୟାଣ୍ଡବର୍ଗଙ୍କ ପ୍ରମୁଖ ଭୂମିକା ରହିଛି। ଫେସ୍‌ବୁକ୍ ସିଇଓ ମାର୍କ ଜୁକରବର୍ଗଙ୍କ ପରେ ଅନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ୟାଣ୍ଡବର୍ଗ ନେଉଥିଲେ। ୧୪ ବର୍ଷ ଧରି ସେ କମ୍ପାନୀ ସହ ଜଡ଼ିତ ରହିବା ପରେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଜୀବନରେ ନୂଆ ଅଧ୍ୟାୟ ଆରମ୍ଭ କରିବାର ସମୟ ଆସିଯାଇଛି। ଭବିଷ୍ୟତରେ କ’ଣ ହେବ ତାହା ଜଣାନାହିଁ। କିନ୍ତୁ କେହି ବି କେଉଁଠି ସ୍ଥାୟୀ ନୁହଁନ୍ତି ବୋଲି ଶେରିଲ୍ ଏକ ଫେସ୍‌ବୁକ୍ ପୋଷ୍ଟରେ ଲେଖିଛନ୍ତି। ହାଭାର୍ଡରୁ ଶିକ୍ଷାଲାଭ କରିଥିବା ସ୍ୟାଣ୍ଡବର୍ଗ ୨୦୦୮ରେ ଷ୍ଟାର୍ଟଅପ୍ କମ୍ପାନୀ ଫେସ୍‌ବୁକ୍‌ରେ ଯୋଗ ଦେଇଥିଲେ। ମାର୍କେଟିଂ ଏକ୍‌ଜିକ୍ୟୁଟିଭ୍ ଟମ୍ ବର୍ନଥାଲଙ୍କ ସହ ତାଙ୍କ ନିର୍ବନ୍ଧ ହୋଇଛି। ସ୍ୟାଣ୍ଡବର୍ଗଙ୍କ ପରେ ଜାଭିୟର ଓଲିଭାନ୍‌ଙ୍କୁ ସିଓଓ ପଦରେ ଅବସ୍ଥାପିତ କରାଯିବ ବୋଲି ଜୁକରବର୍ଗ କହିଛନ୍ତି।



## କଶ୍ମୀରରେ ବ୍ୟାଙ୍କ ମ୍ୟାନେଜରଙ୍କୁ ଗୁଳିକରି ହତ୍ୟା

### ୭୨ ଘଣ୍ଟାରେ ହିନ୍ଦୁଙ୍କୁ ଦ୍ୱିତୀୟ ଟାର୍ଗେଟ କିଲିଂ

ଶ୍ରୀନଗର,୨।୬


ବିଜୟ କୁମାର

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାରେ ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ଆତଙ୍କବାଦୀମାନେ ଗୁଳି କରି ହତ୍ୟା କରିଛନ୍ତି। ୭୨ ଘଣ୍ଟା ମଧ୍ୟରେ ହିନ୍ଦୁଙ୍କୁ ଏହା ଦ୍ୱିତୀୟ ଟାର୍ଗେଟ କିଲିଂ। ଇଲାକାହି ଦେହାତି ବ୍ୟାଙ୍କର ଆରେହ ଶାଖାରେ ଜଣେ ଆତଙ୍କବାଦୀ ପ୍ରବେଶ କରି ମ୍ୟାନେଜର ବିଜୟ କୁମାରଙ୍କୁ ଗୁଳି କରିଥିଲା। ଆକ୍ରମଣକାରୀ ବ୍ୟାଙ୍କରେ ପ୍ରବେଶ କରିବା ପରେ ଗୁଳି ଚଳାଇବା ଓ ସେଠାରୁ ଖସି ପଳାଇଯିବାର ଫଟୋ ସିସିଟିଭିରେ କଏଦ ହୋଇଛି। ଗୁରୁତର ଆହତ ବିଜୟଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ବାଟରେ ସେ ପ୍ରାଣ ହରାଇଥିଲେ। ରାଜସ୍ଥାନ ହନୁମାନଗଡ଼ ଜିଲା ବାସିନ୍ଦା ବିଜୟ ନିକଟରେ କୁଲ୍‌ଗାମରେ ପୋଷ୍ଟିଂ ହୋଇଥିଲେ। ଆକ୍ରମଣକାରୀଙ୍କୁ ଧରିବା ଲାଗି ପୋଲିସ ବ୍ୟାଙ୍କ ଅଞ୍ଚଳକୁ ଚାରିପଟୁ ଘେରିରହି ତଲାସି ଅଭିଯାନ ଚଳାଇଛି।

ସୂଚନାଯୋଗ୍ୟ, ଗତ କିଛିଦିନ ମଧ୍ୟରେ ଜମ୍ମୁ-କଶ୍ମୀରରେ ୮ ଜଣ କଶ୍ମୀରୀ ପଣ୍ଡିତଙ୍କୁ ଟାର୍ଗେଟ କରି ହତ୍ୟା କରାଗଲାଣି। ଦୁଇଦିନ ପୂର୍ବରୁ ଜମ୍ମୁର ଜଣେ ହିନ୍ଦୁ ଶିକ୍ଷକ ରଜନୀ ବାଲାଙ୍କୁ ଆତଙ୍କବାଦୀମାନେ କୁଲଗାମସ୍ଥିତ ସ୍କୁଲ୍ ବାହାରେ ଗୁଳିକରି ହତ୍ୟା କରିଥିଲେ। ଶୋପିଆନ ଜିଲାରେ ଫାରୁକ୍ ଅହମଦ ଶେଖ୍ ନାମକ ଜଣେ ସାଧାରଣ ନାଗରିକ ବୁଧବାର ସନ୍ଧ୍ୟାରେ ଆତଙ୍କବାଦୀଙ୍କ ଟାର୍ଗେଟ ଆକ୍ରମଣର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ସେହିପରି ଗୁରୁବାର ସକାଳେ ଏକ ଗାଡ଼ିରେ ବିସ୍ଫୋରଣ ହେବାରୁ ୩ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହା ଆଇଇଡି ବିସ୍ଫୋରଣ କି ନୁହେଁ ପୋଲିସ ତଦନ୍ତ ଚଳାଇଛି। ବ୍ୟାଙ୍କ ମ୍ୟାନେଜରଙ୍କୁ ହତ୍ୟା ଘଟଣାକୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ନିନ୍ଦା କରିଛନ୍ତି। କେନ୍ଦ୍ରର ଏନ୍‌ଡିଏ ସରକାର କଶ୍ମୀରରେ ଶାନ୍ତି ବଜାୟ ରଖିବାରେ ବିଫଳ ହୋଇଥିବା ସେ କହିଛନ୍ତି।

### ଉପତ୍ୟକା ଛାଡ଼ିବାକୁ କଶ୍ମୀରୀ ପଣ୍ଡିତଙ୍କ ଚେତାବନୀ

ଜମ୍ମୁ-କଶ୍ମୀରରେ ହିନ୍ଦୁମାନଙ୍କୁ ଟାର୍ଗେଟ କିଲିଂ କରାଯାଉଥିବାରୁ ଏହାର ପ୍ରତିବାଦରେ ଶତାଧିକ କଶ୍ମୀରୀ ପଣ୍ଡିତ ଗୁରୁବାର ଶ୍ରୀନଗରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଉପତ୍ୟକା ଛାଡ଼ି ଜମ୍ମୁ ଅଞ୍ଚଳକୁ ଚାଲିଯିବା ଲାଗି ଚେତାବନୀ ଦେଇଛନ୍ତି। ସେମାନଙ୍କ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଯୁକ୍ତି ପ୍ୟାକେଜ୍ ଯୋଗାଇଦେବାକୁ କଶ୍ମୀରୀ ପଣ୍ଡିତମାନେ ଅନୁରୋଧ କରିଛନ୍ତି। ଶ୍ରୀନଗରରେ ୩ ସପ୍ତାହ ହେଲା ଆନ୍ଦୋଳନର ନେତୃତ୍ୱ ନେଉଥିବା ଅମିତ କୌଲ୍ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରେ ଚାଲିଥିବା ରାସ୍ତାରୋକୋ ଆନ୍ଦୋଳନର ଫଟୋ ଶେୟାର କରିଛନ୍ତି।

## ସେନ୍‌ସେକ୍ସରେ ୪୩୭ ଅଙ୍କ ବୃଦ୍ଧି

ମୁମ୍ବାଇ: ଲଗାତର ୨ଦିନର କ୍ଷତି ପରେ ୪ର୍ଥ କାରବାର ଦିବସ ଅର୍ଥାତ୍ ଗୁରୁବାର ଶେୟାର ବଜାରରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଗୁରୁବାରର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୪୩୭ (୦.୭୯%) ଏବଂ ନିଫ୍ଟିରେ ୧୦୫ (୦.୬୪%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୫,୮୧୮ ଏବଂ ନିଫ୍ଟି ୧୬,୬୨୮ ଅଙ୍କରେ ବନ୍ଦ ହୋଇଥିଲା। ଦିନରେ ୧୯୭୨ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୩୩୪ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ଏହାଛଡ଼ା ୧୩୮ ଶେୟାରରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ।



## ସଂକ୍ଷେପରେ

### ଭିସ୍ତାରାକୁ ୧୦ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ,୨।୬: ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ୍ ଆଭିଏସନ୍ (ଡିଜିସିଏ) ପକ୍ଷରୁ ଭିସ୍ତାରା ଏୟାରଲାଇନ୍ସ ଉପରେ ୧୦ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ଡିଜିସିଏର ସୂଚନା ଅନୁସାରେ ଏୟାରଲାଇନ୍ସ ଦ୍ୱାରା ଉତ୍ତମ ଭାବେ ପ୍ରଶିକ୍ଷିତ ହୋଇ ନ ଥିବା ପାଇଲଟ୍‌ଙ୍କ ଦ୍ୱାରା ନିକଟରେ ଏକ ଯାତ୍ରୀବାହୀ ବିମାନକୁ ଇନ୍ଦୋର ବିମାନବନ୍ଦରରେ ଅବତରଣ କରାଯାଇଥିଲା। ଉକ୍ତ ଅଣ ପ୍ରଶିକ୍ଷିତ ପାଇଲଟ୍ ଜଣକ ଫ୍ଲାଇଟ୍‌ର ଫାଷ୍ଟ ଅଫିସର ଦାୟିତ୍ୱରେ ରହିଥିଲେ। ତେଣୁ ଏହା ନିୟମର ଉଲ୍ଲଂଘନ ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି। ତେଣୁ ଏହା ନିୟମର ଉଲ୍ଲଂଘନ ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି।

### ଗହମ ରପ୍ତାନି ଅନୁମତି ଦେଲେ ସରକାର

ନୂଆଦିଲ୍ଲୀ,୨।୬: ଗତ ମାସରୁ ଗହମ ରପ୍ତାନି ଉପରେ କଟକଣା ଲଗାଇଥିବା ଭାରତ ସରକାର ୪,୬୯,୨୦୨ ଟନ୍ ଗହମ ଶିପ୍‌ମେଣ୍ଟ ପାଇଁ ଅନୁମତି ଦେଇଥିବା ଗୁରୁବାର ବାଣିଜ୍ୟିକ ଅଧିକାରୀଙ୍କ ପକ୍ଷରୁ ରଏଟର୍ସକୁ ସୂଚନା ଦିଆଯାଇଛି। ରପ୍ତାନି ପାଇଁ ଅନୁମତି ଦିଆଯାଇଥିବା ଗହମ ପରିମାଣକୁ ମୁଖ୍ୟତଃ ବାଂଲାଦେଶ, ଫିଲିପାଇନ୍ସ, ତାଞ୍ଜାନିଆ ଏବଂ ମାଲେସିଆ ପଠାଯିବ। ଚଳିତ ବର୍ଷ ଏପ୍ରିଲରେ ଭାରତରୁ ୧.୪୬ ମିଲିୟନ ଟନ୍ ଗହମ ରପ୍ତାନି କରାଯାଇଥିବା ବେଳେ ପ୍ରତିବନ୍ଧକ କାରଣରୁ ମେ' ମାସରେ ସେଥିରେ ୧.୧୩ ମିଲିୟନ ଟନ୍ ପର୍ଯ୍ୟନ୍ତ ହ୍ରାସ ଘଟିଛି।

### ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମିଳିବ ସବ୍‌ସିଡି

ନୂଆଦିଲ୍ଲୀ,୨।୬: ସରକାରଙ୍କ ପକ୍ଷରୁ ସାଧାରଣ ଜନତାଙ୍କ ପାଇଁ ୨୦୦ ଟଙ୍କାର ଏଲ୍‌ପିଜି ଗ୍ୟାସ୍ ସବ୍‌ସିଡି ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଅନୁଯାୟୀ ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଭୁକ୍ତ ଥିବା ୯ କୋଟି ହିତାଧିକାରୀଙ୍କ ମଧ୍ୟରେ ସୀମିତ ରହିବ ବୋଲି ତୈଳ ସଚିବ ପଙ୍କଜ ଜୈନ ସ୍ପଷ୍ଟ କରିଛନ୍ତି। ସେହିପରି ୨୦୨୦ ଜୁନ୍‌ରୁ ରୋଷେଇ ଗ୍ୟାସ୍ ଉପରେ କୌଣସି ସବ୍‌ସିଡି ଦିଆଯାଉନାହିଁ। କୋଭିଡ୍ ମହାମାରୀ ଆରମ୍ଭ ହେବା ପରଠାରୁ ଏଲ୍‌ପିଜି ବ୍ୟବହାରକାରୀଙ୍କୁ କୌଣସି ପ୍ରକାର ସବ୍‌ସିଡି ପ୍ରଦାନ କରାଯାଉନାହିଁ।

# ରାଜ୍ୟ ଜିଏସ୍‌ଟି ସଂଗ୍ରହରେ ୪୨% ଅଭିବୃଦ୍ଧି

କଟକ,୨।୬

ଚଳିତ ବର୍ଷ ମେ' ମାସରେ ରାଜ୍ୟ ଜିଏସ୍‌ଟି ବାବଦକୁ ଓଡ଼ିଶା ୧୧୭୪.୦୨ କୋଟି ଟଙ୍କା ସଂଗ୍ରହ କରିଛି। ୨୦୨୧ ମେ' ମାସର ୮୨୭.୪୩ କୋଟି ଟଙ୍କା ତୁଳନାରେ ଚଳିତ ବର୍ଷ ମେ' ରେ ଜିଏସ୍‌ଟି ସଂଗ୍ରହରେ ୪୧.୮୯% ବୃଦ୍ଧି ଘଟିଥିବା ଓଡ଼ିଶା ବାଣିଜ୍ୟକର ଏବଂ ଜିଏସ୍‌ଟି କମିଶନରେଟ୍, କଟକ ପକ୍ଷରୁ ସୂଚନା ଦିଆଯାଇଛି। ଗତ ମେ' ମାସରେ ଓଡ଼ିଶାର ମୋଟ୍ ଜିଏସ୍‌ଟି ସଂଗ୍ରହ ୩୯୫୫.୭୫ କୋଟି ଟଙ୍କା ହୋଇଥିବା ବେଳେ ପୂର୍ବ ବର୍ଷ ଏହି ଅବଧି ମଧ୍ୟରେ ୩୧୯୭.୭୫ କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଫଳରେ ଏ କ୍ଷେତ୍ରରେ ୨୪% ଅଭିବୃଦ୍ଧି ଘଟିଛି। କେନ୍ଦ୍ରୀୟ ଜିଏସ୍‌ଟିରେ ୯୭୮.୨୫ କୋଟି ଟଙ୍କା ସଂଗ୍ରହ ହେବା ସହିତ ଏହି କ୍ଷେତ୍ରରେ




୪୨% ଅଭିବୃଦ୍ଧି ଘଟିଛି। ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) କ୍ଷେତ୍ରରେ ୧୧୦୫.୫୧ କୋଟି ଟଙ୍କା ସଂଗୃହୀତ ହେବା ସହିତ ଏଥିରେ ୦.୯୯% ଏବଂ ଅତିରିକ୍ତ ଟିକସ (ସେସ୍) ବାବଦକୁ ୬୭୭.୯୭ କୋଟି ଟଙ୍କା ସଂଗୃହୀତ ହୋଇଛି। ଏକ୍ଷେତ୍ରରେ ୧୯% ଅଭିବୃଦ୍ଧି ଘଟିଛି। ବୃତ୍ତିଗତ କର ତଥା ପ୍ରଫେସନ ଟ୍ୟାକ୍ସ ସଂଗ୍ରହରେ ମଧ୍ୟ ୩୫.୫୨% ଅଭିବୃଦ୍ଧି ଘଟିଛି। ଚଳିତ ବର୍ଷ ମେ' ମାସରେ ୨୩.୩୧ କୋଟି ଟଙ୍କା ସଂଗୃହୀତ ହୋଇଥିବା ବେଳେ ଗତବର୍ଷ ଏହି ସମୟରେ ୧୭.୨୦ କୋଟି ଟଙ୍କାର ବୃତ୍ତିଗତ କର ସଂଗ୍ରହ କରାଯାଇଥିଲା।

୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ୩ମାସ ମଧ୍ୟରେ ବାର୍ଷିକ ବୃତ୍ତିଗତ ଟିକସ ପଇଠ କରିବା ପାଇଁ ସମସ୍ତ ଜିଏସ୍‌ଟି ପଞ୍ଜୀକୃତ ଟିକସଦାତା ଏବଂ ଅନ୍ୟାନ୍ୟ ପେସାରେ ଥିବା ବ୍ୟକ୍ତିବିଶେଷଙ୍କୁ କୁହାଯାଇଛି। ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନି ଅତି କମ୍‌ରେ ୯୦% ରିଟର୍ନ ଦାଖଲ ସୁନିଶ୍ଚିତ କରିବା ନିମନ୍ତେ କ୍ଷେତ୍ରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ସନ୍ଦିଗ୍ଧ ଏବଂ ବୃହତ୍ ଟିକସଦାତାଙ୍କ ରିଟର୍ନ ଯାଞ୍ଚ କରିବା ସହିତ ଏଥିରେ ତ୍ରୁଟି କିମ୍ବା ଅନିୟମିତତା ପରିଲକ୍ଷିତ ହେଲେ ତୁରନ୍ତ ଡିମାଣ୍ଡ ଏବଂ ରିକଭରି ପାଇଁ ପରାମର୍ଶ ଦେଇଛନ୍ତି। ଟିକସ ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ମଧ୍ୟ ସେ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ୭୭୩୯ ସଂଖ୍ୟକ ନୂଆ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଛି। ଏହାଛଡ଼ା ଚଳିତ ବର୍ଷ ମେ' ମାସରେ ୧୭.୨୬ ଲକ୍ଷ ଇ-ୱେବିଲ୍ ନିର୍ଗମନ ହୋଇଥିବା ବେଳେ ପୂର୍ବ ବର୍ଷ ଉକ୍ତ ଅବଧି ମଧ୍ୟରେ ୧୧.୬୯ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିଲା। ଫଳରେ ଏ କ୍ଷେତ୍ରରେ ୪୭.୬୪% ଅଭିବୃଦ୍ଧି ଘଟିଛି।

# ଆଜି ଆସୁଛନ୍ତି ପିଏନ୍‌ବି ଇଡି

ଭୁବନେଶ୍ୱର,୨।୬

ଦିନିକିଆ ଓଡ଼ିଶା ଗସ୍ତରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) କଲ୍ୟାଣ କୁମାର ଆସୁଛନ୍ତି। ଏପରିକି ସେ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବା ସହ ଭୁବନେଶ୍ୱର ଅଞ୍ଚଳ ଏବଂ ଏହି ଅଞ୍ଚଳ ଅଧୀନରେ ଥିବା ମଣ୍ଡଳଗୁଡିକର ବ୍ୟବସାୟ କାର୍ଯ୍ୟର ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ସେହିଭଳି ଏହି ଅଞ୍ଚଳର ଚାପଗ୍ରସ୍ତ ସମ୍ପତ୍ତିର ରିକଭରି ଏବଂ ରିଟେଲ, କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଅଗ୍ରିମ ବୃଦ୍ଧି କରାଇବା ଉପରେ ସେ ଧ୍ୟାନ ଦେବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସେହିପରି ସନ୍ଧ୍ୟାରେ କିଛି ବଛା ବଛା ଶାଖାର ପଦାଧିକାରୀ ଏବଂ ଅନ୍ୟ ସଦସ୍ୟମାନଙ୍କ ସହ ଗ୍ରାହକ ସେବାରେ ଉନ୍ନତି ଆଣିବା ଏବଂ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି ଉପରେ କଲ୍ୟାଣ ଆଲୋଚନା କରିବେ। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ନୂତନ


କଲ୍ୟାଣ କୁମାର

ଶାଖା ଖୋଲି ଏହାର ଶାଖା ସଂଖ୍ୟା ବଢ଼ାଇବା ସହ ରାଜ୍ୟରେ ଏହାର ଅଗ୍ରିମ ଜମା ହାର ବଢ଼ାଇବା ଉପରେ ମଧ୍ୟ ଅଧିକ ଧ୍ୟାନଦେବା ପାଇଁ ବ୍ୟାଙ୍କ ପକ୍ଷରୁ ଯୋଜନା କରାଯାଇଛି। ସୂଚନାଯୋଗ୍ୟ, ଦେଶର ପ୍ରମୁଖ ବ୍ୟାଙ୍କ ପିଏନ୍‌ବି, ଓଡ଼ିଶାର ୩୦ ଗୋଟି ଜିଲାରେ ୩୪୦ଟି ଶାଖା, ୪୭୨ ଏଟିଏମ୍ ଏବଂ ୫୪୮ ବିସି ଜରିଆରେ ରାଜ୍ୟବାସୀଙ୍କୁ ସେବା ଯୋଗାଉଛି।

# ଭବିଷ୍ୟନିଧି କାର୍ଯ୍ୟାଳୟ ପକ୍ଷରୁ 'ପ୍ରୟାସ' କାର୍ଯ୍ୟକ୍ରମ




ଭୁବନେଶ୍ୱର,୨।୬

ଜଣେ କର୍ମଚାରୀ ଚାକିରିରୁ ଅବସର ନେବା ଦିନଠାରୁ ହିଁ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ ଆଦେଶ (ପିପିଓ) ଜାରି କରିବାର ପ୍ରାବଧାନ ରହିଛି। ଏପରିକି ପେନ୍‌ସନ ସମସ୍ୟାର ସମାଧାନ ଲାଗି ନିକଟରେ ଭାରତ ସରକାର 'ପ୍ରୟାସ' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ କେନ୍ଦୁଝରର ଭବିଷ୍ୟନିଧି କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ଲିମିଟେଡ୍‌ର ବ୍ୟବସାୟିକ ପ୍ରଶିକ୍ଷଣ କେନ୍ଦ୍ର (ଭିଟିସି) ସମ୍ମିଳନୀ କକ୍ଷରେ ପ୍ରୟାସ ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭବିଷ୍ୟନିଧି କମିଶନର ବିକାଶ ଆନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରୟାସ ଯୋଜନାର ଉପକାରିତା ଓ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏପରିକି ଭବିଷ୍ୟନିଧି ଦ୍ୱାରା ଉପଲବ୍ଧ ଅନ୍‌ଲାଇନ ସେବା ବ୍ୟବସ୍ଥାର ସଦୁପଯୋଗ ଓ ସୁବିଧା ସମ୍ପର୍କରେ ମଧ୍ୟ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍‌ର ମାନବ ସମ୍ବଳ ମୁଖ୍ୟ ଚନ୍ଦନ ମିଶ୍ରା ଏବଂ ବରିଷ୍ଠ ପ୍ରବନ୍ଧକ ପ୍ରବୀଣ କୁମାର ମିଶାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିକାଶ ଆନନ୍ଦଙ୍କୁ ଟାଟା ଷ୍ଟିଲ୍ ପକ୍ଷରୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ କରାଯାଇଥିଲା। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ମେ'ରେ ଚାକିରିରୁ ଅବସର ଗ୍ରହଣ କରିଥିବା ଜିଲାର ୯ କର୍ମଚାରୀଙ୍କୁ ପେନ୍‌ସନ ଆଦେଶ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଟାଟା ଷ୍ଟିଲ୍‌ର ୨ଜଣ କର୍ମଚାରୀ ଚକ୍ର ଗୌଡ଼ ଓ ବୁଧୁରାମ୍ ଚମ୍ପିଆଙ୍କ ସମେତ ବଲାଣୀ ମାଇନ୍ସ (ସେଲ୍)ର ବୀର ଗୋପ, ବାଂଶପାଣି ଆଇରନ୍ ମାଇନ୍ସର ଅଜୟ ସାହୁ, ଇଡ଼କଲ କଳିଙ୍ଗ ଆଇରନ୍ ୱାର୍କ୍ସର ଜନ୍ମେଜୟ ନାୟକ, ନୂଆଗାଁ ଆଇରନ୍ ମାଇନ୍ସର ଅଭିରାମ ଆଲେଆ ଏବଂ ତ୍ରିବେଣୀ ଆର୍ଥ ମୁଭର୍ସର ୩ଜଣ କର୍ମଚାରୀ ଭି.ସୁରେଶ, ରବୀନ୍ଦ୍ର ପରିଡ଼ା ତଥା ବିନୟ କୁମାର ସାମଲ ପ୍ରମୁଖ ରହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ବିଦାୟୀ କର୍ମଚାରୀମାନଙ୍କୁ ଉପଢୌକନ ସହ ମାସିକ ପେନ୍‌ସନ ଆଦେଶ ପ୍ରଦାନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦନ ମିଶ୍ରା ଭବିଷ୍ୟନିଧିର ତ୍ୱରିତ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ପର୍କରେ ଉଦ୍‌ବୋଧନ ଦେବା ସହ ଧନ୍ୟବାଦ ଅର୍ପଣ କରିଥିବାବେଳେ ମିଶାଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରବର୍ତ୍ତନ ଅଧିକାରୀ ଜୟରାମ ମହାପାତ୍ର ଓ ପ୍ରକାଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

## ୫ରେ ଏଏସ୍‌ବିଏମ୍ ଏମ୍‌ବିଏ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨।୬

ଓଡ଼ିଶାର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ବିଜ୍‌ନେସ୍ ଅଧୀନରେ ଏମ୍‌ବିଏ ପାଠ୍ୟକ୍ରମରେ ନାମ ଲେଖାଇବା ସହ ଅଧ୍ୟୟନ ପାଇଁ ଆଗ୍ରହୀ ଛାତ୍ରୀଛାତ୍ରମାନେ ଚଳିତ ମାସ ୫ତାରିଖ(ରବିବାର)ରେ ଅନୁଷ୍ଠିତ ହେବାକୁ ଥିବା ଅନୁଷ୍ଠାନର ପ୍ରବେଶିକା ପରୀକ୍ଷାରେ ଅଂଶଗ୍ରହଣ କରୁବାକୁ ପଡିବ। ଉକ୍ତ ପ୍ରବେଶିକା ପରୀକ୍ଷାକୁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ମାଧ୍ୟମରେ ଦେଇପାରିବେ। ଯେଉଁ ବିଦ୍ୟାର୍ଥୀମାନେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ କରିବାକୁ ଇଚ୍ଛୁକ କିନ୍ତୁ ଜାତୀୟସ୍ତରରେ କ୍ୟାଟ୍, ମ୍ୟାଟ୍, ଜ୍ୟାଟ୍ ଆଦି ପରୀକ୍ଷା ଦେଇନାହାନ୍ତି ସେମାନେ ହିଁ ଏହି ପ୍ରବେଶିକା ପରୀକ୍ଷା ଦେଇ ଏମ୍‌ବିଏ ଓ ଏମ୍‌ବିଏ-ଏଗ୍ରି ବିଜ୍‌ନେସ୍‌ରେ ନାମ ଲେଖାଇପାରିବେ। ଏହି ପରୀକ୍ଷା ପାଇଁ କୌଣସି ପ୍ରବେଶିକା ଫି ଦେବାକୁ ପଡ଼ିବ ନାହିଁ। ଆଗ୍ରହୀ ଛାତ୍ରୀଛାତ୍ରମାନେ www.asbm.ac.in କୁ ଯାଇ ରେଜିଷ୍ଟ୍ରେଶନ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଭିଇଏମ୍‌ଏସ୍‌ରେ ସମର କ୍ୟାମ୍ପ

ଭୁବନେଶ୍ୱର,୨।୬

ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପକ୍ଷରୁ ଏକ ୧୦ଦିନିଆ ସମର କ୍ୟାମ୍ପ ନିକଟରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ମହାମାରୀ ଯୋଗୁ ବନ୍ଦ ରହିଥିବା ଓ ଦୀର୍ଘ ବ୍ୟବଧାନ ପରେ ସମର କ୍ୟାମ୍ପର ଆୟୋଜନ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବହୁ ଉତ୍ସାହ ଦେଖିବାକୁ ମିଳିଥିଲା ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ନର୍ସରିଠାରୁ ୧୦ମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଏକ ଆର୍ଟ ଆଣ୍ଡ କ୍ରାଫ୍ଟ, ଫ୍ୟାନ୍ସି ଡ୍ରେସ୍, ସନ୍ତରଣ, ଫାୟାରଲେସ୍ କୁକିଂ, ଲିପନ ୱାର୍କ, ଜୁଏଲେରି ମେକିଂ, ଆକ୍ୱା ସ୍କେପିଙ୍ଗ୍ ଫ୍ୟାଶନ ଶୋ, କ୍ଲେ ମଡେଲିଂ, ପେଣ୍ଟିଂ, ଫଟୋଗ୍ରାଫି, ଷ୍ଟାଣ୍ଡିଂ କମେଡି ଓ ଖେଳ ଭଳି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିବସଗୁଡ଼ିକରେ ଛାତ୍ରୀଛାତ୍ରମାନେ ନିଜର କଳାକୌଶଳ ନିଖୁଣ ଭାବରେ ପ୍ରଦର୍ଶନ କରିଥିଲେ।




ସମର କ୍ୟାମ୍ପର ଶେଷ ୨ଦିନ ବିଦ୍ୟାଳୟ ପକ୍ଷରୁ ଭାଲେଡିକ୍ଟୋରି ଉତ୍ସବ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତିକୁ ଆର୍ଟ ଗ୍ୟାଲେରିରେ ଅଭିଭାବକ ତଥା ସାଧାରଣ ବ୍ୟକ୍ତିଙ୍କ ପାଇଁ ପ୍ରଦର୍ଶିତ କରାଯାଇଥିଲା। ପିଲାମାନଙ୍କର କଳାକୃତିକୁ ଅଭିଭାବକମାନେ ମଧ୍ୟ ଅନେକ ପ୍ରଶଂସା କରିଛନ୍ତି। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ, ନାଟକ, ଯୋଗ, କରାଟେ, ଫ୍ୟାଶନ୍ ଶୋ' ଭଳି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଚନ୍ଦ୍ରଶେଖର ପତି, ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ, ଅଧ୍ୟକ୍ଷ ଜି. ରାମା କିଶୋର, ଟ୍ରଷ୍ଟି କେ.କେ. ଦେବୀ, ଉପାଧ୍ୟକ୍ଷ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ପାଇଁ ପ୍ରେରଣାଦାୟୀ ବାର୍ତ୍ତା ମଧ୍ୟ ପ୍ରଦାନ କରିଥିଲେ। ପରିଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୋନାଲି ସିଂ ଓ ମିନତି ରଥଙ୍କ ପୌରୋହିତ୍ୟରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ।

## ଫୁରସତ

# ନିଜକୁ ବାହାହେବେ କ୍ଷମା

- ଦେଶର ପ୍ରଥମ ସୋଲୋଗାମି
- ହନିମୁନ୍ ପାଇଁ ଗୋଆ ଯିବେ

**ଭଦୋଦରା:** ବାହାଘର ପାଇଁ ପ୍ରସ୍ତୁତି ସରିଛି। ବାହାଘର କାର୍ଡ ଛପା ହୋଇ ବଣ୍ଟାସରିଛି। କନ୍ୟା ନିଜ ପାଇଁ ଲେହେଙ୍ଗା, ଗହଣା ବି କିଣିଛନ୍ତି। ପୂରା ରୀତିନୀତିରେ ଆସନ୍ତା ୧୧ରେ ୭ ଫେରା ନେଇ ମୁଣ୍ଡରେ ସିନ୍ଦୂର ଲଗାଇବେ। ହେଲେ ଏହି ସିନ୍ଦୂର ଆଉ କେହି ନୁହେଁ ବରଂ ସେ ନିଜେ ନିଜକୁ ପିନ୍ଧାଇବେ। ଗୁଜରାଟର ୨୪ ବର୍ଷୀୟା କ୍ଷମା ବିନ୍ଦୁ ନିଜେ ନିଜକୁ ବାହାହେବେ ବୋଲି ଜଣାପଡ଼ିବା ପରେ ତାହା ଚର୍ଚ୍ଚାର ବିଷୟ ପାଲଟିଛି। କ୍ଷମା ବିନ୍ଦୁ ଆତ୍ମବିବାହ କଲେ ଏହାକୁ ଦେଶର ପ୍ରଥମ ସୋଲୋଗାମି କୁହାଯିବ।

କ୍ଷମାଙ୍କ କହିବା ଅନୁସାରେ, ସେ କେବେ ବିବାହ କରିବାକୁ ଚାହୁଁ ନ ଥିଲେ। କିନ୍ତୁ କନ୍ୟାବେଶରେ ସଜେଇ ହେବା ତାଙ୍କର ଇଚ୍ଛା ଥିଲା। ନିଜକୁ ଭଲପାଉଥିବାରୁ ସେ ସୋଲୋଗାମି ବା ଆତ୍ମବିବାହ କରିବାକୁ ନିଷ୍ପତ୍ତି



ନେଇଥିଲେ। ଏଥିପାଇଁ ସେ ଇଣ୍ଟରନେଟ୍‌ରେ ଏହା ବାବଦରେ ସର୍ଚ୍ଚ କରିଥିଲେ। ଅନ୍‌ଲାଇନରେ ସୋଲୋଗାମି ଉପରେ ଅଧ୍ୟୟନ କରିଥିଲେ ମଧ୍ୟ ଭାରତରେ କେହି ଏପରି ନିଜେ ନିଜକୁ ବିବାହ କରିଥିବାର ଜାଣିବାକୁ ପାଇ ନ ଥିଲେ। ତେଣୁ ଆତ୍ମବିବାହ କରିବାରେ ସେ ହୁଏତ ଦେଶର ପ୍ରଥମ ନାଗରିକ ହେବେ ବୋଲି କହିଛନ୍ତି। ପ୍ରେମୀଯୁଗଳ ତଥା ସ୍ତ୍ରୀ-ସ୍ୱାମୀଙ୍କ ଭଳି ନିଜେ ନିଜକୁ ନିଃସର୍ତ୍ତ ଭଲ ପାଇବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଛନ୍ତି। ଏହା ଏକ ନାଟକ ବୋଲି କହୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମଧ୍ୟ କ୍ଷମା ପ୍ରତିକ୍ରିୟା ରଖିଛନ୍ତି। ମହିଳାମାନେ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଏହା ଦ୍ୱାରା ଜଣାଇବାକୁ ଚାହୁଁଥିବା କହିଛନ୍ତି। ସେ ନିଜ ପାଇଁ କରିବାକୁ ଥିବା ୫ ପ୍ରମୁଖ କାର୍ଯ୍ୟର ଚିଠା ପ୍ରସ୍ତୁତ କରିବା ସହ ଏଥିନିମନ୍ତେ ଶପଥ ନେଇଛନ୍ତି। ବିବାହ ପରେ କ୍ଷମା ୨ ସପ୍ତାହ ପାଇଁ ହନିମୁନ୍‌ରେ ଗୋଆ ଯିବେ ବୋଲି ଯୋଜନା କରିଛନ୍ତି।

ଭଦୋଦରାର ବାସିନ୍ଦା କ୍ଷମା ସୋସିଓଲୋଜିରେ ସ୍ନାତକ କରିଛନ୍ତି। ଏକ ଘରୋଇ କମ୍ପାନୀରେ ସେ କାର୍ଯ୍ୟରତ। ତାଙ୍କ ମାତାପିତା ଉଭୟ ଇଞ୍ଜିନିୟର। କ୍ଷମାଙ୍କ ବାପା ଦକ୍ଷିଣ ଆଫ୍ରିକାରେ ଏବଂ ମା' ଅହମଦାବାଦରେ ରହୁଛନ୍ତି। କ୍ଷମାଙ୍କୁ ତାଙ୍କ ମା'ବାପା ସମର୍ଥନ ଦେଇଛନ୍ତି।

# ନୀରୋଗ ପାଇଁ ସାଇକେଲ ଚାଳନା

ଏପ୍ରିଲ ୨୦୧୮ରେ ମିଳିତ ଜାତିସଂଘର ସାଧାରଣ ସଭା ପକ୍ଷରୁ ଜୁନ ୩କୁ ଅନ୍ତର୍ଜାତୀୟ ବିଶ୍ୱ ସାଇକେଲ ଦିବସ ଭାବରେ ଘୋଷଣା କରାଯାଇଥିଲା। ବିଶ୍ୱ ସାଇକେଲ ଦିବସ ସୁସ୍ଥ ଶରୀର ରକ୍ଷା ପାଇଁ ସାଇକେଲ ଚଳାଇବାର ସ୍ୱତନ୍ତ୍ରତା, ଦୀର୍ଘାୟୁ ଏବଂ ବହୁମୁଖିତାକୁ ସ୍ୱୀକୃତି ଦେଇଥାଏ।

ଆମେରିକାରେ କାର୍ଯ୍ୟ କରୁଥିବା ପୋଲାଣ୍ଡର ସାମାଜିକ କର୍ମୀ ପ୍ରଫେସର ଲେସେକ ସିବିଲସ୍କି ସାଇକେଲ ଦିବସ ପାଇଁ ମିଳିତ ଜାତିସଂଘର ସଂକଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ତାଙ୍କ ସମାଜବିଜ୍ଞାନ ଶ୍ରେଣୀ ସହିତ ଏକ ତୃଣମୂଳ ସ୍ତରର ଅଭିଯାନର ନେତୃତ୍ୱ ନେଇଥିଲେ ଏବଂ ଶେଷରେ ତୁର୍କମେନିସ୍ତାନରେ ସଫଳତା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ୫୬ଟି ଦେଶର ସମର୍ଥନ ହାସଲ କରିଥିଲେ। ଜୁନ ୩ ୱାର୍ଲ୍ଡ ସାଇକେଲ ଡେ'ର ଲୋଗୋ ଆଇଜାକ ଫେଲ୍ଡଙ୍କ




ଦ୍ୱାରା ଡିଜାଇନ କରାଯାଇଥିଲା ଏବଂ ସଙ୍ଗୀତ ଆନିମେସନ ପ୍ରଫେସର ଜନ ଇ ସ୍ୱାନସନଙ୍କ ଦ୍ୱାରା କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରକାରର ସାଇକେଲ ଚାଳକମାନେ ସାରା ପୃଥିବୀରେ ଚଳାଉଥିବାର ଚିତ୍ରଣ କରାଯାଇଛି। ଲୋଗୋର ତଳେ ଜୁନ ୩ ୱାର୍ଲ୍ଡ ସାଇକେଲ ଡେ'ର ହ୍ୟାସଟ୍ୟାଗ ଅଛି। ଏହାର ମୁଖ୍ୟ ବାର୍ତ୍ତା ହେଉଛି, ସାଇକେଲଟି ସମସ୍ତ ମାନବିକତା ପାଇଁ ସେବା କରିଥାଏ। ମଣିଷର ପ୍ରଗତି ଏବଂ ଅଗ୍ରଗତିର ପ୍ରତୀକ ଭାବରେ ସାଇକେଲକୁ ଗ୍ରହଣ କରାଯାଇ ଏହି ଦିବସ ପାଳନ କରାଯାଇଥାଏ। ସାଇକେଲର ବ୍ୟବହାର, ଉତ୍ପାଦନ ବୃଦ୍ଧି କରିବା ପାଇଁ ବାର୍ତ୍ତା, ଜଳବାୟୁ ଉପରେ ଏହାର ସକାରାତ୍ମକ ପ୍ରଭାବ ଆଦି ସମ୍ପର୍କରେ ଏହି ଦିବସପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

ବିଶ୍ୱ ସାଇକେଲ ଦିବସ ସମ୍ପ୍ରତି ଟାଇପ ୧ ଏବଂ ଟାଇପ ୨ ଡାଇବେଟିସ ସମସ୍ୟା କ୍ଷେତ୍ରରେ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ଜଡିତ ହୋଇଛି।

## ୧୦୩ ବର୍ଷରେ ସ୍କାଏଡାଇଭିଂ

**ଷ୍ଟକ୍‌ହୋମ୍:** ସୁଇଡେନ୍‌ର ଜଣେ ୧୦୩ ବର୍ଷୀୟା ବୃଦ୍ଧା ରୁଟ୍ ଲାର୍ସୋନ୍ ଶତାଧିକ ଫୁଟ୍ ଉଚ୍ଚତାରୁ ସ୍କାଏଡାଇଭିଂ କରି ଗିନିଜ୍ ବୁକ୍ ରେକର୍ଡ କରିଛନ୍ତି। ଆକାଶରେ ପାରାଚୁଟ୍ ଜମ୍ପ୍ କରିବାରେ ସେ ବିଶ୍ୱର ସବୁଠାରୁ ବୟସ୍କ ମହିଳା ହୋଇଛନ୍ତି। ରବିବାର ଲାର୍ସୋନ୍ ସୁଇଡେନ୍‌ର ମୋଟାଲାଠାରେ ପାରାଚ୍ୟୁଟିଷ୍ଟ ଜୋକିମ୍ ଜୋହାନ୍‌ସନ୍‌ଙ୍କ ସହ ପାରାଚ୍ୟୁଟ୍ ପିନ୍ଧି ତଳକୁ ଡିଆଁ ମାରିଥିଲେ। ତଳେ ସାଙ୍ଗ ଓ ପରିବାର ଲୋକେ ଅପେକ୍ଷା କରିଥିଲେ। ଲାର୍ସୋନ୍ ସଫଳତାର ସହ ଅବତରଣ କରିଥିଲେ।



## ୟୁପିରେ 'ସମ୍ରାଟ ପୃଥ୍ୱୀରାଜ' ଟିକସମୁକ୍ତ

**ମୁମ୍ବାଇ:** ଜୁନ୍ ୩ରେ ମୁକ୍ତିଲାଭ କରିବାକୁ ଯାଉଥିବା ଖିଲାଡି ବଏ ଅକ୍ଷୟ କୁମାରଙ୍କ 'ସମ୍ରାଟ ପୃଥ୍ୱୀରାଜ'କୁ ଉତ୍ତର ପ୍ରଦେଶରେ ଟିକସମୁକ୍ତ ଘୋଷଣା କରାଯାଇଛି। ଲକ୍ଷ୍ନୌରେ ବୁଧବାର ଫିଲ୍ମର ଏକ ସ୍ୱତନ୍ତ୍ର ସ୍କ୍ରିନିଂ କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ମୁଭି ଦେଖିବା ସହ ବେଶ୍ ପ୍ରଶଂସା କରିଥିଲେ। ଏଥିରେ ଭାରତର ଉଚ୍ଚକୋଟିର ସଂସ୍କୃତି ଓ ଇତିହାସକୁ ସୁନ୍ଦର ଭାବେ ପ୍ରଦର୍ଶନ କରାଯାଇଥିବା ଆଦିତ୍ୟନାଥ କହିଥିଲେ। ପରେ ମୁଖ୍ୟମନ୍ତ୍ରୀ ଯୋଗୀ ୟୁପିରେ ଅକ୍ଷୟ ଓ ମାନୁଷୀ ଛିଲ୍ଲରଙ୍କ ଏହି ଚଳଚ୍ଚିତ୍ରକୁ ଟିକସ ମୁକ୍ତ କରିଛନ୍ତି। 'ସମ୍ରାଟ ପୃଥ୍ୱୀରାଜ' ରାଜା ପୃଥ୍ୱୀରାଜ ଚୌହାନଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ଅକ୍ଷୟ କୁମାରଙ୍କୁ ପୃଥ୍ୱୀରାଜଙ୍କ ଚରିତ୍ରରେ ଦେଖିବାକୁ ମିଳିବ। ମହମ୍ମଦ ଘୋରିଙ୍କ ସହ ପୃଥ୍ୱୀରାଜ କିପରି ନିର୍ଭୀକତାର ସହ ଯୁଦ୍ଧ କରିଥିଲେ ତାହା ଏଥିରେ ଚିତ୍ରଣ କରାଯାଇଛି। ବିଶ୍ୱ ସୁନ୍ଦରୀ ମାନୁଷୀ ଛିଲ୍ଲରଙ୍କୁ ରାଣୀ ସଂଯୋଗିତାଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ସଞ୍ଜୟ ଦତ୍ତ ଓ ସୋନୁ ସୁଦ୍ ମଧ୍ୟ ପ୍ରମୁଖ ଭୂମିକାରେ ଅଛନ୍ତି।



## ଚିଲିରେ ୫୪୦୦ ବର୍ଷର ଗଛ

### ବିଶ୍ୱର ସର୍ବପୁରାତନ



**ସାଣ୍ଟିଆଗୋ:** ଦକ୍ଷିଣ ଚିଲିରେ ବୈଜ୍ଞାନିକମାନେ ବିଶ୍ୱର ସର୍ବପୁରାତନ ଗଛକୁ ଠାବ କରିଛନ୍ତି। 'ଗ୍ରେଟ୍ ଗ୍ରାଣ୍ଡଫାଦର' ଭାବେ ଜଣା ଏହି ବୃକ୍ଷର ବୟସ ପ୍ରାୟ ୫,୪୮୪ ବର୍ଷ ହେବ। ପ୍ୟାରିସର ଜଳବାୟୁ ଏବଂ ପରିବେଶ ବିଜ୍ଞାନୀ ଜୋନାଥାନ୍ ବରିଚ୍‌ଭିଚ୍ ନାମକ ଜଣେ ବୈଜ୍ଞାନିକ ଏହା ଉପରେ ଅଧ୍ୟୟନ କରୁଛନ୍ତି। ସେ ଗଛର ନମୁନା ସଂଗହ କରି ଡେଟିଂ ପ୍ରକ୍ରିୟାରେ ଏହାର ବୟସ ଜାଣିବାକୁ ଚେଷ୍ଟା କରିଥିଲେ। ଗଛଟି ପ୍ରାୟ ୫,୪୮୪ ବର୍ଷର ହେବ ବୋଲି ଜଣାପଡ଼ିଛି। ଏହା ଏକ ସାଇପ୍ରସ ଗଛ। ହିନ୍ଦୀରେ ଏହାକୁ 'ସାନୁଭର' କୁହାଯାଏ। ଏହାର ଆକାର, ବିସ୍ତାର ଆଦିକୁ କମ୍ପ୍ୟୁଟର ମଡେଲ ଦ୍ୱାରା ଯାଞ୍ଚ କରି ବୟସ ନିର୍ଦ୍ଧାରଣ କରାଯାଇଛି। ଏହା ଏକ ପ୍ରକାର ବିଲୁପ୍ତ ପ୍ରଜାତିର। ପୂର୍ବରୁ କାଲିଫର୍ନିଆର ହ୍ୱାଇଟ୍ ମାଉଣ୍ଟେନ୍ସରେ ଥିବା ବ୍ରିଷ୍ଟଲକୋନ୍ ପାଇନ ଗଛକୁ ସର୍ବ ପୁରାତନ ବୃକ୍ଷ ବୋଲି କୁହାଯାଉଥିଲା। ଏହାର ନାମ ମେଥୁସେଲା ହୋଇଥିବାବେଳେ ବୟସ ୪୮୫୩ ବର୍ଷ ହେବ।

## ସଂକ୍ଷେପରେ

### ବଦଳିଲେ ଆଞ୍ଚଳିକ ଅଧିକାରୀ

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**

ପାରାଦୀପ,୨।୬(ସ୍ୱ.ପ୍ର.): ପାରାଦୀପରେ କାର୍ଯ୍ୟରତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ ଦାସଙ୍କ ବଦଳି ହୋଇଯାଇଛି। ତାଙ୍କ ଜାଗାରେ ବୁଧବାର ପୁଷ୍ପକ ଚନ୍ଦ୍ର ବେହେରା ଯୋଗ ଦେଇଛନ୍ତି। ଦେଶର ୮୮ଟି ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳରେ ଓଡ଼ିଶାର ୪ଟି ସ୍ଥାନ ରହିଛି। ସେଗୁଡିକ ହେଲା ଝାରସୁଗୁଡା, ତାଳଚେର, ଇବଭାଲି ଓ ପାରାଦୀପ। ବନ୍ଦର ସହର ପାରାଦୀପରେ ଏବେ ପ୍ରଦୂଷଣ ମାତ୍ରା ସର୍ବୋଚ୍ଚ (ହାଇଲି ପଲ୍ୟୁଟେଡ ଏରିଆ) ରହିଛି ବୋଲି ବୋର୍ଡ ପକ୍ଷରୁ ରିପୋର୍ଟ ସାର୍ବଜନୀନ କରାଯାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଯଥାସାଧ ପ୍ରୟାସ କରାଯିବ ବୋଲି ବେହେରା କହିଛନ୍ତି।

### ସମନ୍ୱୟ ରଖି କାର୍ଯ୍ୟ କଲେ ସଫଳତା ମିଳିବ

ରଘୁନାଥପୁର,୨।୬(ଡି.ଏନ.ଏ.): ରଘୁନାଥପୁର ବ୍ଲକ ତାରପୁର ବାଇପାସସ୍ଥିତ ମା’ ନାରାୟଣୀ ପୀଠରେ ଗୁରୁବାର ଭାଜପା ପକ୍ଷରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ଗରିବ କଲ୍ୟାଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ବିଜୟ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ବିଭୁ ପ୍ରସାଦ ତରେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମନ୍ୱୟ ରଖି କାର୍ଯ୍ୟ କଲେ ସଫଳତା ମିଳିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ତୃଣମୂଳ ସ୍ତରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଭିନ୍ନ ଯୋଜନା କିପରି କାର୍ଯ୍ୟକାରୀ ହେଉଛି ଏବଂ ଏହାର ବାସ୍ତବତା ସମ୍ପର୍କରେ ଲୋକେ ଜାଣି ପାରୁଛନ୍ତି କି ନାହିଁ, ଏହାର ସତ୍ୟତା ଲୋକଲୋଚନକୁ ଆଣିବା ଆମର କର୍ତ୍ତବ୍ୟ ବୋଲି ତରେଇ ପ୍ରକାଶ କରିଥିଲେ। ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରାଜ କିଶୋର ବେହେରା, କର୍ମକର୍ତ୍ତା ବାମଦେବ ମଲ୍ଲିକ, ସୁବୋଧ ବାରିକ, ସୁବାସ ଜେନା ଅଶୋକ ମହାରଣା ପ୍ରମୁଖ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ୬ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ମଣ୍ଡଳରୁ ୨୦ ଜଣ ସକ୍ରିୟ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ।

### ମହିମା ଆଶ୍ରମରୁ ଚୋରି

ବାଲିକୁଦା,୨।୬(ସ୍ୱ.ପ୍ର.):ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ଓଷକଣା ପଞ୍ଚାୟତ ପାଣିତିରା ଗାଁରେ ଥିବା ମହିମା ଆଶ୍ରମରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଆଶ୍ରମ ଭିତରେ ପଶି ଭଜନ କୀର୍ତ୍ତନ, ପ୍ରଭୁଙ୍କ ପ୍ରାର୍ଥନା ନିମନ୍ତେ ଥିବା ଡାକବାଜି ଯନ୍ତ୍ର ମେଶିନକୁ ଚୋରି କରି ନେଇଛି। ଏ ନେଇ ବିଷ୍ଣୁ ପ୍ରସାଦ ମହାନ୍ତି ଗୁରୁବାର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଆଶ୍ରମରୁ ବର୍ଷକ ମଧ୍ୟରେ ୫ ଥର ଚୋର ମାନେ ପଶି ବିଭିନ୍ନ ମୂଲ୍ୟବାନ ଜିନିଷ ପତ୍ର ଚୋରି କରି ନେଲେଣି। ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା

- ସହକାରୀ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତ ରହୁଥିବା ଅଭିଯୋଗ
- ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ

ରଘୁନାଥପୁର,୨।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ ଏରଡଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟିତ୍ରୀ ବହୁ ସମୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ କରି ଗୁରୁବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ସମ୍ମୁଖରେ ଧାରଣା ଦେଇଛନ୍ତି।

ପରିଚାଳନା କମିଟି ଚେୟାରପର୍ସନ ପ୍ରିୟଙ୍କା ପାତ୍ରଙ୍କ କହିବା ଅନୁଯାୟୀ, ସମ୍ପୃକ୍ତ ଶିକ୍ଷୟିତ୍ରୀ ବହୁ ସମୟରେ ବିଦ୍ୟାଳୟକୁ ନ ଆସି ଅନୁପସ୍ଥିତ ରହୁଥିବାରୁ ପିଲାଙ୍କ ଶିକ୍ଷାଦାନ କ୍ଷେତ୍ରରେ ବାଧା ଉପୁଜୁଛି। ବିଦ୍ୟାଳୟରେ ୪୦ ଜଣ ପିଲା ଥିବାବେଳେ ଏକମାତ୍ର ପ୍ରଧାନ ଶିକ୍ଷୟତ୍ରୀ ଅଫିସ କାର୍ଯ୍ୟ ସହ ପାଠ ପଢ଼ାଉଛନ୍ତି। ଏନେଇ ପିଲାଙ୍କ ପାଠପଢ଼ା ବହୁ ସମୟରେ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟ ଦାୟିତ୍ୱରେ ଥିବା ସିଆରସିସି ଓ ଅନ୍ୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଧାରଣା ଦେଲୁ ବୋଲି ସେ କହିଛନ୍ତି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପାତ୍ର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ କୁହନ୍ତି, ଅଭିଯୋଗ ସମ୍ପର୍କରେ ସେ ଅବଗତ ଅଛନ୍ତି। ବିଦ୍ୟାଳୟର ପିଲା ସଂଖ୍ୟା ଅନୁସାରେ ଶିକ୍ଷକ ମଧ୍ୟ ଅଛନ୍ତି। ତେବେ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଗାମୀ ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।



ଏରଡଙ୍ଗା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ସହ ଅଭିଭାବକଙ୍କ ଧାରଣା।

# ଟ୍ରାଫିକ୍ ବ୍ୟବସ୍ଥାକୁ ଖବରଦାତାଙ୍କ ବିରୋଧ

- ରାଜପଥ ଅବରୋଧ ପାଇଁ ଚେତାବନୀ
- ତୁରନ୍ତ ସମାଧାନ କରିବାକୁ ଦାବିପତ୍ର

ପାରାଦୀପ,୨।୬(ସ୍ୱ.ପ୍ର.)

ପାରାଦୀପର ସବୁଠାରୁ ବିପଦପୂର୍ଣ୍ଣ ଅଠରବାଙ୍କି ଦୋଛକି ରାସ୍ତାରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ବିରୋଧରେ ଗୁରୁବାର କାର୍ଯ୍ୟରତ ଖବରଦାତାମାନେ ଏକାଠି ହୋଇଛନ୍ତି। ଏ ସମ୍ପର୍କରେ ଆଲୋଚନା କରିବା ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ଆସନ୍ତା ଏକ ସପ୍ତାହ ମଧ୍ୟରେ ଜିଲାପାଳ କରିଥିବା ଘୋଷଣା କାର୍ଯ୍ୟକାରୀ କରାଯାଉ। ନଚେତ୍ ଖବରଦାତାମାନେ ଅଠରବାଙ୍କି ଟର୍ମିନାଲ ଛକ ନିକଟରେ ରାଜପଥ ଅବରୋଧ କରିବା ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ରାସ୍ତାରେ ଦୁର୍ଘଟଣା ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପ୍ରିଲ ଓ ମେ’ ଦୁଇ ମାସରେ ଏକାଧିକ ଦୁର୍ଘଟଣା ଘଟିଥିବାବେଳେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଆଉ କେତେଜଣ ଆହତ ହୋଇଛନ୍ତି। ଗତ ମେ’ ୭ରେ ଜିଲାପାଳ ପାରୁଲ ପଟୱାରୀ ପୋଲିସ, ଆରଟିଓ, ପୌରପାଳିକା ଏବଂ ସମସ୍ତ ଶିଳ୍ପସଂସ୍ଥା ପ୍ରତିନିଧିଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ବୈଠକ ପରେ ଜିଲାପାଳ କହିଥିଲେ, ସପ୍ତାହ ମଧ୍ୟରେ ଅଠରବାଙ୍କି ଦୋଛକି ସୀମା ମଧ୍ୟରେ ଭାରୀଯାନ ପାର୍କିଂ ହଟାଯିବ। ଉକ୍ତ ରାସ୍ତାକୁ ନୋ ପାର୍କିଂ ଯୋନ ଘୋଷଣା କରାଯାଇଛି। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ପୋଲିସ ଓ ଆରଟିଓ ପଦକ୍ଷେପ ନେବେ। ଗୁରୁବାର ସୁଦ୍ଧା ଏହି ଘୋଷଣାକୁ ୨୬ ଦିନ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ କୌଣସି ନିୟମ କାର୍ଯ୍ୟକାରୀ ହୋଇନାହିଁ, ଯେଉଁଥିପାଇଁ ଖବରଦାତାମାନେ ଏପରି ପଦକ୍ଷେପ ନେଇଛନ୍ତି ବୋଲି ଶଶାଙ୍କ ଆଚାର୍ଯ୍ୟ କହିଛନ୍ତି। ଖବରଦାତାଙ୍କ ନିଷ୍ପତ୍ତିକୁ ଏକାଧିକ ସ୍ୱେଚ୍ଛାସେବୀ ସଙ୍ଗଠନ, ବସ୍ତିକମିଟି, ଟ୍ରେଡ୍ ୟୁନିୟନ ଆଦି ସମର୍ଥନ ଜଣାଇଛନ୍ତି।


ଅତିରିକ୍ତ ଜିଲାପାଳଙ୍କୁ ଖବରଦାତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବାସଗୃହ ପାଇଁ ମା’ ପୁଅଙ୍କ ଆମରଣ ଅନଶନ

**ନାଉଗାଁ ତହସିଲ**

- ତହସିଲଦାର ଘର ଖାଲି କରି ଭାଇ, ମା’ଙ୍କୁ ଦେଲେ ଘର

ନାଉଗାଁ,୨।୬(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବାସଗୃହ ପାଇଁ ଜଣେ ମହିଳା ଓ ନାବାଳକ ପୁଅଙ୍କୁ ଧରି ଆମରଣରେ ଅନଶନ ବସି ରହିଛନ୍ତି। ଗୃହ ନ ମିଳିବା ପର୍ଯ୍ୟନ୍ତ ଅନଶନରେ ବସି ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ମହିଳା ଜଣଙ୍କ ହେଲେ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ ଶୁଣ୍ଢଳ ଗାଁର ଭାନୁପ୍ରୀୟା ବାରିକ। ଭାନୁପ୍ରୀୟାଙ୍କ ଅଭିଯୋଗ ମୁତାବକ, ଗୁରୁବାର ତହସିଲଦାର ଓ ପୋଲିସ ଯାଇ ସେ ଘରେ ନ ଥିବା ସମୟରେ ତାଲା ଭାଙ୍ଗି ଅନ୍ୟ ତାଙ୍କୁ ଭାଇ ଓ ମା’ଙ୍କୁ ଉକ୍ତ ଘରେ ଆଶ୍ରୟ ଦେଇଛନ୍ତି। ତେଣୁ ତାଙ୍କୁ ବାସଗୃହ ଯୋଗାଇ ନ ଦେବାକୁ ସେ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।

ଭାନୁପ୍ରୀୟାଙ୍କ ବିବାହ ବାଲିକୁଦା ବ୍ଲକ ଧନୁରବେଲାରୀ ଗାଁର ଚଗଲା ବାରିକଙ୍କ ସହ ବିବାହ ହୋଇଥିଲା। ପାରିବାରିକ ସମ୍ପର୍କ ଭଲ ନ ଥିବାରୁ ସେ ଦୀର୍ଘଦିନ ହେବ ନିଜ ପୁଅକୁ ଧରି ବାପ ଘରେ ଆଶ୍ରୟ ନେଇଥିଲେ। ଜମି ପଟ୍ଟା ସଂଶୋଧନ ହେବା ସମୟରେ ଖାତା ନଂ.୪୨, ପଟ୍ଟା ନଂ.୨୧୦ରେ ତାଙ୍କ ପୈତୃକ ସମ୍ପତ୍ତି ଭାଇ ରଞ୍ଜନ , ଭଉଣୀ ମନୋରମା, ଭାନୁପ୍ରୀୟା ଓ ମା’ ଉଷାମଣୀଙ୍କ ନାମରେ ରହିଛି। ସେହି ଆଧାରରେ ଭାନୁପ୍ରୀୟା ନିଜ ପୈତୃକ ଜାଗାରେ ଘର କରି ରହୁଥିଲେ। ଭାନୁପ୍ରୀୟା ରହିବା ପରେ ତାଙ୍କ ଭାଇ ରଞ୍ଜନ ଓ ମା’ ଉଷାମଣୀ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ମାନବାଧିକାର କମିଶନର ଉକ୍ତ ଘରେ ଭାଇ ରଞ୍ଜନ ଓ ମା’ ଉଷାରାଣୀଙ୍କୁ ରଖିବା ପାଇଁ ଜଗତ୍‌ସିଂହପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଆସିଥିବା ନିର୍ଦ୍ଦେଶାନୁସାରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଜେ. କଳ୍ପନା ଓ ନାଉଗାଁ ଥାନାର ଏଏସ୍‌ଆଇ ଦୀପ୍ତିମୟୀ ବିଶ୍ୱାଳ ଭାନୁପ୍ରୀୟା ରହୁଥିବା ଘର ତାଲା ଭାଙ୍ଗି ଭାଇ ଓ ମା’ଙ୍କୁ ହସ୍ତାନ୍ତର କରିଥିଲେ। ଭାନୁପ୍ରୀୟା ରହିବା ପାଇଁ ଘର ନ ଥିବାରୁ ସେ ତହସିଲ ସମ୍ମୁଖରେ ଅନଶନରେ ବସି ରହିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ୫୦ରୁ ଊର୍ଦ୍ଧ୍ୱ ମହିଳା ତହସିଲ ସମ୍ମୁଖରେ ବସିଥିବା ଜଣାଯାଇଛି। ଏ ସମ୍ପର୍କରେ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେଠାରେ ଉପସ୍ଥିତ ରହି ଘର ଖାଲି ଖରି ମା’ ଓ ଭାଇଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଅନଶନ ବିଷୟରେ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।


ନାଉଗାଁ ତହସିଲ ଗେଟ୍ ସମ୍ମୁଖରେ ପୁଅ ସହ ଭାନୁପ୍ରୀୟା ଧାରଣାରତ ।

# ବାଇକ୍‌ରେ ଥିବା ୭୦ ଟଙ୍କା ବ୍ୟାଗ୍‌କୁ ଦୁର୍ବୃତ୍ତ ଲୁଟି ନେଲେ

ରଘୁନାଥପୁର,୨।୬(ଡି.ଏନ.ଏ.)

ରାଘୁନାଥପୁର ଥାନା ଅଧୀନ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କରୁ ୭୦ ହଜାର ୫ଶହ ଟଙ୍କା ଦୁଗ୍ଧ ସମବାୟ ଚାଷୀଙ୍କ ଲାଗି ଜଣେ କର୍ମଚାରୀ ଗୁରୁବାର ଉଠାଇ ଥିଲେ। ସେ ନିକଟସ୍ଥ ଏକ ଦୋକାନ ସମ୍ମୁଖରେ ବାଇକ୍ ରଖି ପାଣି ପିଉଥିଲେ। ସେ ତାଙ୍କ ବାଇକ୍ ହେଣ୍ଡେଲରେ ଟାଙ୍ଗି ଥିବା ଟଙ୍କା ବ୍ୟାଗ୍‌କୁ ଦୁର୍ବୃତ୍ତ ଲୁଟି ନେଇ ପଳାଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ବରାଗୋଳ ପଞ୍ଚାୟତ ଗୋଠିଣା ଗାଁର ମହେନ୍ଦ୍ର ଦାସ। ସେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ମହେନ୍ଦ୍ରଙ୍କ ଏକ ଦୁଗ୍ଧ ସମବାୟ ଅଛି। ସେ ବ୍ୟାଙ୍କରୁ ଚାଷୀଙ୍କ ଲାଗି ଟଙ୍କା ଉଠାଇବାକୁ ଆସିଥିଲେ। ବ୍ୟାଙ୍କ ଭିତରେ ଦୁର୍ବୃତ୍ତ ଜଣଙ୍କ ତାଙ୍କୁ ଫଲୋ କରି ସୁଯୋଗ ଅପେକ୍ଷାରେ ଥିଲେ। ବାହାରକୁ ଆସିବା ପରେ ଗାଡି ହେଣ୍ଡେଲରୁ ବ୍ୟାଗଟି ବାହାର କରି ନେଇ ଯାଇଥିଲେ। ଏହା ଦେଖି ମହେନ୍ଦ୍ର ଦୁର୍ବୃତ୍ତଙ୍କ ପଛରେ ଗୋଡ଼ାଇ କି ଯିବାରୁ ପୂର୍ବରୁ ପ୍ରସ୍ତୁତ ହୋଇ ବାଇକ୍ ଷ୍ଟାର୍ଟରେ ଥିବା ଚାଳକଙ୍କ ପଛରେ ବସି ସେ ପଳାଇ ଥିଲେ। ଯାହାକି ସେଠାରେ ଲାଗିଥିବା ସିସି କ୍ୟାମେରାରୁ ସ୍ପଷ୍ଟ ଜଣା ପଡୁଛି। ହେଲେ ଜନଗହଳିପୂର୍ଣ୍ଣ ବଜାର ଜାଗାରୁ ଦୁର୍ବୃତ୍ତ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଚମ୍ପଟ୍ ମାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମହେନ୍ଦ୍ର କିଭଳି ଦୁଗ୍ଧ ଚାଷୀମାନଙ୍କୁ ଟଙ୍କା ଦେବେ ସେ ନେଇ ଚିନ୍ତାରେ ପଡିଛନ୍ତି।

# ଦଧିବାବନ ଜୀଉ ଉଚ୍ଚ ବିଦ୍ୟାଳୟ ସମ୍ବର୍ଦ୍ଧନା ସମାରୋହ

ବାଲିକୁଦା,୨।୬(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଗରାମ ପଞ୍ଚାୟତ ଦଧିବାବନ ଜୀଉ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗଙ୍ଗାଧର ସାହୁଙ୍କ ସମେତ ବିଦ୍ୟାଳୟରୁ ପୂର୍ବରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କୁ ଗୁରୁବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସହଯୋଗରେ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଳୟ ରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ପୂର୍ବତନ ସରପଞ୍ଚ ନାରାୟଣ ମହାରଣାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଘୁନନ୍ଦନ ଦାସ, ମୁଖ୍ୟବକ୍ତା ଭାବେ ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ, ଜଗତ୍‌ସିଂହପୁର ବ୍ଲକ ଶିକ୍ଷାଧିକାରିଣୀ ଭାରତୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀଧର ମଲ୍ଲିକ, ସମିତିସଭ୍ୟ ରାକେଶ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଦାୟୀ ପ୍ରଧାନଶିକ୍ଷକ ସାହୁଙ୍କ କାର୍ଯ୍ୟଦକ୍ଷତା ଉପରେ ସୂଚନା ଦେଇଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦାୟୀ ପ୍ରଧାନ ଶିକ୍ଷକ ସାହୁଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୂର୍ବରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ସୁରେନ୍ଦ୍ର ରଥ, ଶ୍ରୀବତ୍ସ ଭୋଳ, ରମେଶ ଚନ୍ଦ୍ର ପ୍ରଧାନ, ଗଗନ ବିହାରୀ ଜେନା, ବସନ୍ତ କୁମାର ନାୟକ, ରାହାସ ବିହାରୀ ଦାସ, କୃଷ୍ଣଚନ୍ଦ୍ର ଦାସ, ବକ୍ତବନ୍ଧୁ ଦାସ, ନୃସିଂହ ଚରଣ ଚାନ୍ଦ, ଅର୍ଜୁନ ବେହେରା, ପରମାନନ୍ଦ ଦାସ, ବିଜୟ ବେହେରା, ଚନ୍ଦ୍ରକାନ୍ତ ଜେନାଙ୍କୁ ମାନପତ୍ର ପଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପୁରାତନ ଛାତ୍ର ଏବଂ ଜାତୀୟ ଭଲିବଲ ଟିମ୍‌ରେ ସାମିଲ ହୋଇ ଅଞ୍ଚଳର ଗର୍ବ ଓ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ରାହୁଲ ବାରିକଙ୍କୁ ସ୍ୱତନ୍ତ୍ର ଭାବେ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ମୁଖ୍ୟ ଅତିଥି ମନ୍ତ୍ରୀ ଦାସ ସମ୍ବର୍ଦ୍ଧିତ କରିଥିଲେ। ସମୀର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିବ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ସମସ୍ତ ପୁରାତନ ଛାତ୍ରୀଛାତ୍ର ଏହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# କାଡାନାଳ ଦେଇ ପାଣି ନିଷ୍କାସନ ନିଷ୍ପତ୍ତି

**ଚିନ୍ତା ବଢ଼ାଉଛି ଅବରୋଧ ସମସ୍ୟା**

ରଘୁନାଥପୁର,୨।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଚିକିଣିଆ ପଞ୍ଚାୟତ କଳାଧାରୀ ଗ୍ରାମର ଚାଷଜମିରୁ ବର୍ଷାଦିନେ ଜଳ ନିଷ୍କାସନ ସମସ୍ୟା ନେଇ ୫ ଗ୍ରାମର ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଯାହା ଫଳରେ ଏକ ହଜାର ହେକ୍ଟର ଚାଷଜମି ଜଳ ପ୍ଲାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ବ୍ରିଟିଶ୍ ଅମଳରୁ ଚାଷଜମିରୁ ଉଦ୍‌ବୃତ୍ତ ପାଣି ହଂସୁଆ ସଫେଇକୁ ସଂଯୋଗ ହୋଇଥିବା ଏକ ସାଇଫୋନ ଦେଇ ନିଷ୍କାସିତ ହୋଇଥାଏ। କାଳକ୍ରମେ ଚାଷୀମାନେ ମାଟି ପୋତି ନିଜ ଚାଷଜମିକୁ ଉଚ୍ଚା କରିଦେଇଛନ୍ତି। ଫଳରେ ସାଇଫୋନ ଦେଇ ପାଣି ନିଷ୍କାସିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି।

ପ୍ରତିବର୍ଷ ଲଗାଣ ବର୍ଷାରେ ଚିକିଣିଆ, କଳାଧାରୀ, ତାରପୁର, ଗୋକୁଳପୁର ଓ ଅଚ୍ଛୁତପୁର ଗ୍ରାମ ଚାଷଜମିରେ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ପାଣି ଜମି ରହି ବହୁ ଧାନ ଫସଲ କ୍ଷତି ହେଉଛି। ଚଳିତବର୍ଷ ସାଇଫନ ନିକଟବର୍ତ୍ତୀ ଜମିର ମାଲିକମାନେ ନିଜ ଜମିକୁ ମାଟି ପକେଇ ଅଧିକ ଉଚ୍ଚା କରିଦେଇଛନ୍ତି। ଫଳରେ ପାଣି ନିଷ୍କାସନ ସମସ୍ୟା ଦ୍ୱିଗୁଣିତ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି। ଏହାର ପ୍ରତିକାର ସ୍ୱରୂପ ୧୦ନଂ. ୱାର୍ଡରେ ଥିବା ୨୮ନଂ. କାଡାନାଳକୁ ଖୋଲି ସାଇଫନ ପର୍ଯ୍ୟନ୍ତ ସଂଯୋଗ କରିବା ପାଇଁ ଚାଷୀମାନେ ସ୍ଥିର କରିଛନ୍ତି। ଏହାଦ୍ୱାରା ଉଦ୍‌ବୃତ୍ତ ପାଣି କାଡା ନାଳରେ ଆସି ସାଇଫନ ଦେଇ ହଂସୁଆ ସଫେଇକୁ ନିଷ୍କାସିତ ହୋଇଯିବ ବୋଲି ୱାର୍ଡସଭ୍ୟ ରାସବିହାରୀ ନାୟକ ଓ ସାବିତ୍ରୀ ଭୋଇ କହିଛନ୍ତି। ଏନେଇ ତପନ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଭୂପତି ନାୟକ, ପ୍ରଭାକର ସ୍ୱାଇଁ, ବାବାଜୀ ସ୍ୱାଇଁ, ବନମାଳୀ ନାୟକ, ନିରଞ୍ଜନ ଲେଙ୍କା, ଶଙ୍କର ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଏକତ୍ର ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବର୍ଷାଦିନ ପୂର୍ବରୁ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ପାଣି ଯିବା ଲାଗି କାଡାନାଳକୁ କଳାଧାରୀ ଗାଁର ଚାଷୀମାନେ ସଫା କରୁଛନ୍ତି।

# ଜଳ ସେଚନ, ପାନୀୟ ଜଳ ଉପରେ ଗୁରୁତ୍ୱ

- କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ କୁଜଙ୍ଗ ଗସ୍ତ
- ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା

କୁଜଙ୍ଗ, ୨।୬(ଡି.ଏନ୍.ଏ.)

କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁ ଗୁରୁବାର ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ସ୍ଥାନୀୟ ସୂଚନା କେନ୍ଦ୍ରରେ ଜଗତ୍‌ସିଂହପୁର ଜିଲାର ଜଳସେଚନ, ଜଳ ନିଷ୍କାସନ, ପାନୀୟ ଜଳ ଯୋଗାଣ ଓ ଜନଜାତି ବିଭାଗ ଜରିଆରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଥିଲେ। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲା ଜନମଙ୍ଗଳ ଅଧିକାରିଣୀ, ମହାନଦୀ ସାଉଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ ଶତପଥୀ, ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ରାଜେଶ ମହାନ୍ତି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ କିଶୋର କୁମାର କବି, କେନ୍ଦ୍ରୀୟ ଭୂତଳ ଜଳ ପରିଷଦ ସଦର ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ବିଶେଷକରି ଜଳ ଯୋଗାଣ ଓ ଜଳନିଷ୍କାସନ ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲାରେ ପ୍ରବାହିତ ହେଉଥିବା ହଂସୁଆ ଓ ଅଳକା ନଦୀର ଠିକ୍ ଭାବେ ପୁନରୁଦ୍ଧାର କାର୍ଯ୍ୟ ହେଉ ନାହିଁ। ଫଳରେ ବର୍ଷାଦିନେ ଜନସାଧାରଣ ଜଳବନ୍ଦୀ ରହୁଛନ୍ତି। ଜିଲାର ହଜାର ହଜାର ହେକ୍ଟର ଚାଷଜମି ଜଳରେ ବୁଡ଼ିବା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ତୁରନ୍ତ ନଦୀ ଓ ଯୋର ପଥ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପାନୀୟ ଜଳ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ଅଭିଯୋଗ ପାଇଥିଲେ, ପାଇପ୍ ଯୋଗେ ଲୋକଙ୍କୁ ମଧୁର ପାନୀୟ ଜଳ ଯୋଗାଣ ପରିବର୍ତ୍ତେ ଲୌହଯୁକ୍ତ ଲୁଣିପାଣି ଯୋଗାଣ ହେଉଛି। ଫଳରେ ଲୋକଙ୍କ ପାନୀୟ ଜଳ କଷ୍ଟ ଲାଘବ ହୋଇପାରୁନାହିଁ। ବହୁ ଗ୍ରାମକୁ ପାଇପ୍ ପଡ଼ିଥିଲେ ବି ପାଣି ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ମନ୍ତ୍ରୀ ପଚାରିବାରୁ ବିଭାଗୀୟ ଅଧିକାରୀମାନେ କହିଥିଲେ, ଶେଷ ମୁଣ୍ଡକୁ ପାଣି ଯାଇପାରୁନାହିଁ। ଯେଉଁ ବୈଷୟିକ ତ୍ରୁଟି ରହିଛି ତାହା ଖୁବ୍‌ଶୀଘ୍ର ଦୂର କରାଯିବ। ଲୁଣି ପାଣି ସମ୍ପର୍କରେ ଭୂତଳସ୍ତରର ପାଣି ପରୀକ୍ଷା କରାଯାଇ ଜଳଉତ୍ସ କରିବା ଉପରେ ମନ୍ତ୍ରୀ ଟୁଡୁ ଜୋର ଦେଇଥିଲେ।

ବସୁଧା ଯୋଜନାରେ ଯେଉଁ ଜଳଯୋଗାଣ ପ୍ରକଳ୍ପ ସବୁ ନିର୍ମାଣ କରାଯାଇଛି ସେଥିରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହୁଥିବାରୁ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯେଉଁଥିରେ କେନ୍ଦ୍ରୀୟ ସହାୟତା ରହୁଛି ସେଥିରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଜଗତ୍‌ସିଂହପୁର ଜିଲାରେ କେତେ ସଂଖ୍ୟାରେ ଜନଜାତି ରହୁଛନ୍ତି ଓ ସେମାନଙ୍କ ପାଠପଢା ବିଷୟରେ କ’ଣ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ମନ୍ତ୍ରୀ ଟୁଡୁ ଜାଣିବାକୁ ଚାହିଁଥିଲେ। ଏ ସମ୍ପର୍କରେ ଜିଲା ଜନଶୁଣାଣି ଅଧିକାରିଣୀ କହିଥିଲେ, କୁଜଙ୍ଗ ଓ ଏରସମା ବ୍ଲକରେ ଶତକଡା ୦.୨୪ ଭାଗ ରହୁଛନ୍ତି। ସେମାନଙ୍କ ପାଇଁ କୁଜଙ୍ଗ ବ୍ଲକର ପାରାଦୀପଗଡ଼ାଠାରେ ଏକ ଆବାସିକ ବିଦ୍ୟାଳୟ ଥିବାବେଳେ ଏରସମା ବ୍ଲକରେ ଦୁଇଟି ବିଦ୍ୟାଳୟ ଅଛି । ସମୀ କ୍ଷା ବୈଠକରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେଶ ମହାନ୍ତି ଯୋଗ ଦେଇ ମନ୍ତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

ଏଥିରେ ପାରାଦୀପ ନିର୍ବାଚନମଣ୍ଡଳୀ ଭାଜପା ନେତା ସମ୍ପଦ ସ୍ୱାଇଁ, ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ଭାଜପା ନେତା କ୍ଷୀରୋଦ ପରିଡ଼ା, ସତ୍ୟବ୍ରତ ମହାପାତ୍ର, ଭରତ ପ୍ରଧାନ, ଅକ୍ଷୟ ଦାସ, ନିର୍ଲିପ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ମନ୍ତ୍ରୀ ଟୁଡୁ ଏରସମା ବ୍ଲକ ଅନ୍ଧାରୀ ପଞ୍ଚାୟତ ଅନ୍ତର୍ଗତ ରସକଡାପୁରଠାରେ ଅନୁଷ୍ଠିତ ଜନକଲ୍ୟାଣ ସମାବେଶରେ ଯୋଗଦେଇଥିଲେ।


କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ଅନ୍ୟ ଅଧିକାରୀମାନେ।

# ଟି୨୦ ପୂର୍ବରୁ ବାରବାଟୀରେ ମକ୍ ଡ୍ରିଲ୍




ଟି୨୦ କ୍ରିକେଟ ମ୍ୟାଚ୍ ପୂର୍ବରୁ ଗୁରୁବାର ଅନୁଷ୍ଠିତ ମକ୍‌ଡ୍ରିଲ୍। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ପିନାକ ମିଶ୍ର ଗ୍ରାଉଣ୍ଡ୍ ଅନୁଧ୍ୟାନ କରୁଛନ୍ତି।

**ଭୁବନେଶ୍ୱର, ୨।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ବେଳେ ଦର୍ଶକଙ୍କ ସୁରକ୍ଷା ପାଇଁ ଯେ କୌଣସି ପ୍ରକାର ପରିସ୍ଥିତିର ସାମ୍ନା କରିବା ଲାଗି ଅନେକଗୁଡ଼ିଏ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାରବାଟି ଷ୍ଟାଡିୟମରେ ଗୁରୁବାର ସକାଳ ୮ଟା ବେଳେ କଟକ ଡିସିପି ଏବଂ ତାଙ୍କ ଟିମ୍ ତରଫରୁ ମକ୍ ଡ୍ରିଲ କରାଯାଇଥିଲା। ମକ୍ ଡ୍ରିଲର ଅଂଶ ବିଶେଷ ସ୍ୱରୂପ, ଫାୟାର ମକ୍ ଡ୍ରିଲ, ଦର୍ଶକ ଭିଡ଼ ପରିଚାଳନା, ଆଇନ ଶୃଙ୍ଖଳା, ବିଲ୍ଡିଂ ଭୁଶୁଡ଼ି ଗଲେ, ସନ୍ଦେହଜନକ ଜିନିଷପତ୍ର ଦେଖା ଦେଲେ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ପରିସ୍ଥିତି ଉପୁଜିଲେ ତାହାକୁ କିପରି ସାମ୍ନା କରାଯିବ ତାହା ସାମିଲ ଥିଲା। ଏହି ଅବସରରେ ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ପିନାକ ମିଶ୍ର (ଡିସିପି କଟକ), ପ୍ରମୋଦ ଚନ୍ଦ୍ର ରଥ (ଏଡିସିପି), ଅନୀଲ ମିଶ୍ର (ଏଡିସିପି), ମହମ୍ମଦ ଶରିଫୁଦ୍ଦିନ (ଏଡିସିପି), ସମସ୍ତ ଏସିପି ଏବଂ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସଫଳତାର ସହ ମକ୍ ଡ୍ରିଲ୍ କରିଥିବା ଗ୍ରୁପ୍‌ଗୁଡ଼ିକ ହେଲେ ଓଡ୍ରାଫ, ଏସଓଜି, ସ୍ପେସାଲ ଟ୍ୟାକ୍ଟିକାଲ ୟୁନିଟ୍, ବୋମା ନିଷ୍କ୍ରିୟକାରୀ ଦଳ, କେ-୯, ଜିଲା ଟ୍ରାଫିକ୍, ଜି-୪ଏସ୍, ଅଗ୍ନିଶମ ବାହିନୀ ଓ ଆମ୍ବି ମେଡିକାଲ ଟିମ୍।

## ଦିଲ୍ଲୀରେ ପହଞ୍ଚିଲା ଦକ୍ଷିଣ ଆଫ୍ରିକା ଦଳ

**ନୂଆଦିଲ୍ଲୀ, ୨।୬:** ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା ଦଳ ଗୁରୁବାର ଦିଲ୍ଲୀରେ ପହଞ୍ଚିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ତେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଦଳ ଶନିବାରଠାରୁ ତା'ର ଅଭ୍ୟାସ ଆରମ୍ଭ କରିବ। ଦଳକୁ ପୂର୍ବ ଭଳି ବାୟୋ ବବଲରେ ରହିବାକୁ ପଡ଼ିବ ନାହିଁ। କିନ୍ତୁ ପ୍ରତିଦିନ ପ୍ରତ୍ୟେକ ଖେଳାଳିଙ୍କ ଆରଟି-ପିସିଆର୍ ଟେଷ୍ଟ କରାଯିବ। ଏହି ସିରିଜ୍‌ରେ ଲୋକେଶ ରାହୁଲ ଭାରତୀୟ ଦଳର ନେତୃତ୍ୱ ନେବେ। ଉଇକେଟକିପର ରିଷଭ ପନ୍ତ ଉପ ଅଧିନାୟକ ଭାବେ ତାଙ୍କୁ ସହଯୋଗ କରିବେ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଦୀନେଶ କାର୍ତ୍ତିକ, କୁଲଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ବର୍ଷ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ପରେ ଦଳକୁ ଫେରିଛନ୍ତି। ଉମ୍ରାନ ମଲିକ ଓ ଅର୍ଶଦୀପ ସିଂ ପ୍ରଥମ ଥର ପାଇଁ ଜାତୀୟ ଦଳରୁ ଡାକରା ପାଇଛନ୍ତି।

# କିସ୍ ବାଳିକା, ବାଳକ ଦଳ ଘୋଷିତ



ଆଇଏସ୍ଏଫ୍ ୱାର୍ଲ୍ଡ ସ୍କୁଲ୍ସ ଭଲିବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ କିସ୍ ବାଳିକା ଓ ବାଳକ ଦଳ।

**ଭୁବନେଶ୍ୱର, ୨।୬ (କ୍ରୀଡ଼ା ପ୍ରତିନିଧି)**

**ଆଇଏସ୍ଏଫ୍ ୱାର୍ଲ୍ଡ ସ୍କୁଲ୍ସ ଭଲିବଲ୍**

ଇଣ୍ଟରନ୍ୟାଶନାଲ ସ୍କୁଲ ସ୍ପୋର୍ଟ ଫେଡେରେଶନ (ଆଇଏସ୍ଏଫ୍) ଆନୁକୂଲ୍ୟରେ ବ୍ରାଜିଲର ଫୋଜ୍ ଡୁ ଇଗୁଆକୁଠାରେ ହେବାକୁଥିବା ୱାର୍ଲ୍ଡ ସ୍କୁଲ୍ସ ଭଲିବଲ (୧୮ ବର୍ଷରୁ କମ୍ ବାଳିକା, ବାଳକ) ଚାମ୍ପିୟନଶିପ୍‌ରେ ଭାରତରୁ ଏକମାତ୍ର ସ୍କୁଲଭାବେ ଭାଗ ନେବାକୁ ମନୋନୀତ ହୋଇଥିବା କିସ୍ ଦଳର ଖେଳାଳି ତାଲିକା ଗୁରୁବାର ଘୋଷଣା କରାଯାଇଛି। ଉଭୟ ବାଳିକା ଓ ବାଳକ ଦଳରେ ୧୨ ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ପ୍ରତିଯୋଗିତା ଚଳିତ ମାସ ୧୯ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତୀୟ ସ୍କୁଲ ଭଲିବଲ (ବାଳିକା, ବାଳକ) ପକ୍ଷରୁ କିସ୍ ସ୍କୁଲ ଭଲିବଲ ଦଳ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛି। ବିଶ୍ୱ ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ଏକ ସ୍କୁଲ ଅଂଶଗ୍ରହଣ କରିବା ଏହା ପ୍ରଥମ। ପ୍ରତିନିଧି ଦଳର ମୁଖ୍ୟଭାବେ ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍ଆଇ)ର ଆଲୋକ ଖାରେ ବ୍ରାଜିଲ ଯିବେ। ବାଳିକା ଦଳ: ଶିବ୍ୟାନ୍ତି ଟିଗା, ରିବିକା ବାର୍ଲା, ବବି ସିଂ, ସସ୍ମିତା ଦେହୁରି, ରଶ୍ମିତା ସିଂ, ବାସନ୍ତି ମାଝି, ପ୍ରମିଳା ମାଝି, ଶାନ୍ତିଲତା ଆଓରାମ, ନିକିତା ପିଙ୍ଗ୍, କବିତା ମାଝି, କେଶବତୀ ସିଂ, ପୁନିତା ମୁଣ୍ଡା। କୋଚ୍: ସଙ୍ଗୀତା ଟପ୍ପୋ। ବାଳକ ଦଳ: ସତ୍ୟପ୍ରକାଶ ଗୁଡୁ, ଚନ୍ଦ୍ରମଣି ଶବର, ଚନ୍ଦ୍ର ପୂଜାରି, ବିନୟ ଶବର, ଦଶରଥ ମୁଦୁଲି, ତ୍ରିଲୋଚନ କିଞ୍ଜୋଇ, ମୁନା ସିଂ, ସାମୁଏଲ ମାଝି, ମୁନା ୱାଡ୍‌କା, ରାଜୁ ପାଦ୍ରା, ସନ୍ୟାଶ ଶବର, ବିକୁ ବେରୁଆ। କୋଚ୍: ରଶ୍ମି ରଞ୍ଜନ ନନ୍ଦ, ଅଫିସିଆଲ୍: ବିଶ୍ୱଜିତ ଦାସ।

# ସହିଦ ସ୍ପୋର୍ଟିଂ ବିଜୟୀ



ମୁକ୍ତେଶ୍ୱରର ଦିବ୍ୟେନ୍ଦୁ ପଣ୍ଡାଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨।୬ (କ୍ରୀଡ଼ା ପ୍ରତିନିଧି)**

**ପାରାମାଉଣ୍ଟ ପ୍ରିମିୟର ଲିଗ୍**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଅରବିନ୍ଦ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସହିଦ ସ୍ପୋର୍ଟିଂ ୭୪ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସହିଦ ସ୍ପୋର୍ଟିଂ ୩୩.୧ ଓଭରରେ ୧୨୯ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ କ୍ରିସ ସିଂ ସର୍ବାଧିକ ୪୫ ରନ କରିଥିଲେ। ମୁକ୍ତେଶ୍ୱର ବୋଲରଙ୍କ ମଧ୍ୟରେ ଦିବ୍ୟେନ୍ଦୁ ପଣ୍ଡା ୫ ଉଇକେଟ ସଫଳତା ପାଇଥିବାବେଳେ ଅର୍ପିତ ନାୟକ ୩ଟି ଉଇକେଟ ନେଇଥିଲେ। ୧୩୦ ରନ ବିଜୟ ଲକ୍ଷ୍ୟରେ ମୁକ୍ତେଶ୍ୱର ୨୩ ଓଭରରେ ମାତ୍ର ୫୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କେବଳ ଅର୍ପିତଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିଜୟୀ ଦଳର ଦିବ୍ୟଜ୍ୟୋତି ପଟ୍ଟନାୟକ ଓ ରତିରଞ୍ଜନ ବାରିକ ୩ଟି ଲେଖାଏ ଏବଂ ପ୍ରିୟ ରଞ୍ଜନ ନାୟକ ୨ଟି ଉଇକେଟ ନେଇଥିଲେ। ମୁକ୍ତେଶ୍ୱରର ଦିବ୍ୟେନ୍ଦୁ ପଣ୍ଡା ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ଅଭିଲାଷ କାନୁନଗୋ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ପାରାମାଉଣ୍ଟ କ୍ଲବ ଉପସଭାପତି ଅମର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ।

# ଚେନ୍ନାଇ ଏଫ୍‌ସି ଦଳରେ ରୋମାରିଓ ଜେସୁରାଜ

**ଚେନ୍ନାଇ, ୨।୬ (ପି.ଟି.):** ଆଗାମୀ ସିଜନ ପୂର୍ବରୁ ଦୁଇ ଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଚାମ୍ପିୟନ ଚେନ୍ନାଇ ଏଫ୍‌ସି ୱିଙ୍ଗର ଆଲେକ୍‌ଜାଣ୍ଡର ରୋମାରିଓ ଜେସୁରାଜଙ୍କ ସହ ଚୁକ୍ତି କରିଛି। ବ୍ରାଜିଲର ବିଶ୍ୱକପ୍ ବିଜୟୀ କିମ୍ବଦନ୍ତୀ ରୋମାରିଓଙ୍କ ନାମରେ ନିର୍ମିତ ଡିଣ୍ଡିଗୁଲ୍ ଜିଲାର ଏହି ୨୫ ବର୍ଷୀୟ ଖେଳାଳି ହେଉଛନ୍ତି ଦୁଇଥର ଆଇ-ଲିଗ୍ ଟାଇଟଲ ବିଜେତା। ଜେସୁରାଜ ଭାରତର ଜଣେ ପ୍ରତିଭାସମ୍ପନ୍ନ ଖେଳାଳି। ଅତୀତରେ ସେ ଭାରତର ୧୩ ବର୍ଷରୁ କମ୍ କ୍ୟାମ୍ପର ଜଣେ ସଦସ୍ୟ ଥିଲେ। ମାତ୍ର ୧୭ ବର୍ଷ ବୟସରେ ଚେନ୍ନାଇ ପ୍ରିମିୟର ଡିଭିଜନରେ ଆରୋଜ ଏଫ୍‌ସି ଦଳ ସହିତ ସେ ତାଙ୍କ ସିନିୟର କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୭ରେ ସେ ଚେନ୍ନାଇ ସିଟି ଏଫ୍‌ସିରେ ଯୋଗ ଦେଇଥିଲେ। ଏହି ଦଳ ସହ ସେ ଆଇ-ଲିଗ୍‌ରେ ପ୍ରଥମ ପଦାର୍ପଣ କରିଥିଲେ।

## ରାଜ୍ୟ ଖବର

# ମାଟିତଳୁ ଆଉଏକ ହାତୀ କଙ୍କାଳ ମିଳିଲା

**ଭୁବନେଶ୍ୱର, ୨।୬ (ବ୍ୟୁରୋ)**

ହାତୀଙ୍କ ପାଇଁ ମୃତ୍ୟୁର ଇଲାକା ପାଲଟିଛି ଆଠଗଡ଼ ବନଖଣ୍ଡ। ଏହି ବୃହତ୍ ବନ୍ୟପ୍ରାଣୀ ପାଇଁ ବିପଦ ସାଜିଛନ୍ତି ଖୋଦ୍ ସୁରକ୍ଷା ଦାୟିତ୍ୱରେ ରହୁଥିବା ବନ ଅଧିକାରୀ ଓ କର୍ମଚାରୀ। ଗତ ଫେବୃୟାରୀ ୮ରେ କ୍ରାଇମ୍‌ବ୍ରାଞ୍ଚ ନରସିଂହପୁର ୱେଷ୍ଟ ରେଞ୍ଜ୍ ବାରାସିଂଘା ବିଟ୍ ଅନ୍ତର୍ଗତ ବାଲିକିଆରି ସଂରକ୍ଷିତ ଜଙ୍ଗଲରେ ପୋତାଯାଇଥିବା ଏକ ହାତୀର କଙ୍କାଳ ଜବତ କରିଥିଲା। ଏହି ଘଟଣାରେ ରେଞ୍ଜର, ଜଣେ ଫରେଷ୍ଟର ଓ ଜଣେ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରାଯାଇଥିଲା। ଘଟଣାକୁ ୪ ମାସ ନ ପୂରୁଣୁ ପୁଣି ସମାନ ଘଟଣା ପଦାକୁ ଆସିଛି। ଗୁରୁବାର କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବଡ଼ମ୍ବା ରେଞ୍ଜ୍ ଅଞ୍ଚଳରେ ମାଟି ଖୋଳି ଆଉ ଏକ ହାତୀର କଙ୍କାଳ ଉଦ୍ଧାର କରିଛି। ଏହାକୁ ନେଇ ପୁଣି ଆଠଗଡ଼ ବନଖଣ୍ଡ ଚର୍ଚ୍ଚାକୁ ଆସିଥିବାବେଳେ ଘଟଣାର ତଦନ୍ତ ନିଜେ କରିବେ ବୋଲି ଡିଏଫ୍‌ଓ ସୁଦର୍ଶନ ପାଲ୍ କହିଛନ୍ତି।

ସୂଚନାନୁସାରେ, ବଡ଼ମ୍ବା ରେଞ୍ଜର ଦୁଇଟି ସ୍ଥାନରେ ହାତୀକୁ ମାରି ପୋତା ଯାଇଥିବା ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଖବର ପାଇବା ପରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌କୁ ସୂଚନା ଦେଇଥିଲେ। ଗୁରୁବାର ସକାଳେ କ୍ରାଇମ୍‌ବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଳାସିନୀ ନାୟକଙ୍କ ନେତୃତ୍ୱରେ ଏକ ୮ଜଣିଆ ଟିମ୍ ବଡ଼ମ୍ବା ରେଞ୍ଜ ଅଧୀନ ଗୋପପୁର ସେକ୍ସନର ଚନ୍ଦ୍ରଗିରି ଜଙ୍ଗଲରେ ଚଢ଼ାଉ କରିଥିଲା। ଏକ ସନ୍ଦିଗ୍ଧ ସ୍ଥାନକୁ ଜେସିବି ଲଗାଇ ଖୋଳିବା ପରେ ପ୍ରାୟ ୨୦ ବର୍ଷ ବୟସ୍କ ଏକ ଅଣ୍ଡିରା ହାତୀର କଙ୍କାଳ ମିଳିଥିଲା। ହାତୀର ଦାନ୍ତ ଦୁଇଟି ନ ଥିଲା। କିନ୍ତୁ ପ୍ରାୟ ୬ ଇଞ୍ଚ ଲମ୍ବର ଗୋଟିଏ ଦାନ୍ତର ମୂଳ ସେଠାରୁ ମିଳିଥିଲା। ସରକାରୀ ସାକ୍ଷୀ ଭାବେ ବଡ଼ମ୍ବା ତହସିଲର ଦୁଇଜଣ କର୍ମଚାରୀ ଉପସ୍ଥିତ ଥିଲେ। ପରେ ବଡ଼ମ୍ବା ତହସିଲଦାର ତପନ କୁମାର ପରିଡ଼ା ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ବଡ଼ମ୍ବା ରେଞ୍ଜର ସୁରେଶ କୁମାର ଷଡ଼ଙ୍ଗୀ ଓ ବଡ଼ମ୍ବା ବ୍ଲକ ଭେଟେରିନାରି ଅଫିସର ମଧୁସୂଦନ ଦାସ ମଧ୍ୟ ଉପସ୍ଥିତ ଥିଲେ।

ଘଟଣା ସମ୍ପର୍କରେ ଶୁଭେନ୍ଦୁ କହିଛନ୍ତି, ଆଠଗଡ଼ ବନଖଣ୍ଡରେ ହାତୀକୁ ମାରି ବିନା ବ୍ୟବଚ୍ଛେଦରେ ସରକାରଙ୍କୁ ରିପୋର୍ଟ ନ କରି ପୋତିବା ଅତ୍ୟନ୍ତ ସାଧାରଣ ଘଟଣା। ନରସିଂହପୁର ହାତୀ କଙ୍କାଳ ଘଟଣାରେ ଯଦି ସେତେବେଳେ ରେଞ୍ଜରଙ୍କୁ ଗିରଫ କରାଯାଇଥାନ୍ତା, ଆଜି ହୁଏତ ଏହାର ପୁନରାବୃତ୍ତି ହୋଇ ନ ଥାନ୍ତା। ହାତୀ କଙ୍କାଳ ଖୋଳା ହେବାବେଳେ ସେଠାରେ ଉପସ୍ଥିତ ଥିବା ଆନିମଲ୍ ୱେଲ୍‌ଫେୟାର ଟ୍ରଷ୍ଟ ଏକାମ୍ରର ମୁଖ୍ୟ ପୁରବୀ ପାତ୍ର କହିଛନ୍ତି, ନିଲମ୍ବନ ଏକ ଦଣ୍ଡ ନୁହେଁ। ପ୍ରତିଥର ଭଳି ତଳିଆ କର୍ମଚାରୀଙ୍କୁ ନିଲମ୍ବନ ନ କରି, ଏଥର ଆଠଗଡ଼ ଡିଏଫ୍‌ଓଙ୍କୁ ଗିରଫ କରାଯାଉ। ଗତଥରର ଘଟଣାକୁ ନେଇ ମୁଁ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ଅଫିସ ଫାଟକ ବନ୍ଦ କରିଥିଲି। ଏଥର କିନ୍ତୁ ତାଙ୍କ ପାଇଁ ଚୁଡ଼ି ନେଇକି ଯିବି, ତାଙ୍କୁ ପିନ୍ଧାଇବି ବୋଲି ପୂରବୀ କହିଛନ୍ତି। ସେପଟେ ଶୁକ୍ରବାର ଆଉ ଏକ ସ୍ଥାନରେ ଚଢ଼ାଉ ହେବ ବୋଲି କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ନାୟକ କହିଛନ୍ତି।



ମାଟିତଳୁ ବାହାରିଥିବା ହାତୀର କଙ୍କାଳ।

**ପୁଣି ଚର୍ଚ୍ଚାରେ ଆଠଗଡ଼ ବନଖଣ୍ଡ**

- ତଦନ୍ତ କରିବେ ଡିଏଫ୍‌ଓ
- ଏଥର ନିଲମ୍ବନ ନୁହେଁ, ଗିରଫ କରାଯାଉ
- ଆଜି ଆଉଏକ ସ୍ଥାନରେ ଚଢ଼ାଉ କରିବ କ୍ରାଇମ୍‌ବ୍ରାଞ୍ଚ

# ୨ ହାତୀଦାନ୍ତ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨।୬ (ବ୍ୟୁରୋ)**

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ବନ୍ୟପ୍ରାଣୀ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ କନ୍ଧକୋଇଲି ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନ। ତାଙ୍କଠାରୁ ୪ କେଜି ୫୦୦ ଗ୍ରାମର ୨ଟି ହାତୀଦାନ୍ତ ଜବତ କରାଯାଇଛି। ସେ ହାତୀ ଦାନ୍ତ ରଖିବା ସଂକ୍ରାନ୍ତ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ତାଙ୍କୁ ଗିରଫ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁଗୋଳ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ତେବେ ସେ କୌଣସି ହାତୀକୁ ଶିକାର କରିଥିଲେ କି, ଉକ୍ତ ଦାନ୍ତ କାହାକୁ ଦେଇଥାନ୍ତେ, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନବିଭାଗ ମିଳିତ ତଦନ୍ତ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ୨୦୨୦ ମସିହାରୁ ଏଯାବତ୍ ୨୬ଟି ହାତୀ ଦାନ୍ତ ଜବତ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ଜିଲାରେ ଥିବା ଜଙ୍ଗଲରେ ହାତୀ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇ ଆସୁଛି। ଅଭିଯୁକ୍ତ ଦୁର୍ଯ୍ୟୋଧନ ହାତୀଦାନ୍ତ ଚୋରାଚାଲାଣ କରୁଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ତେଣୁ ତାଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଯୋଜନା କରିଥିଲା। ବୁଧବାର ବିଳମ୍ବିତ ରାତିରେ ଦୁର୍ଯ୍ୟୋଧନ ତାଙ୍କ ଗ୍ରାମ କନ୍ଧକୋଇଲି ନିକଟରେ ହାତୀଦାନ୍ତ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଓ ବନ ବିଭାଗର ମିଳିତ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ଯାଞ୍ଚ ପରେ ତାଙ୍କଠାରୁ ଦୁଇଟି ହାତୀଦାନ୍ତ ମିଳିଥିଲା।



ଜବତ ହାତୀଦାନ୍ତ।

# ଦେଶର ୨୪ତମ ର୍‍ୟାଙ୍କ୍‌ରେ କିଟ୍

**ଭୁବନେଶ୍ୱର, ୨।୬ (ବ୍ୟୁରୋ)**

ଦି ଟାଇମ୍ସ ହାୟର ଏଜୁକେଶନ ପକ୍ଷରୁ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ ୨୦୨୨ ଫଳାଫଳ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ଶ୍ରେଷ୍ଠ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଓଡ଼ିଶାର କିଟ୍ ୨୪ତମ ସ୍ଥାନରେ ରହିଛି। କିଟ୍‌ର ଓଭରାଲ ସ୍କୋର ୩୨+ ରହିଥିବାବେଳେ ସମଗ୍ର ଏସିଆ ମହାଦେଶରେ ୨୦୧+ ର୍‍ୟାଙ୍କିଙ୍ଗ ହାସଲ କରିଛି। ଭାରତର ଅଳ୍ପ କେତେକ ଖ୍ୟାତିସମ୍ପନ୍ନ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କରେ ସ୍ଥାନ ପାଇଛନ୍ତି। ଗବେଷଣା, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ଏହି ର୍‍ୟାଙ୍କିଙ୍ଗ କରାଯାଇଛି। ଟାଇମ୍ସ ହାୟର୍ ଏଜୁକେଶନ୍ ପକ୍ଷରୁ କରାଯାଇଥିବା ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ ହେଉଛି ଏକ ବିଶ୍ୱସ୍ତରୀୟ ପ୍ରଦର୍ଶନ ତାଲିକା। ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠା ଲାଭ କରିଥିବା ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏହି ଚୟନ ପ୍ରକ୍ରିୟାରେ ସାମିଲ୍ କରାଯାଇଛି। ତେବେ କିଟ୍ ହେଉଛି ୨୫ ବର୍ଷର ଅନୁଷ୍ଠାନ ଓ ମାତ୍ର ୧୮ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ୨୦୧+ ର୍‍ୟାଙ୍କ୍‌ରେ ରହିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପରିକ୍ରମା ପ୍ରକଳ୍ପ ବିବାଦ: ଟାଟା, ଓବିସିସି, ପୁରୀ ଜିଲାପାଳଙ୍କ ନାମରେ ମାମଲା ରୁଜୁ

**ପୁରୀ ଅଫିସ, ୨।୬:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବେଆଇନ କାର୍ଯ୍ୟ ନେଇ ଗୁରୁବାର ପୁରୀ ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକଶନ କର୍ପୋରେଶନ (ଓବିସିସି)ର ଅଧିକାରୀ, ଟାଟା ପ୍ରୋଜେକ୍ଟ ମ୍ୟାନେଜର ଏବଂ ପୁରୀ ଜିଲାପାଳଙ୍କ ବିରୋଧରେ ଆମ୍‌ସାର୍ ଆକ୍ଟ- ୩୦(ଏ), ୨ଡି (ସି) ଏବଂ ଆଇପିସି ଧାରା ୧୬୬ରେ ମାମଲା ନଂ. ୧୧୫୧/୨୨ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ମାମଲା ଦାଏର ହୋଇଛି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ବସନ୍ତ କୁମାର ଜେନା (ଦାରାବାବୁ)
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୧୯।୦୪।୧୯୪୯
ତିରୋଧାନ: ୧୪।୦୬।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ରବଧୂ/ପୁତ୍ର ଓ ପରିବାରବର୍ଗ।
ଧ-୭୧୨୦୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସାରଦା ସାହୁ
ସ୍ୱାମୀ:ସ୍ୱର୍ଗତ ବାଇଧର ସାହୁ
ହାତିଆଶୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୪
ତିରୋଧାନ: ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୩୭୦୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଭିମନ୍ୟୁ ସେନାପତି
ଗାରେଡିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ-୧୨।୦୬।୧୯୩୬
ତିରୋଧାନ- ୨୪।୦୫।୨୦୨୨
ଆପଣ ଥିଲେ ଆମର ଭୀଷ୍ମ ପିତାମହ, ଆମ ପରିବାରର ଧ୍ରୁବତାରା ଓ ବତୀଘର ସଦୃଶ। ଗାରେଡିପାଞ୍ଚଣ ପଞ୍ଚାୟତ ସହିତ ପୂରା ବାଲିପାଟଣା ଅଞ୍ଚଳ ପାଇଁ ଆପଣ ଥିଲେ ଏକ ଆଦର୍ଶ। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ଭ୍ରାତା, ପୁତ୍ର ଓ ପୁତ୍ରବଧୂ, କନ୍ୟା ଓ ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୦୯

# ଅପେକ୍ଷାରେ ବାରବାଟୀ



ନିର୍ମଳ କୁମାର ମିଶ୍ର

ଏକ ଯୁବଦଳକୁ ନେଇ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଭାରତରେ ପହଞ୍ଚିଛି। ଟେମ୍ବା ବଭୁମାଙ୍କ ନେତୃତ୍ୱରେ ଏହି ଦଳ ଭାରତ ବିପକ୍ଷରେ ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ଖେଳିବ। ଅଭିଜ୍ଞ ଫାପ୍ ଡୁ'ପ୍ଲେସିଙ୍କ ପରି ଖେଳାଳି ସାମିଲ ନ ଥିବାବେଳେ ଭାରତୀୟ ଦଳରେ ମଧ୍ୟ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଆଇପିଏଲ୍‌ରେ ଭଲ ବ୍ୟାଟିଂ ପ୍ରଦର୍ଶନ କରିଥିବା ଲୋକେଶ ରାହୁଲଙ୍କୁ ୫ ମ୍ୟାଚ ପାଇଁ ଅଧିନାୟକ ଦାୟିତ୍ୱ ଦିଆଯାଇଛି। ନିୟମିତ ଅଧିନାୟକ ହିଟ୍‌ମ୍ୟାନ ରୋହିତ ଶର୍ମା, ଷ୍ଟାର ବ୍ୟାଟର ବିରାଟ କୋହଲି, ଦୁଇ ରେଗୁଲାର ବୋଲର ଯଶପ୍ରୀତ ବୁମରା ଏବଂ ମହମ୍ମଦ ଶାମିଙ୍କୁ ଏହି ସୀମିତ ଓଭର ସିରିଜରୁ ବିଶ୍ରାମ ଦିଆଯାଇଛି। ଜମ୍ମୁ ଏକ୍ସପ୍ରେସ ଉମରାନ ମଲ୍ଲିକ ଏବଂ ଡେଥ୍ ଓଭର ସ୍ପେଶାଲିଷ୍ଟ ପଞ୍ଜାବ କିଙ୍ଗ୍ସ ଏକାଦଶର ଅର୍ଶଦୀପ ସିଂ ଦଳରେ ସ୍ଥାନ ପାଇଛନ୍ତି। ଉଇକେଟ କିପର ରିଷଭ ପନ୍ତ ଏବଂ ଦୀନେଶ କାର୍ତ୍ତିକ ମଧ୍ୟ ରହିଛନ୍ତି।

ଜୁନ୍ ୧୨ରେ ସିରିଜର ୨ୟ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଦୀର୍ଘ ୨ବର୍ଷର ବ୍ୟବଧାନ ପରେ ପୁନର୍ବାର ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ବାରବାଟୀକୁ ଫେରିଛି। ଏଥିପାଇଁ କ୍ରିକେଟପ୍ରେମୀମାନଙ୍କ ଉତ୍ସାହ କହିଲେ ନ ସରେ। ଦକ୍ଷିଣ ଆଫ୍ରିକା ଏବଂ ଭାରତ ମଧ୍ୟରେ ପୁନର୍ବାର ଏକ ସଂଘର୍ଷପୂର୍ଣ୍ଣ ଟି୨୦ ମ୍ୟାଚ ଦେଖିବାର ସୁଯୋଗ ପାଇବେ ଘରୋଇ ଦର୍ଶକ। ମ୍ୟାଚର ସଫଳ ଆୟୋଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପ୍ରସ୍ତୁତିକୁ ଜୋରଦାର କରିଛି। ନୂଆ ରୂପରେ ସଜେଇ ହେଉଛି ବାରବାଟୀ। ଚଳିତ ବର୍ଷ ଫେବୃଆରୀ ୧୫ରେ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ ବାରବାଟୀରେ ହେବା ପାଇଁ କାର୍ଯ୍ୟସୂଚୀ ଥିଲା। ସେଥିପାଇଁ ଓସିଏ ପାଖାପାଖି ପ୍ରସ୍ତୁତିକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇଥିଲା। ମାତ୍ର କୋଭିଡ୍-୧୯ର ତୃତୀୟ ଲହର ଯୋଗୁ ଖେଳାଳି ଏବଂ ଅଫିସିଆଲ୍‌ମାନଙ୍କ ସୁରକ୍ଷା ଦୃଷ୍ଟିରୁ ବାୟୋ ବବଲ ପାଇଁ ଅହମଦାବାଦ ଏବଂ କୋଲକାତାରେ ମ୍ୟାଚ କରାଇଥିବାରୁ କଟକ ସୁଯୋଗ ହରାଇଥିଲା। ଓସିଏର ସମ୍ପାଦକ ସଞ୍ଜୟ ବେହେରାଙ୍କ ଅନୁରୋଧ କ୍ରମେ ବିସିସିଆଇ ଆଗାମୀ ମ୍ୟାଚ ପାଇଁ ଗ୍ରୀନ୍ ସିଗ୍‌ନାଲ ଦେଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାତିଲ ୱେଷ୍ଟଇଣ୍ଡିଜ ଟି୨୦ମ୍ୟାଚ ବିନା ଦର୍ଶକରେ ହୋଇଥାନ୍ତା। ମାତ୍ର ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ ପାଇଁ ଫୁଲ୍‌ହାଉସ ପର୍‌ମିଶନ୍ ମିଳିଛି। ଫଳରେ ଦୀର୍ଘଦିନ ପରେ ପାଖାପାଖି ୪୫ହଜାର ଦର୍ଶକ ମ୍ୟାଚ ଉପଭୋଗ କରିବାର ସୁଯୋଗ ପାଇବେ।

ପୂର୍ବରୁ ଓସିଏ ଅନେକ ଅନ୍ତର୍ଜାତୀୟ ମ୍ୟାଚ ସଫଳତାର ସହ ଆୟୋଜନ କରିଛି। ଏ ପର୍ଯ୍ୟନ୍ତ ବାରବାଟୀରେ ୨ଟି ଟେଷ୍ଟ, ୧୯ଟି ଏକଦିବସୀୟ, ୨ଟି ଟି୨୦ ଏବଂ ୭ଟି ଆଇପିଏଲ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ବାରବାଟୀ ହେଉଛି ଭାରତର ଅନ୍ୟତମ ପୁରାତନ ଷ୍ଟାଡିୟମ, ଯାହାକି ୧୯୫୮ରେ ନିର୍ମାଣ ହୋଇଥିଲା। ଏହି ଷ୍ଟାଡିୟମରେ ୧୯୮୨ରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ହୋଇଥିଲା। ଭାରତ ଖେଳିଥିବା ମୋଟ ୧୯ଟି ଦିନିକିଆ ମ୍ୟାଚ ମଧ୍ୟରୁ ୧୪ଟିରେ ବିଜୟୀ ହୋଇ ଭଲ ରେକର୍ଡ ରଖିଛି। ଏଥି ମଧ୍ୟରୁ ୧୯୮୨ ଜାନୁୟାରୀ ୨୭ ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ୫ ଉଇକେଟରେ ଜିତିଥିବା ବେଳେ ଶେଷ ମ୍ୟାଚ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୦୧୯ ଡିସେମ୍ବର ୨୨ତାରିଖରେ ଖେଳିଥିବା ବେଳେ ଭାରତ ବିଜୟ ହାସଲ କରିଥିଲା। ଏଥି ସହିତ ୧୯୮୭, ୧୯୯୬ ବିଶ୍ୱକପର ୨ଟି ମ୍ୟାଚ ମଧ୍ୟ ସଫଳତାର ସହ ଆୟୋଜନ କରିଛି। ୨୦୧୩ରେ ମହିଳା କ୍ରିକେଟ ବିଶ୍ୱ କପ୍ ମ୍ୟାଚ ମଧ୍ୟ ଏଠାରେ ଖେଳାଯାଇଥିଲା।

୧୯୮୭ରେ ଶ୍ରୀଲଙ୍କା ବିପକ୍ଷରେ ୧୯୯୫ରେ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୨ଟି ଟେଷ୍ଟ ମ୍ୟାଚ ଏଠାରେ ଖେଳିଛି ଭାରତ। ସ୍ଲୋ ଏବଂ ଲୋ ପିଚ ପାଇଁ ପୂର୍ବରୁ ବେଶ୍ ସମାଲୋଚିତ ହେବା ପରେ ଟେଷ୍ଟ ମ୍ୟାଚର ମାନ୍ୟତା ହରାଇଥିଲା।

ବାରବାଟୀରେ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ଅକ୍ଟୋବର ୨୦୧୫ରେ ଅନୁଷ୍ଠିତ ହୋଇଥିଲା। ତେବେ ମ୍ୟାଚକୁ ୬ ଉଇକେଟରେ ହାରିଥିଲା ଟିମ୍ ଇଣ୍ଡିଆ। ଦର୍ଶକ ବିଶୃଙ୍ଖଳା ପାଇଁ ବେଶ୍ ଚର୍ଚ୍ଚାରେ ରହିଥିଲା ବାରବାଟୀ। ଶେଷ ଟି୨୦ ମ୍ୟାଚ ଶ୍ରୀଲଙ୍କା ବିପକ୍ଷରେ ୨୦୧୭ ମସିହାରେ ଖେଳିଥିବା ବେଳେ ବିଜୟ ସ୍ୱାଦ ଚାଖିଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ୧୯୯୬ ଏବଂ ୨୦୧୩ରେ ଅଷ୍ଟ୍ରେଲିଆ ବିପକ୍ଷ ଏକଦିବସୀୟରେ ବର୍ଷା ଯୋଗୁ ମ୍ୟାଚ ବାତିଲ ହୋଇଯାଇଥିଲା। ଏପରିକି ୧୯୯୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ ବର୍ଷା ବାଧାପ୍ରାପ୍ତ ହେବାରୁ ଓସିଏକୁ ବହୁ କ୍ଷତି ସହିବାକୁ ପଡିଥିଲା। କାରଣ ସେତେବେଳେ ଅନ୍ତର୍ଜାତୀୟ ସ୍ତରର ଟେକ୍ନୋଲୋଜି ଏବଂ ଉପକରଣଗୁଡ଼ିକର ଅଭାବ ରହିଥିଲା। ପିଚ୍, ଗ୍ରାଉଣ୍ଡ, ଡ୍ରେସିଂ ରୁମ୍, ଫ୍ଲଡ ଲାଇଟ, ଦର୍ଶକ ଗ୍ୟାଲେରି, ଖେଳାଳିମାନଙ୍କ ଯାତାୟାତ, ଉନ୍ନତମାନର ହୋଟେଲ ଇତ୍ୟାଦି ଉଚ୍ଚମାନର ନ ଥିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଥିଲା। ମାତ୍ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମୟରେ ବାରବାଟୀ ନୂଆ ରୂପ ନେବା ସହ ଅନେକ ଅନ୍ତର୍ଜାତୀୟ ମ୍ୟାଚ ସଫଳତାର ସହ ଶେଷ ହୋଇଥିଲା।

ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚ ପାଇଁ ବହୁ ଆଗରୁ ପ୍ରସ୍ତୁତି ଆରମ୍ଭ କରିଛି ଓସିଏ। ଜୁନ୍ ୧୨ ତାରିଖ ବେଳକୁ ମୌସୁମୀ ପ୍ରବାହ ଆରମ୍ଭ ହୋଇଯାଇଥିବାରୁ ମ୍ୟାଚ ଯେପରି ବର୍ଷା ଯୋଗୁ ବାଧାପ୍ରାପ୍ତ ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ୧କୋଟି ଟଙ୍କା ବ୍ୟୟରେ ସମଗ୍ର ଷ୍ଟାଡିୟମକୁ ଘୋଡ଼ାଇବା ପାଇଁ ସ୍ୱତନ୍ତ୍ର ପ୍ରକାର କଭର ଇଂଲଣ୍ଡରୁ ଅଣାଯାଇଛି। ଏହି ଉନ୍ନତମାନର କଭର ଯୋଗୁ ପିଚ୍, ବୋଲର ରନ୍‌ଅପ ଏବଂ ସମ୍ପୂର୍ଣ୍ଣ ଷ୍ଟାଡିୟମକୁ ଅତି ସହଜରେ ଘୋଡାଯାଇ ପାରିବ। ସମ୍ପୂର୍ଣ୍ଣ ଆଉଟ୍ ଫିଲ୍‌ଡକୁ ବାଲି ଓ ଘାସ ମାଧ୍ୟମରେ ନୂଆ ରୂପ ଦିଆଯାଇଛି। ଫଳରେ ଖେଳାଳିମାନେ ଫିଲ୍‌ଡିଂ ସମୟରେ ଅଧିକ ସୁରକ୍ଷିତ ରହିପାରିବେ। ଡ୍ରେନେଜ୍ ସିଷ୍ଟମର ଉନ୍ନତୀକରଣ କରାଯାଇଛି। ଫଳରେ ଅଳ୍ପ ସମୟ ମଧ୍ୟରେ ବର୍ଷା ଜଳକୁ ସୋକ୍‌ପିଟ୍ ମାଧ୍ୟମରେ କଢାଯାଇ ପାରିବ। ୨ଟି ସ୍ୱତନ୍ତ୍ର ଧରଣର ସୁପର ସପର ଅଷ୍ଟ୍ରେଲିଆରୁ ମଗାଯାଇଛି। ଯାହାକି ଗ୍ରାଉଣ୍ଡ ଅତି କମ୍ ସମୟରେ ଶୁଖାଇ ପାରିବ। ଏଲଇଡି ସ୍ପୋର୍ଟ୍ସ ଲାଇଟର ବ୍ୟବହାର ମଧ୍ୟ ପ୍ରଥମ ଥର ପାଇଁ କରାଯିବ। ଫଳରେ କ୍ୟାଚ ଏବଂ ଫିଲ୍‌ଡିଂରେ ଅସୁବିଧା ହେବ ନାହିଁ ବୋଲି ଆଶା କରାଯାଉଛି। ନୂତନ ଭାବେ ନିର୍ମିତ ୨ଟି ସେଣ୍ଟର ପିଚ୍ ପ୍ରସ୍ତୁତ କରାଯାଇଛି ଯାହାକୁ ମ୍ୟାଚ ସମୟରେ ବ୍ୟବହାର କରାଯିବ। ଫଳରେ ହାଇ ସ୍କୋରିଂ ମ୍ୟାଚ ହେବାର ସମ୍ଭାବନା ରହିଛି। ପୂର୍ବରୁ ଟି୨୦ ମ୍ୟାଚରେ ମଧ୍ୟ ଲୋ ସ୍କୋର ହେଉଥିଲା। ଭାରତ ଖେଳିଥିବା ୨ଟି ମ୍ୟାଚରେ ମଧ୍ୟ ୧୦୦ ରନ୍ ତଳକୁ ସ୍କୋର ହୋଇଥିଲା। ଶ୍ରୀଲଙ୍କା ମାତ୍ର ୮୭ ରନ୍ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୯୬ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଏହାକୁ ଆଖିଆଗରେ ରଖି ହାଇ ସ୍କୋରିଂ ପିଚ୍ ପ୍ରସ୍ତୁତ କରାଯାଇଛି। ଅନ୍ତର୍ଜାତୀୟ ସ୍ତରର ୨ଟି ଅତ୍ୟାଧୁନିକ ପ୍ଲେୟର୍ସ ଡ୍ରେସିଂ ରୁମ୍ ନୂତନ ଭାବେ ତିଆରି କରାଯାଇଛି। ଖେଳାଳିଙ୍କ ପାଇଁ ଅତ୍ୟାଧୁନିକ ଭଲଭୋ ବସ୍ ବ୍ୟବସ୍ଥା କରାଯାଇଛି। ଦୁଇ ଟିମ୍ ଜୁନ୍ ୧୦ ତାରିଖରେ ପହଞ୍ଚିବାକୁ ଥିବା ବେଳେ ୧୩ ଜୁନ୍‌ରେ ପ୍ରତ୍ୟାବର୍ତ୍ତନ କରିବେ।

ଅନୁମତି ମିଳି ସାରିଥିବାରୁ ଏଥର ମ୍ୟାଚ ସମୟରେ ଷ୍ଟାଡିୟମ ଦର୍ଶକରେ ଭରା ରହିବା ନିଶ୍ଚିତ ହୋଇଛି। ସମ୍ପୂର୍ଣ୍ଣ ଷ୍ଟାଡିୟମର ଦର୍ଶକ କ୍ଷମତା ୪୪,୨୩୪ ରହିଛି। ଦୀର୍ଘ ୨ବର୍ଷ ପରେ ଦର୍ଶକମାନେ ଫଟାଫଟ କ୍ରିକେଟ୍‌ର ମଜା ନେବା ପାଇଁ ଚାହିଁ ରହିଛନ୍ତି। ଅନ୍‌ଲାଇନ୍‌ରେ ୫୦୦୦ ଟିକେଟ ମାତ୍ର ୧ ଘଣ୍ଟା ୧୫ ମିନିଟରେ ବିକ୍ରି ହୋଇଯିବା ଘଟଣାରୁ ଏହାର ପ୍ରମାଣ ମିଳିଛି। କେତେକ ତାରକା ଭାରତୀୟ ଖେଳାଳି ଆସୁ ନ ଥିବାରୁ କ୍ରିକେଟପ୍ରେମୀ ଯେତିକି ନିରାଶ ଅଛନ୍ତି ବହୁଦିନ ପରେ ଅନ୍ତର୍ଜାତୀୟ ମ୍ୟାଚ ବାରବାଟୀକୁ ଫେରୁଥିବାରୁ ସେତିକି ଆନନ୍ଦିତ ମଧ୍ୟ। ଅନେକ ଦିନପରେ ଚଳଚଞ୍ଚଳ ହେଉଛି ବାରବାଟୀ। ନୂଆ ରୂପ ନେଇ ଦର୍ଶକମାନଙ୍କୁ ଅପେକ୍ଷା କରିଛି ଏହି ଐତିହାସିକ ଷ୍ଟାଡିୟମ।

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସମୟରେ ବାରବାଟୀ ଷ୍ଟାଡିୟମ ଦର୍ଶକରେ ଭରା ରହିବା ନିଶ୍ଚିତ ହୋଇଛି। ଅନ୍‌ଲାଇନ୍‌ରେ ୫୦୦୦ ଟିକେଟ ମାତ୍ର ୧ ଘଣ୍ଟା ୧୫ ମିନିଟ୍‌ରେ ବିକ୍ରି ହୋଇଯିବା ଘଟଣାରୁ ଏହାର ପ୍ରମାଣ ମିଳିଛି। ଚଳଚଞ୍ଚଳ ହେଉଛି ବାରବାଟୀ। ନୂଆ ରୂପ ନେଇ ଦର୍ଶକମାନଙ୍କୁ ଅପେକ୍ଷା କରିଛି ଏହି ଐତିହାସିକ ଷ୍ଟାଡିୟମ...**





ବାରବାଟୀ ଷ୍ଟାଡିୟମ ପଡ଼ିଆରେ କେମିକାଲ ସିଞ୍ଚନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ଦୁଇ ମ୍ୟାଚର ଫଳାଫଳ

**ପ୍ରଥମ ମ୍ୟାଚ**

ଭାରତ ବନାମ ଦକ୍ଷିଣ ଆଫ୍ରିକା, ୨୦୧୫ ଅକ୍ଟୋବର ୫

**ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ**

ଭାରତ ୧୭.୨ ଓଭରରେ ୯୨/ଅଲ୍‌ଆଉଟ (ରୋହିତ ଶର୍ମା-୨୨, ସୁରେଶ ରାଇନା-୨୨, ଆଲ୍‌ବି ମୋର୍କେଲ-୩/୧୨, କ୍ରିସ୍ ମୋରିସ-୨/୧୬, ଇମ୍ରାନ ତାହିର-୨/୨୪, କାଗିଶୋ ରାବାଡ଼ା-୧/୧୮)। ଦକ୍ଷିଣ ଆଫ୍ରିକା ୧୭.୧ ଓଭରରେ ୯୬/୪ (ଜନ୍-ପଲ୍ ଡୁମିନି-୩୦*, ଏବି ଡି'ଭିଲର୍ସ-୧୯, ରବିଚନ୍ଦ୍ରନ ଅଶ୍ୱିନ-୩/୨୪, ଅକ୍ଷର ପଟେଲ-୧/୧୭)।

**ଦ୍ୱିତୀୟ ମ୍ୟାଚ**

ଭାରତ ବନାମ ଶ୍ରୀଲଙ୍କା, ୨୦୧୭, ଡିସେମ୍ବର ୨୦

**ଭାରତ ୯୩ ରନରେ ବିଜୟୀ**

ଭାରତ ୨୦ ଓଭରରେ ୧୮୦/୩ (ଲୋକେଶ ରାହୁଲ-୬୧, ମହେନ୍ଦ୍ର ସିଂ ଧୋନୀ-୩୯*, ମନୀଷ ପାଣ୍ଡେ-୩୨, ଶ୍ରେୟାସ ଆୟାର-୨୪, ଆଞ୍ଜେଲୋ ମାଥ୍ୟୁସ-୧/୧୯, ଥିସାରା ପେରେରା-୧/୩୭, ନୁୱାନ ପ୍ରଦୀପ-୧/୩୮)। ଶ୍ରୀଲଙ୍କା ୧୬ ଓଭରରେ ୮୭/ଅଲ୍‌ଆଉଟ (ଉପୁଲ ଥରଙ୍ଗା-୨୩, ଯୁଜବେନ୍ଦ୍ର ଚହଲ-୪/୨୩, ହାର୍ଦ୍ଦିକ ପାଣ୍ଡ୍ୟା-୩/୨୯, କୁଲଦୀପ ଯାଦବ-୨/୧୮, ଜୟଦେବ ଉନାଡକଟ୍-୧/୭)।

---

**ଅତୀତ ସ୍ମୃତିରୁ...**

**ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ (୮,୯)**

# ଲଲାଟେନ୍ଦୁ ପରିଜା, ଦୀନବନ୍ଧୁ ଯାଦବ



ଅଶୋକ ମହାନ୍ତି

**ଓଡ଼ିଶା ପାଇଁ ୨୦ଟି ପ୍ରଥମ ଶ୍ରେଣୀ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଖେଳିଥିଲେ ଲଲାଟେନ୍ଦୁ ପରିଜା। ସେ ୧୯୫୨ରେ ବାରବାଟୀ ଷ୍ଟାଡିୟମରେ ଆସାମ ବିପକ୍ଷରେ ପ୍ରଥମ ପୂର୍ବାଞ୍ଚଳ ରଣ୍‌ଜୀ ଟ୍ରଫି ମ୍ୟାଚ ଖେଳିଥିଲେ ଏବଂ ପଦାର୍ପଣ ମ୍ୟାଚ୍‌ରେ ଶତକ ହାସଲ କରି ରାଜ୍ୟର ପ୍ରଥମ ଖେଳାଳି ଭାବେ ଏକ ନିଆରା କୀର୍ତ୍ତିମାନ ସ୍ଥାପନ କରିଥିଲେ। ସେହିପରି ଓଡ଼ିଶା ଫୁଟବଲ ଆଦ୍ୟକାଳର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଥିଲେ ଦୀନବନ୍ଧୁ ଯାଦବ।**



ଲଲାଟେନ୍ଦୁ ପରିଜା



ଦୀନବନ୍ଧୁ ଯାଦବ

### ଦକ୍ଷ ପ୍ରଶାସକ, ଖ୍ୟାତନାମା କ୍ରିକେଟର

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଶିଷ୍ଟ ବୈଜ୍ଞାନିକ, ପ୍ରସିଦ୍ଧ ଉଦ୍ଭିଦ ବିଜ୍ଞାନୀ, ପଦ୍ମଭୂଷଣରେ ସମ୍ମାନିତ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ସ୍ୱର୍ଗତ ଡ. ପ୍ରାଣକୃଷ୍ଣ ପରିଜାଙ୍କ ସୁପୁତ୍ର ଲଲାଟେନ୍ଦୁ ପରିଜା ନଭେମ୍ବର ୧, ୧୯୩୦ରେ ଜନ୍ମଗ୍ରହଣ କରିଥିଲେ। ଜଣେ ମେଧାବୀ ଛାତ୍ର ଭାବରେ ସେ ଦାର୍ଜିଲିଂ ସ୍ଥିତ ବୋର୍ଡିଂ ସ୍କୁଲ ସେଣ୍ଟ୍‌ପଲ୍‌ରୁ ବିଦ୍ୟାଳୟ ଶିକ୍ଷା ସମାପ୍ତ କରି ଦିଲ୍ଲୀର ପ୍ରସିଦ୍ଧ ସେଣ୍ଟ ଷ୍ଟିଫେନ୍ସ ମହାବିଦ୍ୟାଳୟରୁ ସ୍ନାତକୋତ୍ତର (ବିଜ୍ଞାନ) ଡିଗ୍ରୀ ହାସଲ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରେ ତାଙ୍କର ବହୁମୁଖୀ କ୍ରୀଡ଼ା ପ୍ରତିଭା ବିଶେଷ ଭାବେ କ୍ରିକେଟ ଖେଳରେ ଦକ୍ଷତା ପ୍ରସ୍ଫୁଟିତ ହୋଇଥିଲା। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ ଜଣେ ଅଲ୍‌ରାଉଣ୍ଡର ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ରୋହିଙ୍ଗଟନ ବାରିଆ ଟ୍ରଫିରେ ୬ଥର ପ୍ରତିନିଧିତ୍ୱ କରିଥିଲେ।

ଓଡ଼ିଶା ରାଜ୍ୟ ପାଇଁ ୨୦ଟି ପ୍ରଥମ ଶ୍ରେଣୀ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଖେଳିଥିଲେ ଲଲାଟେନ୍ଦୁ। ସେ ୧୯୫୨ରେ କଟକର ବାଟବାଟୀ ଷ୍ଟାଡିୟମରେ ଆସାମ ବିପକ୍ଷରେ ପ୍ରଥମ ପୂର୍ବାଞ୍ଚଳ ରଣ୍‌ଜୀ ଟ୍ରଫି ମ୍ୟାଚ ଖେଳିଥିଲେ ଏବଂ ପଦାର୍ପଣ ମ୍ୟାଚ୍‌ରେ ଶତକ (୧୦୩) ହାସଲ କରି ରାଜ୍ୟର ପ୍ରଥମ ଖେଳାଳି ଭାବେ ଏକ ନିଆରା କୀର୍ତ୍ତିମାନ ସ୍ଥାପନ କରିଥିଲେ। ପରବର୍ତ୍ତୀ ବର୍ଷ ୧୯୫୩ରେ ଲଲାଟେନ୍ଦୁ କଟକ ବାରବାଟୀ ଷ୍ଟାଡିୟମରେ ବେଙ୍ଗଲ ବିପକ୍ଷରେ ଲଗାତର ଦ୍ୱିତୀୟ ଶତକୀୟ ଇନିଂସ (୧୫୨ ରନ୍) ସହିତ ୬ ଉଇକେଟ ଅକ୍ତିଆର କରି ଏକ ବିରଳ ରେକର୍ଡର ଅଧିକାରୀ ହୋଇଥିଲେ। ଦୈବ ସଂଯୋଗରେ ଲଲାଟେନ୍ଦୁଙ୍କ ଉପରୋକ୍ତ ଦୁଇଟି ଶତକ ଓଡ଼ିଶା ରାଜ୍ୟ ଦଳର ପ୍ରଥମ ଶ୍ରେଣୀ ରଣ୍‌ଜୀ ଟ୍ରଫିରେ ମଧ୍ୟ ପ୍ରଥମ। ୧୯୫୩ରୁ ୧୯୬୫ ମଧ୍ୟରେ ୧୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ସେ ରାଜ୍ୟ ଦଳର ନେତୃତ୍ୱ ନେଇଥିଲେ। ତାଙ୍କର ଶେଷ ମ୍ୟାଚ ଘରୋଇ ପଡ଼ିଆ ବାରବାଟୀ ଷ୍ଟାଡିୟମ୍‌ରେ ବିହାର ବିପକ୍ଷରେ ଖେଳିଥିଲେ। କ୍ରିକେଟ ବ୍ୟତୀତ ସେ ଜଣେ ଉଚ୍ଚକୋଟୀର ବ୍ୟାଡ୍‌ମିଣ୍ଟନ, ଚେସ୍ ଏବଂ ବ୍ରିଜ୍ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ। ବ୍ରିଜ୍‌ରେ ଏକାଧିକ ଟୁର୍ନାମେଣ୍ଟରେ ସେ ବିଜେତା ହେବାର ମଧ୍ୟ ନଜିର ରହିଛି।

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଦକ୍ଷତାର ସହିତ କାର୍ଯ୍ୟକରିଥିଲେ ଲଲାଟେନ୍ଦୁ। ରାଜ୍ୟର ସର୍ବୋଚ୍ଚ ପ୍ରଶାସନିକ ପଦବୀ ମୁଖ୍ୟ ଶାସନ ସଚିବ ଭାବେ ମଧ୍ୟ ଦୁଇଥର ଦାୟିତ୍ୱ ତୁଲାଇ ଥିଲେ। ଜଣେ ଦକ୍ଷ ପ୍ରଶାସକ ଭାବେ ରାଉରକେଲା ଇସ୍ପାତ କାରଖାନାରେ ଡିଜିଏମ୍ (ପ୍ରଶାସନ) ପଦବୀରେ କାର୍ଯ୍ୟରତ ଥିବା ସମୟରେ ରାଜ୍ୟର ବହୁ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ମୁଖ୍ୟ ଶାସନ ସଚିବ ପଦରୁ ଅବସର ନେଲା ପରେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୨ରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଗଠିତ "ପ୍ରଥମ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର" ଚୟନ ସମିତିର ଅଧ୍ୟକ୍ଷ ଭାବେ ତାଙ୍କର ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ୨୬ ଅଗଷ୍ଟ ୨୦୧୯ରେ ୮୯ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

**ଦୀନବନ୍ଧୁ ଯାଦବ (୯)**

ଓଡ଼ିଶା ଫୁଟବଲ ଆଦ୍ୟକାଳର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଥିଲେ ଦୀନବନ୍ଧୁ ଯାଦବ। ଭଗବାନଦତ୍ତ ୬ ଫୁଟ୍‌ରୁ ଅଧିକ ଉଚ୍ଚତାବିଶିଷ୍ଟ ନିଖୁଣ ଚେହେରାର ଅଧିକାରୀ ଦୀନବନ୍ଧୁଙ୍କ ଜନ୍ମ ହୋଇଥିଲା ସେପ୍ଟେମ୍ବର ୧୨ ତାରିଖ ୧୯୧୬ ମସିହାରେ। ସେତେବେଳେ ପ୍ରସିଦ୍ଧିଲାଭ କରିଥିବା ଗଣପତି ଆୟାର ଫୁଟବଲ ଟୁର୍ନାମେଣ୍ଟରେ ବ୍ରହ୍ମପୁରର ଟାଉନ୍ ଫୁଟବଲ କ୍ଲବ ପକ୍ଷରୁ ସେ ୧୪ ବର୍ଷ ବୟସରେ ତାଙ୍କର ଯଶସ୍ୱୀ ଖେଳ ଜୀବନ ଆରମ୍ଭ କରିଥିଲେ। ୧୯୩୪ରୁ ୧୯୩୮ ମଧ୍ୟରେ ପାରଳାଖେମୁଣ୍ଡି ମହାବିଦ୍ୟାଳୟରେ ପଢୁଥିବା ସମୟରେ ସେ ଆଥ୍‌ଲେଟିକ୍ସ, ଫୁଟବଲ ଓ ଭଲିବଲ ପ୍ରଭୃତି ଖେଳରେ କଲେଜର ଶ୍ରେଷ୍ଠ ଅଲରାଉଣ୍ଡ ଆଥ୍‌ଲେଟ ବିବେଚିତ ହୋଇଥିଲେ।

ଓଡ଼ିଶା ପୋଲିସରେ ସବ୍‌ଇନ୍ସପେକ୍ଟର ଭାବେ ଯୋଗଦେବା ପରେ ତାଙ୍କର କ୍ରୀଡ଼ା ପ୍ରତିଭା ଅଧିକ ଶାଣିତ ହୋଇଥିଲା। ୪୦ ଏବଂ ୫୦ ଦଶକରେ ସାରା ଦେଶରେ ଏବଂ ଓଡ଼ିଶାରେ ମଧ୍ୟ ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଥିଲା ଫୁଟବଲ। ଓଡ଼ିଶା ରାଜ୍ୟ ଫୁଟବଲ ଦଳ ପ୍ରଥମ ଥର ପାଇଁ ୧୯୪୭ରେ କଲିକତାଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ଦୀନବନ୍ଧୁ ଯାଦବଙ୍କ ନେତୃତ୍ୱରେ ଭାଗ ନେଇଥିଲା। ତାଙ୍କର ସମସାମୟିକ କିମ୍ବା ବୟସରେ ଛୋଟ ପ୍ରସିଦ୍ଧ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଡା. ସଚ୍ଚି ଦାସ, ଅବଦୁଲ ମଜିଦ୍, ଗୋଲକ ସାମଲ (ବୁଲୁ), ସୟେଦ୍ ୟୁନୁସ, ଏମ୍‌ଏଲ୍ ବାରି, ବୀରଞ୍ଜନ ବେରା, ପରେକ୍ ହୁସେନ ଓ କୃଷ୍ଣ ରାଉତରାୟ ପ୍ରମୁଖ। ଫୁଟବଲ ବ୍ୟତୀତ ଭଲିବଲ ଏବଂ ହକିରେ ସେ ଜଣେ ଦକ୍ଷ ଖେଳାଳି ଥିଲେ ଏବଂ ଓଡ଼ିଶା ପୋଲିସକୁ ୩ଟି ଯାକ ଖେଳରେ ବହୁବର୍ଷ ପ୍ରତିନିଧିତ୍ୱ କରିଥିଲେ। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ ଭାବେ ଅବସର ନେଲା ପରେ ୯୦ ବର୍ଷ ବୟସରେ ଜୁଲାଇ ୨୦ ତାରିଖ ୨୦୦୬ ମସିହାରେ ପରଲୋକ ଗମନ କରିଥିଲେ।

## ଟାଇଟଲ

ଏସିଆ କପ୍‌ରେ ମାଲେସିଆକୁ ହରାଇ  
କୋରିଆ ମୁହଁରେ ହସ  
ରେକର୍ଡ ପଞ୍ଚମ ଟାଇଟଲ ଜିତି  
ଚୋଲାନ ମୋଡ଼ଇ ନିଶ  
ହରମନପ୍ରୀତ କସ  
ଚ୍ୟାଲେଞ୍ଜ ଟ୍ରଫିରେ ଥାର୍ଡ ଟାଇଟଲ  
ଯଶ ଆଣି ଖାସେ ଖାସ।

ମେଗା ଅକ୍ସନ ପରେ ଷ୍ଟାର ଶୂନ୍ୟ  
ଥିଲା ଦିନେ ଗୁଜୁରାଟ  
ଦମ୍ ରଖି ଚିଫ ପାଣ୍ଡ୍ୟା ପଣ କରି  
ଦେଖାଇଲା ସବୁ ବାଟ  
ଖାଇ ଶାହା, ଖାନ୍ ଛାଟ  
ଦଳକୁ ପଏଣ୍ଟ ଶୀର୍ଷରେ ରଖିକି  
କହେ ଫାଇନାଲ ନାଟ।




କ୍ୟାପଟେନ ହାର୍ଦ୍ଦିକ ବିଜୟ ବଧାଇ  
ମାନ ରଖି ମାଲେମାଲ  
ଗୁଜୁରାଟ ଟାଇଟନ୍ସକୁ ପ୍ରଥମ  
ଆଇପିଏଲ୍ ଟାଇଟଲ  
ଉଚ୍ଚ ଆଶା ଦିଏ ଗୋଲ  
ବଡି ଲାଙ୍ଗୁଏଜ୍‌ରୁ ଲୋକଙ୍କୁ ଚିହ୍ନିବା  
ମୁସ୍କିଲ ଜାଣିଆ ଝୁଲ।

—ସୁବାସ ଚନ୍ଦ୍ର ପ୍ରଧାନ




୧୮ ବର୍ଷରୁ କମ୍ ଏସିଆନ ବାସ୍କେଟବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନ ପରେ ଖେଳାଳିଙ୍କ ସହ ପରିଚୟ ହେଉଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ବାଂଲାଦେଶ-ମାଳଦ୍ୱୀପ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଆରମ୍ଭ ହେଲା ୧୮ ବର୍ଷରୁ କମ୍ ଏସିଆନ୍ ବାସ୍କେଟବଲ

ଭୁବନେଶ୍ୱର,୨।୬

କଟକର ଜୱାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାରଠାରୁ ଫିବା ୧୮ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ବାସ୍କେଟବଲ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ୬୪-୩୭ ବ୍ୟବଧାନରେ ମାଳଦ୍ୱୀପକୁ ହରାଇ ଦେଇଛି। ମ୍ୟାଚ୍ ଆରମ୍ଭରୁ ହିଁ ବାଂଲାଦେଶ ନିୟନ୍ତ୍ରଣରେ ରହିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ବିଜେତା ଦଳ ୩୦-୧୬ରେ ଆଗରେ ଥିଲା। ବାଂଲାଦେଶ ଅଧିନାୟକ ଏମାଦୁଲ ହକ୍ ପିଆଶ(୧୯) ଓ ମହମ୍ମଦ ମାନିକ ହାସନ(୨୩)ଙ୍କ ସହିତ ନୁର ଶାରିଅର ଅହମ୍ମଦ(୧୦) ମାଳଦ୍ୱୀପ ଡିଫେନ୍ସ ଭାଗରେ ଥିବା ଦୁର୍ବଳତାର ଫାଇଦା ଉଠାଇଥିଲେ। ମାଳଦ୍ୱୀପ ପକ୍ଷରୁ କେବଳ ଅହମ୍ମଦ ଲାଲି ଶିଫାନ (୧୪) ଦୁଇ ଅଙ୍କ ଛୁଇଁ ପାରିଥିଲେ। ପ୍ରତିଯୋଗିତାକୁ ଓଡ଼ିଶାର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ଅଲମ୍ପିଆନ ଦୀଲିପ ତିର୍କୀ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଭାରତୀୟ ବାସ୍କେଟବଲ ଫେଡେରେଶନ ଉପ ସଭାପତି ଅଜିତ ସିଂ ରାଠୋର, ଓଡ଼ିଶା ବାସ୍କେଲଟବଲ ଆସୋସିଏଶନ ସଭାପତି ଜ୍ଞାନ ରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ଅଶୋକ ସାହୁ ଉପସ୍ଥିତ ଥିଲେ।

## ଆନନ୍ଦଙ୍କ କ୍ରମାଗତ ଦ୍ୱିତୀୟ ବିଜୟ

**ଷ୍ଟାଭେଞ୍ଜର (ନରୱେ), ୨।୬ (ପି.ଟି.):** ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଏଠାରେ ଚାଲିଥିବା ନରୱେ ଚେସ୍ ଟୁର୍ନାମେଣ୍ଟର କ୍ଲାସିକାଲ ଇଭେଣ୍ଟରେ ତାଙ୍କର କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବୁଲଗେରିଆର ଭେସ୍‌ଲିନ୍ ଟୋପାଲୋଭଙ୍କୁ ୩୬ଟି ମୁଭ୍‌ରେ ହରାଇ ଦେଇଛନ୍ତି। ୫ଥର ବିଶ୍ୱ ଚାମ୍ପିୟନ ୫୨ ବର୍ଷୀୟ ଆନନ୍ଦ ବର୍ତ୍ତମାନ ୬ ପଏଣ୍ଟ ସହ ଅଗ୍ରଣୀ ଲାଭ କରିଛନ୍ତି। ବ୍ଲିଜ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଆନନ୍ଦ ଫ୍ରାନ୍ସର ମାକ୍ସିମି ଭାଚିର ଲାଗ୍ରେଭ୍‌ଙ୍କ ବିପକ୍ଷରେ ବିଜୟ ସହ କ୍ଲାସିକାଲ ଇଭେଣ୍ଟ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ କ୍ଲାସିକାଲ ବିଭାଗ ପୂର୍ବରୁ ବ୍ଲିଜ୍ ଇଭେଣ୍ଟ ଜିତିଥିବା ଆମେରିକାର ୱେସ୍‌ଲେ ସୋ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନଙ୍କ ବିପକ୍ଷ ଗେମ୍ ଡ୍ର ୩୮ତମ ମୁଭରେ ଡ୍ର ରଖିବା ପରେ ସଡନ ଡେଥ୍‌ରେ ବିଜୟ ଲାଭ କରି ଆନନ୍ଦଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

## ନ୍ୟୁଜିଲାଣ୍ଡ ୧୩୨ରେ ଅଲଆଉଟ୍

**ଡେବ୍ୟୁରେ ମାଥ୍ୟୁ ପଟ୍ସଙ୍କୁ ୪ ଉଇକେଟ**

**ଲଣ୍ଡନ,୨।୬:** ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗୁରୁବାରଠାରୁ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩୨ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଦଳ ମାତ୍ର ୪୫ ରନ୍ ମଧ୍ୟରେ ପ୍ରମୁଖ ୭ ବ୍ୟାଟରଙ୍କୁ ହରାଇ ସାରିଥିଲା। କଲିନ ଡେ' ଗ୍ରାଣ୍ଡହୋମଙ୍କ ଅପରାଜିତ ୪୨(୪ ଚୌକା) ଏବଂ ଟିମ୍ ସୌଦି (୨୬)ଙ୍କ ଯୋଗୁ ଦଳୀୟ ସ୍କୋର ୧୩୨ ରନ୍‌ରେ ପହଞ୍ଚି ପାରିଥିଲା। ଦଳ ୬ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଏହି ମ୍ୟାଚ୍‌ରେ ଟେଷ୍ଟ ପଦାର୍ପଣ କରୁଥିବା ମାଥ୍ୟୁ ପଟ୍ସ ୯.୨ ଓଭରରେ ୧୩ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମ୍ସ ଆଣ୍ଡରସନ ୪ ଉଇକେଟ ନେଇଥିବା ବେଳେ ଷ୍ଟୁଆର୍ଟ ବ୍ରଡ ଓ ଅଧିନାୟକ ବେନ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଏହି ଇନିଂସର ୨୩ତମ ଓଭର ଶେଷ ହେବା ପରେ ୨୩ ସେକେଣ୍ଡ ପାଇଁ ଉଭୟ ଦଳର ଖେଳାଳିମାନେ କରତାଳି ମାରି ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ଲେଗ୍ ସ୍ପିନର ଶେନ ୱର୍ନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଟି' ବ୍ରେକ ସୁଦ୍ଧା ଇଂଲଣ୍ଡ ବିନା ଉଇକେଟରେ ୧୯ ରନ୍ କରିଛି।

## ବିବାହ ବନ୍ଧନରେ ଦୀପକ ଚହର

ନୂଆଦିଲ୍ଲୀ,୨।୬



ସ୍ତ୍ରୀ ଜୟା ଭରଦ୍ୱାଜଙ୍କ ସହ ଦୀପକ ଚହର (ମଝି)।

ଭାରତୀୟ ପେସର ଦୀପକ ଚହର ବୁଧବାର ତାଙ୍କ ଦୀର୍ଘ ଦିନର ବାନ୍ଧବୀ ଜୟା ଭରଦ୍ୱାଜଙ୍କୁ ଆଗ୍ରାରେ ବିବାହ କରିଛନ୍ତି। ଆହତ ସମସ୍ୟା କାରଣରୁ ଚଳିତ ବର୍ଷ ଆଇପିଏଲରୁ ବାଦ୍ ପଡ଼ିଥିବା ଦୀପକଙ୍କ ବିବାହରେ ତାଙ୍କ ଭାଇ ଲେଗ୍ ସ୍ପିନର ରାହୁଲ ଚହର ଯୋଗ ଦେଇଥିଲେ। ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ଥିରୁଭାଲୁର ଜିଲା କ୍ରିକେଟ ଆସୋସିଏଶନର ସିଲଭର ଜୁବିଲି ଫଙ୍କଶନ ପାଇଁ ତାମିଲନାଡୁରେ ଅଛନ୍ତି।

ଆଗ୍ରାର ଜେପି ପ୍ରାସାଦରେ ବିବାହ ହୋଇଥିବା ବେଳେ ରିସେପଶନ ଦିଲ୍ଲୀର ଆଇଟିସି ମୌର୍ଯ୍ୟାରେ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ୍ ଷ୍ଟାର ଅନୁଷ୍କା ଶର୍ମା ଯୋଗଦେବେ ବୋଲି ଆଶା କରାଯାଉଛି।

## ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍: ସ୍ୱପ୍ନିଲଙ୍କୁ ରୌପ୍ୟ

ନୂଆଦିଲ୍ଲୀ,୨।୬(ପିଟି)

ଭାରତୀୟ ଶୁଟର ସ୍ୱପ୍ନିଲ କୁସାଲେ ଆଜରବୈଜାନର ବାକୁଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ସେ ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଚଳିତ ପ୍ରତିଯୋଗିତାରେ ଏହା ଭାରତର ଦ୍ୱିତୀୟ ପଦକ।

୨୬ ବର୍ଷୀୟ ସ୍ୱପ୍ନିଲ ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ୧୦-୧୬ ବ୍ୟବଧାନରେ ରିଓ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ୟୁକ୍ରେନର ସେରହି କୁଲିଶଙ୍କଠାରୁ ପରାସ୍ତ ହୋଇଛନ୍ତି। ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ଏହା ସ୍ୱପ୍ନିଲଙ୍କ ପାଇଁ ପ୍ରଥମ ବ୍ୟକ୍ତିଗତ ପଦକ। ୧୨ ଜଣିଆ ଭାରତୀୟ ରାଇଫଲ ଦଳ ଏବେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ପଦକ ତାଲିକାରେ ୫ମ ସ୍ଥାନରେ ରହିଛି। ଦୁଇ ଦିନ ଧରି ଚାଲିଥିବା ୩ ପୋଜିଶନ ରାଇଫଲ ଇଭେଣ୍ଟରେ ସ୍ୱପ୍ନିଲ ଲଗାତର ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଫାଇନାଲ ପୂର୍ବରୁ ଟପ୍ ୮ ର୍‍ୟାଙ୍କିଙ୍ଗ୍ ରାଉଣ୍ଡରେ ସେ କୁଲିଶଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ପର୍ଯ୍ୟାୟରେ କୁଲିଶ ୪୧୧ ସ୍କୋର କରିଥିବା ବେଳେ ସ୍ୱପ୍ନିଲ ୪୦୯.୧ ସ୍କୋର କରିଥିଲେ। ଫିନ୍‌ଲାଣ୍ଡର ଆଲେକସି ୪୦୭.୮ ସ୍କୋର ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଶୀର୍ଷ ଦୁଇ ଶୁଟର ସମାନ କ୍ରମରେ ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ୟୁକ୍ରେନ ଶୁଟର ୫ରୁ ୪ ଥର ସର୍ବାଧିକ ୧୦ ସ୍କୋର କରି ଭାରତୀୟ ଶୁଟରଙ୍କ ପହଞ୍ଚଠାରୁ ଦୂରେଇ ଯାଇଥିଲେ।

## ସ୍ୱିଟେକ୍-ଗଫ୍ ଫାଇନାଲ

ପ୍ୟାରିସ, ୨।୬

**ଫ୍ରେଞ୍ଚ ଓପନ ଟେନିସ**

ଫ୍ରେଞ୍ଚ ଓପନ ମହିଳା ସିଙ୍ଗଲ୍ସ ଫାଇନାଲ ଶନିବାର ବିଶ୍ୱର ନମ୍ବର ୱାନ ଇଗା ସ୍ୱିଟେକ୍ ଓ ଆମେରିକାର ସ୍ୱଳ୍ପ ବୟସ୍କା କୋକୋ ଗଫ୍‌ଙ୍କ ମଧ୍ୟରେ ହେବ। ଗୁରୁବାର ମହିଳା ସିଙ୍ଗଲ୍ସର ଏକ ସେମିଫାଇନାଲ ପୋଲାଣ୍ଡର ୨୧ବର୍ଷୀୟା ସ୍ୱିଟେକ୍ ୨୦ତମ ସିଡ୍ ଡାରିଆ କାସାଟକିନାଙ୍କୁ ୬-୨, ୬-୧ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଏହାଥିଲା ତାଙ୍କର କ୍ରମାଗତ ୩୪ତମ ବିଜୟ। ସେ ତାଙ୍କ କ୍ୟାରିୟର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ସେମିଫାଇନାଲ ଗଫ୍ ଓ ଅଣସିଡ୍ ଇଟାଲିର ମାର୍ଟିନା ଟ୍ରେଭିସାନଙ୍କ ମଧ୍ୟରେ ହୋଇଥିଲା। ଏହି ଦୁଇ ଖେଳାଳିଙ୍କର ଏହାଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ ସେମିଫାଇନାଲ। ଏଥିରେ ୧୮ ବର୍ଷୀୟା ଗଫ୍ ୬-୩, ୬-୧ସେଟ୍‌ରେଟ୍ରେଭିସାନଙ୍କୁହରାଇ ଦେଇଥିଲେ। ଫଳରେ ୨୦୦୧ରେ ରୋଲାଣ୍ଡ ଗାରେସଠାରେ କିମ୍ କ୍ଲାଇଷ୍ଟର୍ସଙ୍କ ପରେ ସେ ସର୍ବକନିଷ୍ଠ ଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି।



ଇଗା ସ୍ୱିଟେକ୍

## ସେମିରେ ହାରିଲେ ବୋପାନ୍ନା-ମିଡଲକୁପ୍

**ପ୍ୟାରିସ, ୨।୬ (ପିଟି):** ବର୍ଷର ଅନ୍ୟତମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନର ପୁରୁଷ ଡବଲ୍ସ ବର୍ଗର ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି ଭାରତୀୟ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଡଚ୍ ସାଥି ମାଟୱେ ମିଡଲକୁପ୍। ଏହି ଯୋଡ଼ିକୁ ଗୁରୁବାର ମାର୍ସେଲୋ ଆରେଭାଲୋ ଓ ଜିନ ଜୁଲିଏନ ରୋଜର ପରାସ୍ତ କରିଛନ୍ତି। ୧୬ତମ ସିଡ୍ ବୋପାନ୍ନା ଓ ମିଡଲକୁପ୍‌ଙ୍କ ଯୋଡ଼ି ୬-୪, ୩-୬, ୬-୭(୮-୧୦) ସେଟ୍‌ରେ ୧୨ତମ ସିଡ୍ ଏଲ. ସାଲଭାଡର ଓ ନେଦରଲାଣ୍ଡ ଖେଳାଳିଙ୍କଠାରୁ ହାରି ଯାଇଥିଲେ। ଏହି ମୁକାବିଲାରେ ୨ ଘଣ୍ଟା ୭ ମିନିଟ୍ ଧରି ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏହି ପରାଜୟ ସହ କ୍ଲେ କୋର୍ଟ ମେଜର ଇଭେଣ୍ଟରେ ଭାରତର ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି। ୨୦୧୩ରେ ଲିଆଣ୍ଡର ପେସ ୟୁଏସ୍ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିବା ପରଠୁ ଏପର୍ଯ୍ୟନ୍ତ କୌଣସି ଭାରତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲ ଖେଳିନାହାନ୍ତି। ୯ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ବୋପାନ୍ନା ଏତେ ନିକଟତର ହେବା ପରେ ମଧ୍ୟ ବିଫଳ ହୋଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମାରପିଟ୍, ୨ ଗିରଫ

ଧର୍ମଶାଳା,୨।୬(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ କଣ୍ଠାପାଟଣା ଗ୍ରାମରେ ଦୁଇ ପରିବାର ଗଣ୍ଡଗୋଳ ଘଟିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଉଭୟ ପକ୍ଷରୁ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅକ୍ଷୟ ବେହେରା(୫୨) ଓ ରମେଶ ମଲିକ(୩୧)। ଗ୍ରାମର ରମେଶ ମଲିକଙ୍କ ସ୍ତ୍ରୀ ଜ୍ୟୋସ୍ନାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୫୦/୨୨ରେ ମାମଲା ରୁଜୁ କରିଥିବା ବେଳେ ବିପକ୍ଷ ପକ୍ଷର ମାତନ ବେହେରାଙ୍କ ଅଭିଯୋଗକ୍ରମେ ନଂ.୧୫୧/୨୨ରେ ମାମଲା ରୁଜୁ କରିଛି। ଉଭୟଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ କୌଣସି କାରଣରୁ ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ୪ଜଣ ଆହତ ହୋଇଥିଲେ।

### ବାଇକ୍ ଧକ୍କାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ, ଜଣେ ଗିରଫ

ଚଣ୍ଡିଖୋଲ,୨।୬(ଡି.ଏନ୍.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ସୁଙ୍ଗୁଡ଼ା ରାସ୍ତାରେ ଏପ୍ରିଲ ୨୭ତାରିଖରେ ଜଣେ ବାଇକ୍ ଆରୋହୀ ରାସ୍ତାରେ ଯାଉଥିବା ଜଣେ ପଥିକଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗତ ମଙ୍ଗଳବାର ତାଙ୍କର କଟକ ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ଏନେଇ ତାଙ୍କ ପରିବାର ଲୋକେ ଚଣ୍ଡିଖୋଲ ଫାଣ୍ଡିରେ ହତ୍ୟା ଅଭିଯୋଗ କରିବାପରେ ପୋଲିସ ବାଇକ୍ ଆରୋହୀ କଟକ ଶିଖରପୁର ଅଞ୍ଚଳର ପ୍ରମୋଦ ନାୟକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ ନଂ.୧୫୫/୨୨ରେ ଏକ ମାମଲା ରୁଜୁ ହୋଇଛି।

### ସ୍ତ୍ରୀଙ୍କୁ ଘରୁ ବିଦା କରିବା ଅଭିଯୋଗରେ ସ୍ୱାମୀ ଗିରଫ

ଚଣ୍ଡିଖୋଲ,୨।୬(ଡି.ଏନ.ଏ.): ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଲ ପଞ୍ଚାୟତ ଛୋଟରାୟପୁର ଗାଁରେ ଜଣେ ମହିଳାଙ୍କୁ ମାଡ ମାରି ଘରୁ ବିଦା କରି ଦେଇଥିବା ଅଭିଯୋଗରେ ସ୍ୱାମୀ ରଞ୍ଜିତ ଜେନାଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର ଗାଁର ଭଜହରି ଜେନାଙ୍କ ଝିଅ ପ୍ରୀତିମୟୀ ଛୋଟରାୟପୁର ଗାଁର ଅଙ୍କୁର ଜେନାଙ୍କ ପୁଅ ରଞ୍ଜିତଙ୍କ ଦୁଇବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। କିଛିଦିନ ହେବ ପ୍ରୀତିମୟୀଙ୍କୁ ଶାଶୁଘର ଲୋକ ନିର୍ଯାତନା ଦେଉଥିଲେ। ସୋମବାର ରଞ୍ଜିତ ପ୍ରୀତିମୟୀଙ୍କୁ ମାଡ଼ ମାରିବା ସହ ଘରୁ ତଡି ଦେଇଥିଲେ। ଏ ନେଇ ପ୍ରୀତିମୟୀ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିବା ପରେ ଅଧିକାରୀ ଚିତ୍ତରଞ୍ଜନ ଜେନା ନଂ. ୧୭୩/୨୨ରେ ମାମଲା ରୁଜୁ କରି ରଞ୍ଜିତଙ୍କୁ ଗିରଫ କରିଥିଲେ।

### ୫ ହାଇୱା ଜବତ

ବ୍ରହ୍ମବରଦା,୨।୬ (ଡି.ଏନ.ଏ.): ଯାଜପୁର ସଦର ଥାନା ଅର୍ନ୍ତଗତ ଯାଜପୁର ଟାଉନ-ବରୁଆଁ ମୁଖ୍ୟ ରାସ୍ତାର ଗଜିପାଢୀ ଛକ ନିକଟରେ ଗୁରୁବାର ସକାଳେ ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସପୋଲିସ ସହାୟତାରେ ଚଢାଉ କରି ମେଟାଲ ବୋଝେଇ ୫ ହାଇୱାକୁ ଜବତ କରିଛନ୍ତି। ହାଇୱାଗୁଡିକ ଚଣ୍ଡିଖୋଲରୁ ଯାଜପୁର ଟାଉନ ଅଭିମୁଖେ ଆସୁଥିଲା। ସେଥିରୁ ଗୋଟିଏ ନମ୍ବର ବିହୀନ ଥିଲା ବେଳ ଅତିରିକ୍ତ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସ କହିଛନ୍ତି। ଜବତ ହାଇୱାଗୁଡିକୁ ଥାନାରେ ଅଟକ ରଖାଯାଇଛି। ଶୁକ୍ରବାର ମାଲିକଙ୍କୁ ଡକାଇ ଜରିମାନା ଆଦାୟ କରାଯିବ ବୋଲି ଅତିରିକ୍ତ ତହସିଲଦାର ଦାସ କହିଛନ୍ତି।

# ୧୦୦୦ ପୁଅରେ ୮୯୮ ଝିଅ ଜନ୍ମ

ଯାଜପୁର ଅଫିସ,୨।୬

**ଯାଜପୁର ଜିଲା**
- ଝିଅ ଜନ୍ମ ଅନୁପାତ ହ୍ରାସ ଉଦ୍‌ବେଗଜନକ
- ବଢୁଛି ବେଆଇନ ଲିଙ୍ଗ ନିରୂପଣ
- ସରକାରୀ ଅଲଟ୍ରାସାଉଣ୍ଡ ସେଣ୍ଟରରେ ମିଳୁନି ସେବା

ଯାଜପୁର ଜିଲାରେ ପୁଅଙ୍କ ତୁଳନାରେ ଝିଅ ଜନ୍ମ ଅନୁପାତ ହ୍ରାସ ଉଦବେଗଜନକ ହୋଇଛି। ୨୦୧୫-୧୬ ବର୍ଷରେ ଯାଜପୁର ଜିଲାରେ ୧୦୦୦ ପୁଅ ତୁଳନାରେ ଝିଅ ଜନ୍ମହାର ୭୨୫ ରହିଥିଲା। ଏହି ସମୟରେ ଭାରତରେ ୯୨୯ ଏବଂ ଓଡିଶାରେ ୯୩୨ ରହିଥିଲା। ତେବେ ୨୦୧୯-୨୧ ବର୍ଷରେ ଝିଅ ଜନ୍ମହାର ଜିଲାରେ ୮୯୮ ରହିଥିବାବେଳେ ଭାରତରେ ୯୨୯ ଓ ଓଡିଶାରେ ୮୯୪ ରହିଛି। ଏହା ତଥ୍ୟାଭିଜ୍ଞ ମହଲରେ ଆଲୋଡନ ସୃଷ୍ଟି କରିଛି। ଅନ୍ୟପକ୍ଷେ ୨୦୦୧ ଜନଗଣନା ରିପୋର୍ଟରେ ଜିଲାରେ ୯୩୭ ଝିଅ ଜନ୍ମ ହୋଇଥିବାବେଳେ ଭାରତରେ ୯୨୭ ଓ ଓଡ଼ିଶାରେ ୯୫୩ ଜନ୍ମ ନେଇଥିଲେ। ୨୦୧୧ ବର୍ଷରେ ଜିଲାରେ ୯୨୬ ସ୍ଥଳେ ଭାରତରେ ୯୧୯ ଓ ଓଡ଼ିଶାରେ ୯୪୧ ରହିଥିଲେ। ଅର୍ଥାତ୍ ଏହି ୧୦ ବର୍ଷରେ ଯାଜପୁର ଜିଲାରେ ଝିଅ ଜନ୍ମହାର ୨୮ ହ୍ରାସ ପାଇଛି। ଛତୁ ଫୁଟିଲା ଭଳି ଅଲଟ୍ରାସାଉଣ୍ଡ କେନ୍ଦ୍ର ଖୋଲିବା ଏବଂ ଲିଙ୍ଗ ନିରୂପଣ ଘଟଣା ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଜିଲା ସଦର ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ତାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ନ କରି ବେସରକାରୀ କେନ୍ଦ୍ରଗୁଡିକୁ ପରୋକ୍ଷରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଜିଲା ପ୍ରଶାସନ ପକ୍ଷରୁ ପିଏନ୍‌ଡିଟି(ବେଆଇନ ଲିଙ୍ଗ ନିରୂପଣ ଆଇନ) ପରାମର୍ଶଦାତା କମିଟିରେ ଏହାର ନିରାକରଣ ପାଇଁ ପ୍ରସ୍ତୁତି ବୈଠକ ହେଉଥିଲେ ହେଁ କିଛି ସୁଫଳ ମିଳି ପାରି ନ ଥିବାରୁ ଆଗକୁ ପରିସ୍ଥିତି ଭୟାବହ ହେବ ବୋଲି ମତପ୍ରକାଶ ପାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉଚ୍ଚତର ଚିକିତ୍ସା ସହ ଗର୍ଭବତୀ ଓ ପ୍ରସୂତି ମହିଳା ମୃତ୍ୟୁହାର କମାଇବା ଉଦ୍ଦେଶ୍ୟରେ ଜିଲାର ବିଭିନ୍ନ ଡାକ୍ତରଖାନାକୁ ଯୋଗାଉଥିବା ମେଶିନ ରୋଗୀସେବାରେ ଉପଯୁକ୍ତ ଭାବେ ବ୍ୟବହୃତ ହେଉନାହିଁ। ଜିଲାର ଯାଜପୁର ଟାଉନ, ଯାଜପୁର ରୋଡ, କାଳିଆପାଣି, ସୁକିନ୍ଦା, ଜାରକା ଆଦି ସ୍ଥାନରେ ପ୍ରାୟ ୨୭ଟି ବେସରକାରୀ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବା ପାଇଁ ଅନୁମତି ଦିଆଯାଇଛି। ପ୍ରତି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଜଣେ ଲେଖାଏଁ ରେଡିଓଲୋଜି କିମ୍ବା ସୋନୋଗ୍ରାଫର ରହିବାକୁ ନିୟମ ରହିଛି। ମାତ୍ର ଜିଲାର କେତେକ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଉକ୍ତ ନିୟମ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ରଗୁଡିକରେ ରେଡିଓଲୋଜିଷ୍ଟ କିମ୍ବା ସୋନୋଗ୍ରାଫର ନିଯୁକ୍ତି କରା ନ ଯାଇ ଅନଭିଜ୍ଞ ତଥା ଅଣକୁଶଳୀ ଲୋକଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ କରାଯାଉଛି। ଫଳରେ ଅଧିକାଂଶ ସମୟରେ ରୋଗୀଙ୍କୁ ତ୍ରୁଟିପୂର୍ଣ୍ଣ ରିପୋର୍ଟ ମିଳୁଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ରଗୁଡିକ ସେବା ବଦଳରେ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅଲଟ୍ରାସାଉଣ୍ଡ ପରୀକ୍ଷାରେ ଜଣେ ରୋଗୀଙ୍କଠାରୁ ୮୦୦ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ଏହି ସବୁର ତଦନ୍ତ କରିବା ପାଇଁ ଜିଲାରେ ଜିଲା ପରାମର୍ଶ କମିଟି (ଡିଏସି) ଗଠନ କରାଯାଇଛି। ଗଠିତ କମିଟି ପକ୍ଷରୁ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକୁ ତଦନ୍ତ କରାଯାଉଛି ସତ ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେହି କେନ୍ଦ୍ରଗୁଡିକରେ ଲିଙ୍ଗ ନିରୂପଣ କରି ଅବାଧରେ ଗର୍ଭପାତ ଓ କନ୍ୟାଭ୍ରୂଣ ହତ୍ୟା କରୁଥିବା ଅଭିଯୋଗ ହୋଇଛି। ଯାଜପୁରଟାଉନ ଓ ଯାଜପୁର ରୋଡରେ ଥିବା କେନ୍ଦ୍ରଗୁଡିକରେ ଏଭଳି ବ୍ୟବସାୟ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏପରି କି ଜିଲା ତଥା ଜିଲା ବାହାରୁ ଲୋକେ ଆସି ଏଠାରେ ଲିଙ୍ଗ ନିରୂପଣ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଥିଯୋଗୁ ଜିଲାରେ ଝିଅ ଜନ୍ମହାର ହ୍ରାସ ବର୍ଷକୁ ବର୍ଷ ଜଟିଳ ହେବାରେ ଲାଗିଛି। ଅଲଟ୍ରାସାଉଣ୍ଡ ମେଶିନ ଗର୍ଭବତୀଙ୍କ ଗର୍ଭାଶୟର ପରିସ୍ଥିତି ଓ ଗର୍ଭାଶୟରେ ଥିବା ଶିଶୁର ଅବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ରାଜ୍ୟ ସରକାର ମାଗଣାରେ ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ କରି ପରୀକ୍ଷା ରିପୋର୍ଟ ଦେବାକୁ କଡା ନିର୍ଦ୍ଦେଶ ଜାରି କରିଛନ୍ତି। କିନ୍ତୁ ବିଭାଗୀୟ ଅବହେଳା କାରଣରୁ ଜିଲା ସଦର ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେଶିନ ଥାଇ ସୁଦ୍ଧା ଜିଲାବାସୀ ବେସରକାରୀ ମେଶିନରେ ପରୀକ୍ଷା କରାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି, ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଜିଲାରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଥିଲେ ମଧ୍ୟ ଏଭଳି ପ୍ରମୁଖ ସମସ୍ୟା ସମାଧାନ ପ୍ରତି କାହାର ତତ୍ପରତା ପ୍ରକାଶ ପାଉନାହିଁ ବୋଲି ଅଭିଯୋଗ ହେଉଛି।

## ଲିଙ୍ଗ ନିରୂପଣ ଏକ ଧର୍ତ୍ତବ୍ୟ ଅପରାଧ



ପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଯାଜପୁର ଅଫିସ,୨।୬

**ପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ**
- ଟାସ୍କଫୋର୍ସ ଗଠନ, ଦଣ୍ଡ ବିଧାନ ବ୍ୟବସ୍ଥା
- ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଏକକ ମୂଲ୍ୟସୂଚୀ ପାଇଁ ପରାମର୍ଶ

ପିଏନ୍‌ଡିଟି (ବେଆଇନ ଲିଙ୍ଗ ନିରୂପଣ ଆଇନ) ପରାମର୍ଶଦାତା କମିଟିର ବୈଠକ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଞ୍ଚି ନାରାୟଣ ବାରିକ ଅଧ୍ୟକ୍ଷତା କରି କହିଲେ, ଲିଙ୍ଗ ନିରୂପଣ ଏକ ଧର୍ତ୍ତବ୍ୟ ଅପରାଧ। କେହି ଏପରି କଲେ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ। ଏଥିପାଇଁ ଜିଲାରେ ଟାସ୍କଫୋର୍ସ ଗଠନ କରାଯାଇଛି। ଯିଏକି, ନିୟମିତ ବ୍ୟବଧାନରେ ନିରୂପଣ କେନ୍ଦ୍ର ଯାଞ୍ଚ କରି ବେଆଇନ କାର୍ଯ୍ୟ କରୁଥିବା ସଂସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ କାର୍ଯ୍ୟାନୁଷ୍ଠାନ ହେବ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା ଜିଲାରେ ନୂଆ ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ ଓ ନବୀକରଣ ସମ୍ବନ୍ଧରେ ତଥ୍ୟ ରଖିଥିଲେ। ସମସ୍ତ ଅଲଟ୍ରାସାଉଣ୍ଡ କ୍ଲିନିକରେ ଏକକ ମୂଲ୍ୟ ସୂଚୀ ଲଗାଇବାକୁ କମିଟିର ସଭ୍ୟ ଆଲୋକ ପାଣି ପ୍ରସ୍ତାବ ଦେଇଥିଲେ। ପ୍ରତିମାସ ୯ ତାରିଖ ଦିନ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନାରେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଛି। ଏହାର ସୁଯୋଗ ନେବାକୁ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ମହାରଣା ଜନସାଧାରଣଙ୍କୁ ନିବେଦନ କରିଥିଲେ। ଜିଲାର ଆଦିବାସୀ ଅଧ୍ୟୁଷିତ ବ୍ଲକରେ ବେଆଇନ ଲିଙ୍ଗ ନିରୂପଣର ଖବର ଆସୁଛି ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଜିଲା ଟାକ୍ସଫୋର୍ସ ସଜାଗ ରହିଛି ବୋଲି ମୁଖ୍ୟ ଚିକିତ୍ସାଧିକାରୀ ବାରିକ କହିଥିଲେ। ଏହି ବୈଠକରେ କମିଟିର ସଦସ୍ୟ ଡା. ରାଜ କିଶୋର ପଣ୍ଡା, ଡା. ନଗେନ୍ଦ୍ର ନାଥ ମହାପାତ୍ର, ପ୍ରେମଲତା ପଣ୍ଡା, ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ପ୍ରୋଗ୍ରାମ ଅଫିସର ଦେବାଶିଷ ପ୍ରଧାନ, ସଭ୍ୟ ଆଲୋକ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ପାର୍ବତୀ ଜୁଏଲେରି ପକ୍ଷରୁ ଲକି ଡ୍ର ଉଠାଣ

ରସୁଲପୁର,୨।୬(ଡି.ଏନ.ଏ.)




ବିଜେତାଙ୍କୁ କାର୍ ଚାବି ପ୍ରଦାନ କରାଯାଉଛି।

ରସୁଲପୁର ବ୍ଲକ୍ ଅନ୍ତର୍ଗତ ନଠୁଆବର ବଜାରରେ ଅକ୍ଷୟ ତୃତୀୟା ଅବସରରେ ଖୋଲିଥିବା ନିଉ ପାର୍ବତୀ ଜୁଏଲେରି ଶୋ'ରୁମ ପକ୍ଷରୁ ଲଟେରି ମହୋତ୍ସବର ଲକି ଡ୍ର ଉଠାଣ କରାଯାଇଛି। କୁଆଖିଆ ଅଞ୍ଚଳର ପ୍ରତିଷ୍ଠିତ ଅଳଙ୍କାର ବ୍ୟବସାୟୀ ପାର୍ବତୀ ଜୁଏଲେରିର ଏହି ନୂତନ ଶାଖାରେ ମାସାଧିକକାଳ ହୀରା, ସୁନା, ରୁପା ଆଦି ଅଳଙ୍କାର କାରବାରରେ ସାମିଲ ହୋଇଥିବା ଗ୍ରାହକଙ୍କୁ ଗୋଟିଏ ଲେଖାଏ କୁପନ ପ୍ରଦାନ କରାଯାଇଥିଲା। ଉକ୍ତ କୁପନଧାରୀଙ୍କୁ ନେଇ ଗୁରୁବାର ସନ୍ଧ୍ୟାରେ ଲଟେରିର ଲକି ଡ୍ର ଉଠାଣ କରାଯାଇଥିଲା। ଏହି ଅବସରରେ ଶତାଧିକ ଗ୍ରାହକମାନଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଛି। ପ୍ରଥମ ଭାଗ୍ୟଶାଳୀ ବିଜେତାଙ୍କୁ ମାରୁତି ଅଲଟୋ କାର୍ ମିଳିଛି। ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ସୁଲୋଚନା ରାଉତ ଏହି ବିଜେତା ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ଦ୍ୱିତୀୟ ପୁରସ୍କାର ବିଜେତା ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଅଞ୍ଚଳର ନରେନ୍ଦ୍ର ବାଇଙ୍କୁ ୧ଲକ୍ଷ ଟଙ୍କା ନଗଦ ଅର୍ଥରାଶି ପୁରସ୍କାର, ତୃତୀୟ ଭାଗ୍ୟଶାଳୀ ବିଜେତା ଏହି ବ୍ଲକ ଅନ୍ତର୍ଗତ ଜାବରା ଅଞ୍ଚଳର ଅରିସିନ୍ଧୁ ସାହୁଙ୍କୁ ଗ୍ଲାମର ବାଇକ୍, ଟିକରପଡା ପଞ୍ଚାୟତ ଅଞ୍ଚଳର ମାନୁ ମଲିକ ଓ ଗୋପାଳପୁର ଅଞ୍ଚଳର ପ୍ରକାଶ ପଣ୍ଡାଙ୍କୁ ଚତୁର୍ଥ ଉପହାର ଓ ପଞ୍ଚମ ଉପହାର ଭାବରେ ସ୍କୁଟି ପ୍ରଦାନ କରାଯାଇଛି। ଗହଣା ଶୋରୁମର ପ୍ରୋପ୍ରାଇଟର ଶୁଭାଦିତ୍ୟ ରଣା, ଆଦିତ୍ୟ ରଣା ପ୍ରମୁଖ ବିଜେତାଙ୍କୁ ଉପହାର ପ୍ରଦାନ କରିଥିଲେ। ଗହଣାର ଡିଜାଇନ ଓ ଗୁଣବତ୍ତାକୁ ନେଇ ନିଉ ପାର୍ବତୀ ଜୁଏଲେରି ପ୍ରତି ଗ୍ରାହକମାନଙ୍କ ବିଶେଷ ଆକର୍ଷଣ ରହିଛି। ଅପରପକ୍ଷରେ ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ସୁଲଭ ମୂଲ୍ୟରେ ଗହଣା ବିକ୍ରି କରିବା ସହ ବିଭିନ୍ନ ଉପହାର ପ୍ରଦାନ କରାଯାଉଛି ବୋଲି ଶୋ'ରୁମ ପକ୍ଷରୁ କୁହାଯାଇଛି।

## ନକଲି ଅଧ୍ୟାପକ ଚାକିରିରୁ ବହିଷ୍କୃତ

ଯାଜପୁର ଅଫିସ/ ବରୀ(ଡି.ଏନ.ଏ.),୨।୬

ଯାଜପୁର ଜିଲାରେ ଆଉ ଜଣେ ନକଲି ଶିକ୍ଷକଙ୍କ ଚାଲାକି ଧରାପଡିଛି। ନକଲି ଏମ୍‌ଏ ସାର୍ଟିଫିକେଟ ଦାଖଲ କରିଥିବା ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଅକ୍ଷୟ କୁମାର ରାୟଙ୍କ ବିରୋଧରେ ଉଚ୍ଚ ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଭାଗର ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୨୨୩୯୫/ ୧।୬।୨୦୨୨ରେ ଅଧ୍ୟାପକ ରାୟଙ୍କୁ ବହିଷ୍କାର କରିଛନ୍ତି। ଜିଆଇଏ ନିର୍ଦ୍ଦେଶନାମା ଅନୁସାରେ ହୋଇଥିବା ବ୍ଲକ ଗ୍ରାଣ୍ଟ କାଢି ନିଆଯିବ ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଛି।

ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଜାରି କରିଥିବା ପତ୍ରରେ ଦର୍ଶାଯାଇଛି, ୨୦୦୮ରେ ଅଧ୍ୟାପକ ରାୟ ଉତ୍କଳ ବିଶ୍ୱବିଦ୍ୟାଳୟର ଏକ ନକଲି ଏମ୍‌ଏ ଡିଗ୍ରୀ ପ୍ରମାଣପତ୍ର ଦାଖଲ କରିଥିଲେ। ବିଶ୍ୱବିଦ୍ୟାଳୟର କଣ୍ଟ୍ରୋଲରଙ୍କୁ ଏନେଇ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। କଣ୍ଟ୍ରୋଲର ତାଙ୍କ ତଦନ୍ତ ରିପୋର୍ଟରେ ଅଧ୍ୟାପକ ରାୟ ଦାଖଲ କରିଥିବା ପ୍ରମାଣପତ୍ର ଅସଲି ନୁହେଁ ବୋଲି ଦର୍ଶାଇଥିଲେ। ଏହାପରେ ଉଚ୍ଚଶିକ୍ଷା ବିଭାଗ ଅଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ଅଧ୍ୟାପକ ରାୟ ୫।୫।୨୦୨୨ରେ ଯେଉଁ କାରଣ ଦର୍ଶାଇଥିଲେ ତାହା ସନ୍ତୋଷଜନକ ହୋଇ ନ ଥିଲା। ତେଣୁ ଅଧ୍ୟାପକ ରାୟଙ୍କ ନିଯୁକ୍ତି ଏବଂ ବ୍ଲକ ଗ୍ରାଣ୍ଟ ପ୍ରଦାନ କରିଥିବା ନିର୍ଦ୍ଦେଶ ସଂଖ୍ୟା ୨୬୮୬୫/ ଏଚ୍‌ଇ/ ୨୧।୧୧।୨୦୧୪, ୪୧୧୧୮/ ଡିଏଚଇ/ ୨୭।୧୧।୨୦୪ ଏବଂ ୨୧୨୯୯/ ଡିଏଚଇ/ ୩୧।୫।୨୦୧୯ କାଢି(ଉଇଥ୍‌ଡ୍ର) ନିଆଯାଇଛି। ତେବେ ରାଜନୀତି ବିଜ୍ଞାନ ଦ୍ୱିତୀୟ ପଦବୀରେ ଦୀର୍ଘବର୍ଷ ଧରି ସରକାରଙ୍କ ଦରମା ପାଇଥିବା ଏହି ଅଧ୍ୟାପକଙ୍କ ବିରୋଧରେ ଏଯାଏ ପୋଲିସରେ ମାମଲା ରୁଜୁ ହୋଇ ନ ଥିବା ଜଣପଡିଛି।

ସୂଚନାଯୋଗ୍ୟ, ଯାଜପୁର ଜିଲାରେ ପୂର୍ବରୁ ଏକାଧିକ ଶିକ୍ଷକ ନକଲି ପ୍ରମାଣପତ୍ର ଦାଖଲ କରି ଧରାପଡିଛନ୍ତି। ଏବେ ବହୁ ଶିକ୍ଷକ ଅନ୍ୟ ଜିଲାରେ ନକଲି ଜାତିଗତ ପ୍ରମାଣପତ୍ର ଦାଖଲ କରି ଶିକ୍ଷକତା କରୁଛନ୍ତି। କୋରେଇ ବ୍ଲକ ଅସନଝର ପଞ୍ଚାୟତର ଜଣେ ଶିକ୍ଷକ ପଡୋଶୀ ଜିଲାରେ ୨ ଡେସମିଲ ଜମି କିଣି ସେଥିରେ ଆଦିବାସୀ ଦର୍ଶାଇ ଗଜପତି ଜିଲାରେ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଥିଲା। ସେହିପରି ଜଣେ ବ୍ଲକ ଶିକ୍ଷାଧିକାରୀ ଜିଲାରେ ନକଲି ପ୍ରମାଣପତ୍ର ଦାଖଲ କରି ଚାକିରି କରୁଥିବା ଜଣାପଡିଛି। ଏନେଇ ଆରଟିଆଇରେ ତଥ୍ୟ ମଗାଯାଇଥିଲେ ହେଁ ତାଙ୍କ ବ୍ୟକ୍ତିଗତ ତଥ୍ୟ ଦେଇ ପାରିବେ ନାହିଁ ବୋଲି ଉତ୍ତର ଦିଆଯାଉଛି। ଏଭଳିସ୍ଥିତିରେ ରାଜ୍ୟରେ କେତେଜଣ ଜିଲା ଶିକ୍ଷାଧିକାରୀ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେଉଥିବା ଜଳଜଳ ଦିଶୁଛି।

## ଦୋକାନ ଭିତରକୁ ମାଡ଼ିଗଲା ଗାଡ଼ି



ପ୍ରୀତିପୁର,୨।୬(ଡି.ଏନ୍.ଏ.)

ମଙ୍ଗଳପୁର ଥାନା ଅଧୀନ କୟାଁଗୋଲା-ଯାଜପୁର ୨୦ନଂ.ଜାତୀୟ ରାଜପଥର କଟିକଟା ଛକ ନିକଟରେ ଗୁରୁବାର ଏକ ଟାଟା ମ୍ୟାଜିକ ଗାଡ଼ି (ନଂ.ଓଡି-୩୪କେ ୬୧୭୫) ନିକଟସ୍ଥ ଇଜାପୁର ଗ୍ରାମରୁ ବାହାରି ମଙ୍ଗଳପୁର ଅଭିମୁଖେ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ଏକ ଷ୍ଟେଶନାରୀ ଦୋକାନ ଭିତରକୁ ମାଡ଼ିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣାରେ ଦୋକାନରେ ବ୍ୟାପକ କ୍ଷତି ଘଟିଛି। ବହୁ ସାମଗ୍ରୀ ନଷ୍ଟ ହୋଇଛି। ଦୋକନୀ ବୃନ୍ଦାବନ ଖଣ୍ଡୁଆଳ ଆହତ ହୋଇଛନ୍ତି। ସ୍ଥାନୀୟ ବ୍ୟବସାୟୀମାନେ ବୃନ୍ଦାବନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏସମ୍ପର୍କରେ ନିକଟସ୍ଥ ଝୁମ୍ପୁରୀ ଫାଣ୍ଡି ପୋଲିସ ଖବର ପାଇବା ପରେ ଉକ୍ତ ଗାଡ଼ିକୁ ଜବତ କରାଯାଇଛି। ଚାଳକ ସନ୍ତୋଷ କୁମାର ବେହେରାଙ୍କୁ ଅଟକ ରଖାଯାଇଛି।

## ବନ୍ଧରାସ୍ତା ପାଲଟିଛି ମରଣଯନ୍ତା

ବ୍ରହ୍ମବରଦା,୨।୬(ଡି.ଏନ.ଏ.)



ବନ୍ଧରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ପଞ୍ଚାୟତର ସ୍ୱାଇଁସାହିଠାରେ ଥିବା ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଯାତାୟାତ ଠପ୍ ହୋଇପଡୁଛି। ଉକ୍ତ ରାସ୍ତାଦେଇ ଆଖପାଖ ପ୍ରାୟ ୫ଟି ପଞ୍ଚାୟତର ଶତାଧିକ ଲୋକ ଦୈନିକ ଯାତାୟାତ କରିଥାନ୍ତି। ହେଲେ ବର୍ଷା ପାଣିରେ ମାଟି ଧୋଇ ହୋଇ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରାତିରେ ଟିକିଏ ଅସାବଧାନ ହେଲେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ତେବେ ଅସରାଏ ବର୍ଷାରେ ରାସ୍ତା ଅବସ୍ଥା ଯଦି ଏପରି ହେଉଛି ତା ହେଲେ ଆଗକୁ ଆସୁଥିବା ବର୍ଷା ଋତୁରେ ରାସ୍ତାର ଅବସ୍ଥା କ'ଣ ହେବ ତାହା ସ୍ପଷ୍ଟ ଅନୁମେୟ। ତେଣୁ ଯଥାଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହା ନ ହେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମିଳୁନି ନିରନ୍ତର ବିଦ୍ୟୁତ୍ ସେବା

ରସୁଲପୁର,୨।୬(ଡି.ଏନ.ଏ.)

- ମରାମତି ବାହାନା, ଘଣ୍ଟାରେ ୧୫ ମିନିଟ୍ ବିଜୁଳି କାଟ୍
- ଉପଭୋକ୍ତାଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

କୁଆଖିଆ ବିଦ୍ୟୁତ୍ ସେକ୍ସନ ଅଧୀନ ଉପଭୋକ୍ତାଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ମିଳୁନାହିଁ। ବିଦ୍ୟୁତ୍ ମରାମତି ଓ ସରବରାହ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀ ଗ୍ରାହକଙ୍କୁ ମୌଳିକ ସେବା ପ୍ରଦାନରେ ବିଫଳ ବୋଲି ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ୮ରୁ୧୦ଥର ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଥିବାକୁ ନେଇ କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ବଢୁଛି। ଏପରି କି ପ୍ରତି ଘଣ୍ଟାକରେ ୧୫ ମିନିଟ୍ ବିଦ୍ୟୁତ୍ କାଟ୍ ହେଉଛି। ଏ ଦିଗରେ ଉପଭୋକ୍ତା ବିଦ୍ୟୁତ୍ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ମରାମତିର ବାହାନା ନେଉଛନ୍ତି। କେତେବେଳେ ତାର ଛିଣ୍ଡିପଡୁଛି, ତ ଆଉ କେତେବେଳ ସଂଯୋଗ ସ୍ଥଳରେ କାର୍ବନ ହେଉଛି। ପୁଣି ତାର ଜଳିଯାଉଛି, ଏ.ବି ସୁଇଚ୍ ଖରାପ ହୋଇଛି। ଶଙ୍ଖ ଫାଟିଯାଉଛି ଭଳି ନାନା ଆଳ ଦେଖାଉଛନ୍ତି। ବେଳେବେଳେ ବିଦ୍ୟୁତ୍ ସରବରାହରେ ଦେଖାଯାଉଥିବା ତ୍ରୁଟିକୁ ବିଭାଗୀୟ କର୍ମଚାରୀ ଓ ଅଧିକାରୀ ଠାବ କରିବାରେ ବିଫଳ ହେଉଥିବାରୁ ଉପଭୋକ୍ତା ଘଣ୍ଟାଘଣ୍ଟା ବିଜୁଳି ସେବାରୁ ବଞ୍ଚିତ ହେଉଛନ୍ତି।

ତେବେ ବିନା ଘୋଷଣାରେ ଅନବରତ ବିଜୁଳିକାଟ୍ ପଛରେ ବିଭାଗୀୟ ଅଭିସନ୍ଧି ରହିଛି ବୋଲି କୁହାଯାଉଛି। ବିଜୁଳି କାଟ୍ ଯୋଗୁ ବିଜୁଳି ସଞ୍ଚୟ ହେବା ସହ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବିଲ୍ ଚାପ ବଢ଼ାଇବାର ମାନସିକତା ରହିଛି। ଏଦିଗରେ କେତେକ ଅନୁଭୂତିପ୍ରାପ୍ତ ବ୍ୟକ୍ତିଙ୍କ ମତ ନେବାରୁ ଜଣାଯାଇଛି କି ଯେକୌଣି ବିଦ୍ୟୁତ୍ ଯନ୍ତ୍ରାଂଶ ପରିଚାଳନା କରିବା ପାଇଁ ପ୍ରାରମ୍ଭରେ ଦେଢ଼ଗୁଣ ଅଧିକ ବିଜୁଳି ଶକ୍ତିର ଆବଶ୍ୟକତା ପଡ଼ିଥାଏ। ବାରମ୍ବାର ବିଜୁଳି ସଂଯୋଗ ଓ ବିଚ୍ଛିନ୍ନ କରାଗଲେ ବିଦ୍ୟୁତ୍ ମିଟରରେ ଅଧିକ ବିଲ୍ ଆସିବ ଅର୍ଥାତ ଉପଭୋକ୍ତାଙ୍କୁ ଅଧିକ ଦେୟ ଦେବାକୁ ପଡ଼ିବ। ଏହି ଜରିଆରେ ବିଜୁଳି ଶକ୍ତି ସଞ୍ଚୟକରି ବ୍ୟବସାୟିକ ଉଦ୍ଦେଶ୍ୟରେ ବାରମ୍ବାର ବିଜୁଳି କାଟ୍ ଅନ୍ୟ ଏକ କାରଣ ବୋଲି ମତ ପ୍ରକାଶ ପାଇଛି। ଟାଟା ପାୱାର ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନେବା ପରଠାରୁ ବକେୟା ବିଲ୍ ଆଦାୟ ଆଳରେ ରେକର୍ଡ ମୁତାବକ ରାଜସ୍ୱ ସଂଗ୍ରହ କରାଯାଇଛି। ହେଲେ ସେହି ଅନୁଯାୟୀ ବିଦ୍ୟୁତ୍ ସେବା ମିଳୁନାହିଁ। କମ୍ପାନୀ ଦାୟିତ୍ୱ ନେବାରେ ବର୍ଷାଧିକ କାଳ ବିତି ସାରିଛି। ହେଲେ ବିଦ୍ୟୁତ୍ ଯୋଗାଣ ଭିତ୍ତିଭୂମି ଏବେ ବି ଅସଜଡ଼ା ରହିଛି। ଲୋ-ଭୋଲଟେଜ୍, ନିମ୍ନମାନର ତାର ଓ ଯନ୍ତ୍ରାଂଶରେ ପରିବର୍ତ୍ତନ କରାଯାଉ ନାହିଁ। ବିଦ୍ୟୁତ୍ ବ୍ୟବହାରର ପିକ୍ ଆୱାରରେ ସଂଯୋଗ ବିଚ୍ଛିନ୍ନ(ଟ୍ରିପ୍) ହେଉଥିବା ଆଉ ଏକ କାରଣ ବୋଲି କୁହାଯାଉଛି। ବିଦ୍ୟୁତ୍ ସରବରାହ ନେଇ ରହୁଥିବା ସମସ୍ୟାଗୁଡ଼ିକ ସମ୍ପର୍କରେ ପଚାରିବାରେ ସେକ୍ସନ ଅଧୀନ କଷ୍ଟମର କେୟାର ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀ ପୀତାମ୍ବର ମଲିକ କହିଛନ୍ତି, ବିଭିନ୍ନ ସମୟରେ ତାର ଜଳିଯାଉଛି, ଛିଣ୍ଡିଯାଉଛି ଓ କାର୍ବନ ହୋଇଯାଉଛି। ଯେଉଁଥିପାଇଁ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଅନ୍ୟପକ୍ଷରେ ଏ ସବୁ ସମସ୍ୟା ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଉପଭୋକ୍ତାଙ୍କ ପକ୍ଷରୁ ଦାବି ହୋଇଛି।

**ସଂକ୍ଷେପରେ**

## ଠିପିଖୋଲା ମଦ ଦୋକାନ ଖୋଲିବାକୁ ବିରୋଧ

**ଜିଲାପାଳଙ୍କୁ ଫେରାଦ୍ ହେଲେ ୭ ନଂ. ୱାର୍ଡ ବାସିନ୍ଦା**

**ନୟାଗଡ଼ ଅଫିସ,୨।୬:** ନୟାଗଡ଼ ପୁରୁଣା ସହରର ୭ ନଂ. ୱାର୍ଡରେ ଠିପିଖୋଲା ମଦ ଦୋକାନ ଖୋଲିବାକୁ ବିରୋଧ ହୋଇଛି । ସ୍ଥାନୀୟ ବାସିନ୍ଦାଙ୍କ ପ୍ରତିବାଦ ସତ୍ତ୍ୱେ ମଦ ଦୋକାନ ଖୋଲାଗଲେ ଆନ୍ଦୋଳନ ହେବ ବୋଲି ଧମକ ଦିଆଯାଇଛି । ଏନେଇ ସ୍ଥାନୀୟ ବାସିନ୍ଦା ଜିଲାପାଳ, ଅବକାରୀ କମିଶନର, ଅବକାରୀ ସୁପରିଟେଣ୍ଡେଣ୍ଟ, ଏସପିଙ୍କୁ ଅବଗତ କରାଇଛନ୍ତି । ଅଭିଯୋଗ ଅନୁଯାୟୀ, ପ୍ରସ୍ତାବିତ ମଦ ଦୋକାନ ପେଟ୍ରୋଲ ପମ୍ପଠାରୁ ମାତ୍ର ୧୦୦ ମିଟର ଦୂରରେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ସଂପୃକ୍ତ ସ୍ଥାନରେ ଠିପି ଖୋଲା ମଦ ଦୋକାନର ଅନୁମତି ଦେବା ପାଇଁ ଜିଲା ପ୍ରଶାସନ ନିକଟରେ ଆବେଦନ ହୋଇଛି । ଯଦି ପେଟ୍ରୋଲ ପମ୍ପ ନିକଟରେ ମଦ ଦୋକାନକୁ ଅନୁମତି ମିଳେ ତେବେ ନୟାଗଡ଼ ସଦର ଥାନା ଏହା ନିକଟରେ ରହିଛି । ପୁଣି ପାଖରେ ନୂଆ ବସ୍‌ଷ୍ଟାଣ୍ଡ, ସେବା ଆଶ୍ରମ ସ୍କୁଲ, କିଛି ଦୂରରେ ଜଗନ୍ନାଥ ମନ୍ଦିର ରହିଛି । ଏଠାରେ ମଦ ଦେକାନ ଖୋଲିଲେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବ । ସ୍ଥାନୀୟ ଅଞ୍ଚଳରେ ମାରପିଟ୍, ଗଣ୍ଡଗୋଳ ହେବ । ଏଣୁ ସଡକ ସାହି ଓ ଖୁଣ୍ଟୁରୀର ବାସିନ୍ଦା ଏହାର ପ୍ରତିବାଦ କରିଛନ୍ତି । ସରକାର ବିଭିନ୍ନ ସ୍ଥାନରେ ନୂତନ ମଦ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରିଛନ୍ତି । ହେଲେ ସେଠାକାର ସ୍ଥିତି ବିଷୟରେ ବିଭାଗୀୟ ଅଧିକାରୀମାନେ ଅନୁଧ୍ୟାନ ନ ଅନୁମତି ପ୍ରଦାନ କରୁଥିବାରୁ ତାହା ଅସନ୍ତୋଷ ସୃଷ୍ଟି କରିଛି ।

# ପାହାଡ଼ ଉପର ଗାଁ ତାମୁଣ୍ଡି

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ,୨।୬

ସରକାର ଆଦିବାସୀଙ୍କ ବିକାଶ ପାଇଁ କିପରି କାମ କରୁଛନ୍ତି ପାହାଡ଼ ଉପର ଗାଁ ତାମୁଣ୍ଡି ହିଁ ତାର ନଜିର । ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଚଡ଼େୟାପଲ୍ଲୀ ପଞ୍ଚାୟତରେ ଥିବା ଏହି ଗାଁରେ ବିକାଶର ନାମଗନ୍ଧ ନାହିଁ । ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ବି ଉଠାଣି ଗଡାଣିଆ ୫ କି.ମି. ଘାଟି ରାସ୍ତାର ରୂପ ବଦଳି ନାହିଁ । ପୁଣି ଏହି ଗାଁରେ ବର୍ଷ ତମାମ ପାନୀୟ ଜଳ ସମସ୍ୟା ଲାଗି ରହିଛି । ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ନିରାକରଣ ପାଇଁ ପଦକ୍ଷେପ ନାହିଁ । ବନ୍ୟପ୍ରାଣୀଙ୍କ ଭୟରେ ରହୁଥିବା ଏହି ଆଦିବାସୀ ଗାଁରେ ବିଦ୍ୟୁତ୍ ସଂଯୋଗ ନାହିଁ । ସୋଲାର ଲାଇଟ୍ ଏଠାରେ ଠିକ୍‌ରେ କାମ କରୁନି । ସର୍ବନିମ୍ନ ସୁବିଧା ଯୋଗାଇବାରେ ସରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି ।

ନାନା ଅବ୍ୟବସ୍ଥା ମଧ୍ୟରେ ଅଭିଶପ୍ତ ଜୀବନଯାପନ କରୁଛନ୍ତି ତାମୁଣ୍ଡି ଗାଁର ୧୭ ପରିବାରର ୧୦୨ ଆଦିବାସୀ । ସେଠାରେ ଶିକ୍ଷା ବ୍ୟବସ୍ଥା ଆଦୌ ନାହିଁ । ଦଶପଲ୍ଲା ବ୍ଲକ ଅଞ୍ଚଳରେ ଥିବା ଆଶ୍ରମ ସ୍କୁଲରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଗଢ଼ାହୁଏ ଭବିଷ୍ୟତ । ଗାଁରେ ମାଟ୍ରିକ, ଯୁକ୍ତ ୨ ଓ ଯୁକ୍ତ ୩ ପାଠ ପଢ଼ିଥିବା ଅନେକ ଯୁବକ ଥିଲେ ହେଁ କେହି ଚାକିରୀ ପାଇ ନାହାନ୍ତି । ଗାଁର କୌଣସି ଲୋକ ରୋଗରେ ପଡିଲେ ଦୋଳା ଅଥବା ଖଟିଆ ଭରସା । ପାହାଡ଼ିଆ ରାସ୍ତା ଯୋଗୁ ଗାଁକୁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଆସି ପାରେନା । ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରୋଗୀଙ୍କୁ ଦୋଳା ବା ଖଟିଆରେ ନେବା ପରେ



ତାମୁଣ୍ଡି ଗାଁ ଆଦିବାସୀ ପରିବାରର ଚାଳଛପର ଘର ।

- ବିକାଶ ଯେଉଁଠି ଭେଳିକି
- ୫ କି.ମି.ଘାଟି ରାସ୍ତାର ରୂପ ବଦଳୁନି
- ସପ୍ତାହକୁ ଥରେ ସଉଦା ପାଇଁ ବଜାର ଆସନ୍ତି ଗ୍ରାମବାସୀ
- ପାନୀୟ ଜଳ ପାଇଁ ସବୁବେଳେ ସଂଗ୍ରାମ
- ବିଦ୍ୟୁତ୍ ନାହିଁ, ସୋଲାର ଲାଇଟ୍ କାମରେ ଲାଗୁନି

ଆମ୍ବୁଲାନ୍ସରେ ଡାକ୍ତରଖାନା ଯିବାକୁ ହୁଏ । ବଜାରରୁ ସଉଦା ଭାରରେ ଆସେ । ସେଥିପାଇଁ ସପ୍ତାହକୁ ଥରେ ଗାଁ ଲୋକ ସଦଦା ଆଣିବାକୁ ନିକଟସ୍ଥ ବଜାରକୁ ଯାଇଥାଆନ୍ତି । ସେହିପରି ଗାଁଲୋକ ଦଶପଲ୍ଲା ଅଥବା ପଞ୍ଚାୟତ କାର୍ଯ୍ୟାଳୟ ଚଡ଼େୟାପଲ୍ଲୀକୁ ସପ୍ତାହକୁ ଥରେ ଆସନ୍ତି । ବିଦ୍ୟୁତ୍ ବ୍ୟବସ୍ଥା ପାଇଁ ସୋଲାର ଲାଇଟ୍ ଆଉ କାମ କରୁନି । ୨୦ ବର୍ଷ ହେଲା ଚାଲୁ ଥିବା ସୋଲାର ବ୍ୟବସ୍ଥା ନଷ୍ଟ ହୋଇ ଗଲାଣି । ସରକାର ନୂଆ ସୋଲାର ଡିବ୍ବ ଦେଉ ନାହାନ୍ତି । ଲାଇଟ୍ ସମସ୍ୟା ଯୋଗୁ ବନ୍ୟ ପ୍ରାଣୀ ଭୟ ରହିଛି । ଗାଁ ଭିତରକୁ ହାତୀ, ବାରହା ଆସୁଥିଲେ ମଧ୍ୟ କାହାରି କ୍ଷତି କରୁ ନ ଥିବା ଗ୍ରାମବାସୀ କହିଛନ୍ତି । ଗାଁରେ କେବଳ ଗୋଟିଏ କୂଅ ଅଛି । ନଳକୂପ କି ପୋଖରୀ ନାହିଁ । ହେଲେ ସେହି କୂଅ ସବୁ ଲୋକଙ୍କୁ ପାଣି ଯୋଗାଇ ପାରୁନାହିଁ । ଏଣୁ ଆଦିବାସୀ ଝରଣା ପାଣି ପିଉଛନ୍ତି । ଗାଁରେ କାହାର ପାଇଖାନା କି ଆବାସ ଯୋଜନାରେ ଘର ନାହିଁ । ସବୁ ଘର ଝାଟିମାଟିରେ ନିର୍ମିତ । ତେବେ ବାହ୍ୟ ମଳମୁକ୍ତର ଗାଁର ଫଳକ ୫ କି.ମି.ଦୂର ପଞ୍ଚାୟତରେ ଝୁଲୁଛି । ଅଙ୍ଗନୱାଡ଼ି, ଆଶା, ଏଏନ୍‌ଏମ୍ ଦିଦିଙ୍କ ପାଦ ଏ ଗାଁରେ ପଡେନି । ପୁଣି ଲୋକ ପ୍ରତିନିଧିଙ୍କୁ ଏହି ଗାଁର ଆଦିବାସୀମାନେ ଦେଖିବା ସ୍ୱପ୍ନ ହୋଇଛି ।

### ରାସ୍ତା ନ ଥିବାରୁ ବିବାହ ବନ୍ଦ

ତାମୁଣ୍ଡି ଗାଁର ଉଗ୍ରେସନ ଜାନୀ କୁହନ୍ତି, ଗାଁ ଲୋକମାନେ ଜଙ୍ଗଲରୁ ଶିଆଳି ଓ ଶାଳପତ୍ର ସଂଗ୍ରହ କରି ଖଲି ତିଆରି କରନ୍ତି । ଖଲି ଓ ଜଙ୍ଗଲ ଉପକରଣ ବିକ୍ରୀ ଜୀବନ ବିତାନ୍ତି । ଗାଁକୁ ରାସ୍ତା ନ ଥିବାରୁ ୫ ଜଣ ଯୁବତୀ ବିବାହ କରି ପାରୁ ନାହାନ୍ତି । ରାସ୍ତା ନ ଥିବାରୁ ଅନ୍ୟଗାଁର ଯୁବକମାନେ ଏହି ଗାଁରେ ବିବାହ କରିବାକୁ ରାଜି ହେଉ ନାହାନ୍ତି । ଗାଁ ପାଇଁ ରାସ୍ତା ଓ ପାନୀୟ ଜଳର ବ୍ୟବସ୍ଥା ସରକାର ତୁରନ୍ତ କରିବା ଦରକାର । ହେଲେ ଆମ ଗାଁର ଦାବି ସରକାର ଓ ପ୍ରଶାସନ ଶୁଣୁ ନାହାନ୍ତି । ରବି ଜାନୀ କୁହନ୍ତି, ଗାଁକୁ ଘେରି ରହିଛି ୪ଟି ମୁଣ୍ଡିଆ । ସାହାଜେ ପଙ୍ଗା ମୁଣ୍ଡିଆ ଉପରେ ଆମର ଘର । ଘାଟି ରାସ୍ତାରେ ଆମକୁ ଯିବା କଷ୍ଟ ହେଉଥିଲେ ହେଁ ଯିବାକୁ ବାଧ୍ୟ । ଗାଁର ବିକାଶ ପାଇଁ ଟଙ୍କାର ଅଭାବ ନ ଥିବା ସକରାର କହୁଥିବା ବେଳେ ଆମ ଗାଁ ପାଇଁ କାହିଁକି ଶୁଭଦୃଷ୍ଟି ପଡୁନାହିଁ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି । ଗାଁର ସୀତା ଜାନୀ କୁହନ୍ତି, ପାହାଡ଼ ଉପରେ ରହୁଛୁ ବୋଲି ଆମ ଗାଁକୁ ଅଣଦେଖା କରିବା ଅନୁଚିତ । ସରକାର ଚାହିଁଲେ ପାହାଡ଼ ଉପର ଗାଁର ରୂପରେଖ ବଦଳିଯିବ । ସେପାଇଁ ସରକାର ଉଦ୍ୟମ କରିବା ଦରକାର ।



ଗାଁର ଯୁବତୀମାନେ ରାଶନ ସାମଗ୍ରୀ ମୁଣ୍ଡରେ ଧରି ଘରକୁ ଫେରୁଛନ୍ତି ।

## ଗଞ୍ଜେଇ ବ୍ୟବସାୟୀ, ଫରେଷ୍ଟ ପାଟ୍ରୋଲିଂ ଟିମ୍ ମୁହାଁମୁହିଁ

- ମାଉଜର ଦେଖାଇ ଚମ୍ପଟ ମାରିଲେ
- ୫ ପ୍ୟାକେଟ୍ ଗଞ୍ଜେଇ ଜବତ

ଓଡ଼ଗାଁ,୨।୬ (ସ୍ୱ.ପ୍ର.)

ଗୁରୁବାର ଭୋର ସମୟରେ ନୟାଗଡ଼ ଜିଲା ବାହାଡ଼ାଖୋଲା ଫରେଷ୍ଟ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ହରିପୁରଠାରେ ଗଞ୍ଜେଇ ବ୍ୟବସାୟୀଙ୍କ ସହିତ ମୁହାଁମୁହିଁ ହୋଇଥିଲା । ଦୁଇ ବାଇକ୍‌ଆରୋହୀ ଫରେଷ୍ଟ ଟିମ୍‌କୁ ଦେଖି ପ୍ରଥମେ ଭୟଭୀତ ହୋଇ ଯାଇଥିଲେ । ପରେ ମାଉଜର ଦେଖାଇ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ଫୋପାଡ଼ି ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ବନପାଳ ସନାତନ ସ୍ୱାଇଁ ୫ ପ୍ୟାକେଟ୍ ଗଞ୍ଜେଇ ଥିବା ବ୍ୟାଗକୁ ବାହାଡାଖୋଲା ଫାଣ୍ଡି ପୋଲିସକୁ ହସ୍ତାନ୍ତର କରିଛନ୍ତି ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ କହିଛନ୍ତି । ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ବ୍ରାଉନସୁଗାର ଓ ଗଞ୍ଜେଇ ବ୍ୟବସାୟୀ ଗତ କିଛିଦିନ ହେବ ସକ୍ରିୟ ହୋଇଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେବା ପରେ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀମାନେ ସେମାନଙ୍କ ଉପରେ ନଜର ରଖିଛନ୍ତି । ହେଲେ ଏହି ବ୍ୟବସାୟୀମାନେ ଦୁଇ ଚକିଆ ଗାଡ଼ି ବ୍ୟବହାର କରୁଛନ୍ତି । କୌଣସି ସ୍ଥାନରେ ଚଢ଼ାଉ ସୂଚନା ପାଇଲେ ଦ୍ରୁତଗତିରେ ଫେରାର ହୋଇଯାଉଛନ୍ତି ବୋଲି ସୂଚନା ମିଳିଛି ।



ଜବତ ହୋଇଥିବା ଗଞ୍ଜେଇ ।

## ଛତୁଚାଷ ତାଲିମ ଶିବିର

ନୟାଗଡ଼ ଅଫିସ,୨।୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ, ଓଡ଼ିଶା ଜୀବିକା ମିଶନ୍ ନୟାଗଡ଼ ଓ ମିଶନ ଶକ୍ତି, ନୟାଗଡ଼ର ମିଳିତ ଆନୁକୂଲ୍ୟରେ ଗୋଡିପଡ଼ା ଫାଣ୍ଡି ଜାକେଡ଼ା ଗାଁର ଦଳିତ ପରିବାରକୁ ଛତୁ ଚାଷ ତାଲିମ ପ୍ରଦାନ କରାଯାଇଛି । ଗାଁ ଲୋକଙ୍କ ଆକ୍ରୋଶରର ଶିକାର ହୋଇ ଶରଣକୂଳରେ ଏହି ଦଳିତ ପରିବାର ରହୁଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଏବଂ ଅନ୍ୟ କେତେଜଣ ଗରୀବ, ଭୂମିହୀନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଛତୁ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ଶରଣକୂଳ ମିଶନ ଶକ୍ତି ଗୃହଠାରେ ୧୦ଦିନ ତାଲିମ ପ୍ରଦାନ କରାଯାଇଥିଲା । ଉକ୍ତ ଶିବିରରେ ୩୫ଜଣ ତାଲିମ ନେଇଥିଲେ । ଗୁରୁବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନୟାଗଡ଼ ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ପ୍ରୋଗ୍ରାମ ମ୍ୟାନେଜର, ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶକ ଯୋଗ ଦେଇଥିଲେ ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ଚରିତ୍ରକୁ ସନ୍ଦେହ କରି ଘଟିଥିଲା ହତ୍ୟାକାଣ୍ଡ**

ନୟାଗଡ଼ ଅଫିସ,୨।୬

ଚରିତ୍ରକୁ ସନ୍ଦେହ କରି ସ୍ତ୍ରୀଙ୍କୁ ଜଙ୍ଗଲରେ ହତ୍ୟା କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି । ନୟାଗଡ଼ ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ହତ୍ୟାକାରୀ ତଥା ଫତେଗଡ଼ ଥାନା କେଶରସିଂ ଗାଁର ଶ୍ରୀଧର ନାୟକ(୪୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ଶ୍ରୀଧର ସ୍ତ୍ରୀ ସତ୍ୟଭାମାଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ । ଏଥିପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ପୂର୍ବ ପ୍ରସ୍ତୁତି ମୁତାବକ ୨୦୨୦ ମେ ୧୫ରେ ଶ୍ରୀଧର ସତ୍ୟଭାମାଙ୍କୁ ସ୍ଥାନୀୟ ଜଙ୍ଗଲକୁ ଡାକି ନେଇ ହତ୍ୟା କରିଥିଲେ । ଏହା ପରେ ସେ ଫେରାର ହୋଇ ଯାଇଥିଲେ । ସତ୍ୟଭାମାଙ୍କ ସମ୍ପର୍କରେ ତାଙ୍କ ବାପା ଘର ଲୋକେ କୌଣସି ଖବର ନ ପାଇବାରୁ ଫତେଗଡ଼ ଥାନା ପୋଲିସର ସହଯୋଗ ଲୋଡ଼ି ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସତ୍ୟଭାମାଙ୍କୁ ଜଙ୍ଗଲରେ ହତ୍ୟା କରାଯାଇଥିବା ଜଣା ପଡିବା ପରେ ସତ୍ୟଭାମାଙ୍କ ବାପା ତଥା ବାଇଗୁଣିଆର ଶ୍ୟାମ ସୁନ୍ଦର ନାୟକ ଥାନାରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗକୁ ଭିତ୍ତି କରି ଫତେଗଡ଼ ଥାନା ପୋଲିସ ଏକ ମାମଲା(ନଂ.୬୯/୨୦) ରୁଜୁ କରି ମୃତଦେହକୁ ଜଙ୍ଗଲରୁ ଜବତ କରିଥିଲା । ଏହାପରେ ଶ୍ରୀଧରଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଥିଲା । ସେଦିନଠାରୁ ଶ୍ରୀଧର ଜେଲରେ ଅଛନ୍ତି । ସରକାରଙ୍କ ତରଫରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସନ୍ନ ମହାପାତ୍ର ପରିଚାଳନା କରୁଥିଲେ ।

## ଦୁର୍ନୀତି ଅଭିଯୋଗ ପରେ ଅଦଳବଦଳ

ଭାପୁର,୨।୬(ଡି.ଏନ.ଏ.)

ଭାପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ୍‌ମାନଙ୍କୁ ପଞ୍ଚାୟତସ୍ତରରେ ଅଦଳବଦଳ କରିଛନ୍ତି ଜିଲା ପ୍ରଶାସନ । ଦୁଇଦିନ ତଳେ ବାଇଗୁଣିଆ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଦୁର୍ନୀତି ନେଇ ଖବର ପ୍ରକାଶନ ପରେ ସେଠାକାର ଜିଆରଏସ୍ ସ୍ୱାଗତିକା ମହାପାତ୍ରଙ୍କୁ ବଡସହରା ପଞ୍ଚାୟତକୁ ବଦଳି କରାଯାଇଥିବା ବେଳେ ବାଘୁଆପଲ୍ଲୀ ପଞ୍ଚାୟତ ଜିଆରଏସ୍ ସହଦେବ ନାୟକଙ୍କୁ ବାଇଗୁଣିଆ ପଞ୍ଚାୟତର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ପାଣ୍ଡୁଚରଣ ନାୟକଙ୍କୁ ଶାଳପଡା, ଜିତେନ୍ଦ୍ର ଚୌଧୁରୀଙ୍କୁ ପଦ୍ମାବତୀ, ରବୀନ୍ଦ୍ର ସ୍ୱାଇଁଙ୍କୁ ଶାସନ, ନର୍ମଦା ଭଞ୍ଜଙ୍କୁ ଧାନଚେଙ୍ଗଡା, ଅନିତା ଦାଶଙ୍କୁ କଇଁଫୁଲିଆ, ମାନସ ସାହୁଙ୍କୁ କରବର, ଶ୍ରୀଧର ନାୟକଙ୍କୁ ରାକମା ଏବଂ କେନ୍ଦୁପଲ୍ଲୀ, ଶ୍ରୀବତ୍ସ ରାଉତଙ୍କୁ ଭାପୁର, ଶ୍ରୀକାନ୍ତ ଷଡଙ୍ଗୀଙ୍କୁ ଭଗବାନପୁର, ସତ୍ୟଭାମା ସାହୁଙ୍କୁ ବିଜିପୁର ପଞ୍ଚାୟତର ଦାୟିତ୍ୱ ମିଳିଥିବା ଜିଲା ପ୍ରଶାସନ ପ୍ରଦାନ କରିଥିବା ଚିଠିରେ ଉଲ୍ଲେଖ ହୋଇଛି । ଚଳିତବର୍ଷ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମକୁ ସୁରୁଖୁରୁରେ ସମାପ୍ତ ନିମନ୍ତେ ଜିଲା ପ୍ରଶାସନ ଏହି ବଦଳି କରିଥିବା ସୂଚନା ମିଳିଛି ।

## ଗଞ୍ଜାମରେ ୨୩୦ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ ଆଜି

ବ୍ରହ୍ମପୁର ଅଫିସ,୨।୬

ବ୍ରହ୍ମପୁର ସହରରେ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ ହୋଇଥିବା ୭ଟି ହାଇସ୍କୁଲକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଉଦ୍‌ଘାଟନ କରିବେ । ଏ ନେଇ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ରଞ୍ଜନ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଏହି ୭ଟି ହାଇସ୍କୁଲ ମଧ୍ୟରେ ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ,ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ମିଲିଟାରୀ ଲାଇନ ଉଚ୍ଚ ବିଦ୍ୟାଳୟ, ସରକାରୀ କୁଇନ ମିଶନ ଉଚ୍ଚ ବିଦ୍ୟାଳୟ, ଆଙ୍କୁଲି ମଦର ସରୋଜିନୀ ବାଳିକା ଉଚ୍ଚ ବିଦ୍ୟାଳୟ, ଆଙ୍କୁଲି ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ଲାଞ୍ଜିପଲୀ ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟନ ହେବ ବୋଲି ସହକାରୀ ଯନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲାରେ ୨୩୦ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ ହେବ । ଗତ ନଭେମ୍ବର ୧୬ରେ ବ୍ରହ୍ମପୁରରେ ୪ଟି ସ୍ମାର୍ଟ ସ୍କୁଲ ଉଦ୍‌ଘାଟିତ ହୋଇଥିଲା । ଏହାକୁ ମିଶାଇ ବ୍ରହ୍ମପୁରରେ ୧୧ଟି ସ୍ମାର୍ଟ ସ୍କୁଲ ଉଦ୍‌ଘାଟନ ହେବ ।

## ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପାଇଁ ନୟାଗଡ଼ ଜନପ୍ରତିନିଧି



ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ ଯାଉଥିବା ଜନପ୍ରତିନିଧି ।

ନୟାଗଡ଼ ଅଫିସ,୨।୬

ପଞ୍ଚାୟତିରାଜ ନବନିର୍ବାଚିତ ଜନପ୍ରତିନିଧିମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଭୁବନେଶ୍ୱରରେ ହେଉଛି । ଏଥିପାଇଁ ଗୁରୁବାର ପୂର୍ବାହ୍ନ ସାଢ଼େ ୬ଟାରେ ନୟାଗଡ଼ ଜିଲାର ଜନପ୍ରତିନିଧିମାନଙ୍କୁ ଜିଲାପାଳ ପୋମା ଟୁଡୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷାଙ୍କ ସମେତ ୮ବ୍ଲକର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଏବଂ ୮ ବ୍ଲକରୁ ୮ଜଣ ସରପଞ୍ଚ ଏକ ବସରେ ଭୁବନେଶ୍ୱର ଯାଇଛନ୍ତି । ଜିଲାପାଳ ପତାକା ହଲାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ ।

## ବାଲ୍ୟବିବାହ ନିଷେଧ ସଚେତନତା

ନୟାଗଡ଼ ଅଫିସ,୨।୬

ସମଗ୍ର ଶିକ୍ଷା, ନୟାଗଡ଼ ଏବଂ ଆକ୍ସନ ଏଡ୍‌ର ମିଳିତ ଆନୁକୂଲ୍ୟରେ ନୟାଗଡ଼ ଜଲାର ଅବହେଳିତ ଶିଶୁମାନଙ୍କ ସମସ୍ୟା ତଥା ବାଲ୍ୟବିବାହ ନିଷେଧ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ଉଦ୍‌ଘାଟନ କରି କହିଲେ, ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା,ତଥ୍ୟ ତଥା ସେମାନଙ୍କ ବହୁମୁଖୀ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉ ।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ କହିଲେ, ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ତଥ୍ୟ ଠିକ୍ ଦେଇପାରିବେ । ସେଥିପାଇଁ ପ୍ରଧାନଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି । ସାଧନାକର୍ମୀ ଭାବେ ଆକ୍ସନ ଏଡ୍‌ର ଇପ୍‌ସିତା ଅଗ୍ରଓାଲ, ଜିଲା ଶିଶୁ ସୁରକ୍ଷା ବିଭାଗର ସତ୍ୟ ରଞ୍ଜନ ଦାଶ, ସମଗ୍ର ଶିକ୍ଷାର ରଙ୍ଗନାଥ ସାହୁ, ଶ୍ରାବଣୀ ମିଶ୍ର ଯୋଗ ଦେଇ ସମାଜର ଅବହେଳିତ ବର୍ଗର ଶିଶୁମାନଙ୍କ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଜିଲାର ୭୦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ରହି ସେମାନଙ୍କ ବିଦ୍ୟାଳୟର ବହୁବିଧ ସମସ୍ୟା ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରି ସମାଧାନ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ଶିକ୍ଷକମାନେ ବାଲ୍ୟ ବିବାହକୁ ନିଷେଧ କରି ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ଶପଥ ନେଇଥିଲେ ।




ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ସଚେତନତା ପୋଷ୍ଟର ପ୍ରଦର୍ଶନ କରୁଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ଜୁନ୍, ୨୦୨୨



## ସଂକ୍ଷେପରେ

### ପ୍ରାକ୍ତନ ଉପାଧ୍ୟକ୍ଷଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୨।୬(ଡି.ଏନ୍.ଏ): ବୁଗୁଡ଼ା ଏନ୍ଏସିର ପୂର୍ବତନ ଉପନଗରପାଳ ତଥା ଭାଜପାର ଟାଣୁଆ ନେତା ଇଂ. ସୁବ୍ରତ କୁମାର ପଟ୍ଟନାୟକଙ୍କ ବିୟୋଗରେ ଗୁରୁବାର ସ୍ଥାନୀୟ ଏନ୍ଏସି କାର୍ଯ୍ୟାଳୟ ଏବଂ ଭାଜପା କାର୍ଯ୍ୟାଳୟରେ ପୃଥକ୍ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲା ଭାଜପା ସଭାପତି ଗୋକୁଳା ନନ୍ଦ ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଶୋକସଭାରେ ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ଭଗବାନ ଜେନା, ଗୌର ଚରଣ ପ୍ରଧାନ, ହରିହର ସାହୁ, କୃଷ୍ଣ ଚନ୍ଦ୍ର ମହାପାତ୍ର, କାର୍ତ୍ତିକ ମଙ୍ଗାଳ, ଚିତ୍ତରଞ୍ଜନ ଦାଶ, ବନବାସୀ ମହାରଣା ଓ କେଦାର ମହାରଣାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିଥିଲେ। ସେହିପରି ବୁଗୁଡ଼ା ଏନ୍ଏସି କାର୍ଯ୍ୟାଳୟରେ ନଗରପାଳ ଚିତ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପନଗରପାଳ ଗୀତାଞ୍ଜଳି ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ ଏବଂ ଏନ୍ଏସିର ସମସ୍ତ କାଉନ୍ସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ।

### ପଞ୍ଚାୟତ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

ପାରଳାଖେମୁଣ୍ଡି/କାଶୀନଗର,୨।୬(ଡି.ଏନ୍.ଏ)- ଭୁବନେଶ୍ୱର କିଟ୍ ପରିସରରେ ଅନୁଷ୍ଠିତ ପଞ୍ଚାୟତ ପ୍ରତିନିଧିଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୁରୁବାର ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଗଜପତି ଜିଲାର ପଞ୍ଚାୟତ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କର୍ମଶାଳାକୁ ଭୁବନେଶ୍ୱରଠାରେ ଉଦଘାଟନ କରିଥିଲେ। ଗଜପତିର ସମସ୍ତ ନବନିର୍ବାଚିତ ସଦସ୍ୟମାନେ ବ୍ଲକସ୍ତରୀୟ ଭିଡିଓ କନଫରେନ୍ସ କକ୍ଷରେ ଯୋଗଦେଇଥିଲେ। ସେହିପରି ପାରଳାଖେମୁଣ୍ଡିଠାରେ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲ୍‌ରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାୟକ ଓ ଅନ୍ୟ ଜିଲା ଅଧିକାରୀମାନେ ଭିସିରେ ଉପସ୍ଥିତ ରହି କର୍ମଶାଳାରେ ଭାଗ ନେଇଥିଲେ। କାଶୀନଗର ବ୍ଲକ ସଭାଗୃହଠାରେ ଏହାର ଭିଡିଓ କନଫନ୍ସେରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଉପାଧ୍ୟକ୍ଷ ପ୍ରମୁଖ ପ୍ରତିନିଧି ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

### ରାଜସ୍ୱ ନିରୀକ୍ଷକଙ୍କ କୋଠା ଉଦ୍‌ଘାଟିତ

ହିଞ୍ଜିଳିକାଟୁ ୨।୬(ଡି.ଏନ୍.ଏ.)- ହିଞ୍ଜିଳିକାଟୁ ତହସିଲ ଅନ୍ତର୍ଗତ ପୋଚିଲିମାଠାରେ ରାଜସ୍ୱ ନିରୀକ୍ଷକଙ୍କ ନବ ନିର୍ମିତ କାର୍ଯ୍ୟାଳୟ କୋଠାକୁ ଗୁରୁବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଛନ୍ତି। ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ କୁଲାଙ୍ଗେ କୋଠାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ବିଡିଓ ସୁବ୍ରତ କୁମାର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏନ୍. ରଘୁନାଥ, ଜିଲା ପରିଷଦ ସଭ୍ୟା ବି. ଦମୟନ୍ତୀ, ବି. ଶଙ୍କର, ବି. ରବୀନ୍ଦ୍ର, ଗୋବିନ୍ଦ ଚନ୍ଦ୍ର ବ୍ରହ୍ମା, ଅତିରିକ୍ତ ତହସିଲଦାର ସୁନିଲ କୁମାର ପ୍ରଧାନଙ୍କ ସହ ହିଞ୍ଜିଳିକାଟୁ ତହସିଲ ଅନ୍ତର୍ଗତ ବିଭିନ୍ନ ଆରଆଇ ସର୍କଲର କର୍ମଚାରୀ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ମାଓବାଦୀ ପ୍ରବଣ ଅଞ୍ଚଳ ଲଙ୍କାଗଡ଼ରେ ଡିଜିପି

ଫୁଲବାଣୀ ଅଫିସ, ୨।୬

କନ୍ଧମାଳ ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳ ଭାବେ ପରିଚିତ ତୁମୁଡିବନ୍ଧ ବ୍ଲକ ଲଙ୍କାଗଡ଼କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲ ଗୁରୁବାର ଗସ୍ତରେ ଆସି ନିର୍ମାଣାଧିନ ସିଆର୍‌ପିଏଫ କ୍ୟାମ୍ପ ବୁଲି ଦେଖିଛନ୍ତି। ସେଠାରେ ସ୍ଥାନୀୟ ଲୋକଙ୍କ ସହ ମିଶି ଶାଢୀ, କମ୍ବଳ, ଚାଦର, ଟିସାର୍ଟ ଓ ଖେଳ ସାମଗ୍ରୀ ବଣ୍ଟନ କରିଛନ୍ତି। ଏହାପରେ କ୍ୟାମ୍ପରେ ନିୟୋଜିତ ଥିବା ସିଆର୍‌ପିଏଫ ଓ ଏସ୍‌ଓଜି ଯବାନଙ୍କ ସହ ମାଓବାଦୀଙ୍କ ଗତିବିଧି ଉପରେ ଆଲୋଚନା କରିଛନ୍ତି।

ଡିଜିପି ବଂଶଲ ଅପରାହ୍ନ ୨ଟାରେ ହେଲିକପ୍ଟରରେ ଆସି ଲଙ୍କାଗଡ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଓହ୍ଲାଇ ସିଆରପିଏଫ କ୍ୟାମ୍ପକୁ ଯାଇଥିଲେ। ସେଠାରେ ଯବାନମାନଙ୍କ ସହ ଆଲୋଚନା କରି ଆଗାମୀ ଦିନରେ ମାଓବାଦୀମାନଙ୍କୁ କିଭଳି ମୂଳୋତ୍ପାଟନ କରା ଯାଇପାରିବ ତାହ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମାଓବାଦୀମାନେ ତୁରନ୍ତ ସଂଗଠନ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ।


ସିଆର୍‌ପିଏଫ୍ ଯବାନଙ୍କ ଗହଣରେ ଡିଜିପି ଓ ଅନ୍ୟ ପୋଲିସ ଅଧିକାରୀମାନେ।

- ସିଆର୍‌ପିଏଫ କ୍ୟାମ୍ପ ବୁଲି ଦେଖିଲେ
- ଯବାନଙ୍କ ସହ କଲେ ଭାବ ବିନିମୟ

ଗସ୍ତ କାର୍ଯ୍ୟକ୍ରମରେ ଡିଜିପି ବଂଶଲଙ୍କ ସହ ଆଡିସିନାଲ ଡିଜିପି ଆର.କେ ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, ଆଇଜି ଅପରେଶନ ଅମିତାଭ ଠାକୁର, ଆଇଜି ଦକ୍ଷିଣାଞ୍ଚଳ ସତ୍ୟବ୍ରତ ଭୋଇ, ଡିଆଇଜି ଅନିରୁଦ୍ଧ ସିଂ, ଆଇଜିପି ବିଏସଏଫ ଏସ.ସିଏଚ୍. ବୁଡାକୋଟୀ, କନ୍ଧମାଳ ଏସପି ଭିନୀତ ଅଗ୍ରୱାଲ, ବାଲିଗୁଡା ସିଆରପିଏଫ କମାଣ୍ଡାଣ୍ଟ, ବାଲିଗୁଡା ଏସଡିପିଓ ପ୍ରମୁଖ ସାମିଲ ଥିଲେ।

## ଜବର ଦଖଲ ଜମି ବିବାଦ
# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପଡ଼ିଲା ତାଲା

ଆର.ଉଦୟଗିରି,୨।୬(ଡି.ଏନ.ଏ.)

ଅଡବା ପଞ୍ଚାୟତ ଅଧୀନ ଭୀମା ଠାକୁରାଣୀ ମନ୍ଦିର ପରିସରରେ ଥିବା ସରକାରୀ ଜମିକୁ ଘୋଡାପଙ୍କା ଗ୍ରାମର କାମେଲ ନାୟକ ନିଜ ପରିବାର ସହ କୁଡ଼ିଆ କରି ସେଠାରେ ସରକାରୀ ଜମିକୁ ଜବର ଦଖଲ କରି ମୂଲ୍ୟବାନ ଗଛ କାଟିବା ସହ ଏକ ବନ୍ଧ ଖୋଳି ରହି ଆସୁଛନ୍ତି। ଏହା ଜାଣିବା ପରେ ଅଡବା ଗ୍ରାମର ମନ୍ଦିର କମିଟି ଏବଂ ଗ୍ରାମବାସୀ ବିରୋଧ କରି କାମେଲଙ୍କୁ ଉକ୍ତ ସ୍ଥାନ ଛାଡ଼ିବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ସେ ସେଥିରୁ ନିବୃତ୍ତ ହୋଇ ନ ଥିଲେ। ଏଣୁ ଗ୍ରାମବାସୀ ଏକତ୍ରିତ ହୋଇ ପ୍ଲଟ ନଂ-୬୯୯ରୁ କାମେଲଙ୍କୁ ଉଠାଇବା ପାଇଁ ମୋହନା ତହସିଲଦାର ଓ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଜମିହୀନଙ୍କୁ ଜମି ଯୋଗାଇ ଦିଆଯାଉଥିବା ଯୋଜନାରେ ବହୁ ପୂର୍ବରୁ କାମେଲଙ୍କୁ ଜମି ଯୋଗାଇ ଦିଆଯାଇଥିବା ଜଣାପଡିଥିଲା। ଏହା ଜଣାପଡିବା ପରେ କାମେଲଙ୍କୁ ୨୭।୫।୨୨ ସୁଦ୍ଧା ଉକ୍ତ ସ୍ଥାନକୁ ଛାଡିବା ପାଇଁ ନୋଟିସ କରାଯାଇଥିଲା। ସେ ଏଥିରେ ଅବହେଳା କରିବାରୁ ବୁଧବାର ଅଡବା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଘଟଣାସ୍ଥଳରେ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ଆସି ଲୋକଙ୍କୁ ବୁଝାଶୁଝା କରିବାପରେ ଲୋକେ ତାଲା ଖୋଲିଥିଲେ। ଏ ସମ୍ପର୍କରେ ତହସିଲଦାର କିଶୋର ଚନ୍ଦ୍ର ଦାସ କହିଛନ୍ତି, ଅଳ୍ପଦିନ ମଧ୍ୟରେ ପ୍ରଶାସନିକ ନିୟମ ଅନୁଯାୟୀ କାମେଲଙ୍କୁ ସେଠାରୁ ଉଚ୍ଛେଦ କରାଯିବ ଓ ଘର ଭଙ୍ଗାଯିବ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଜି.ଉଦୟଗିରି,୨।୬(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଣୀ ଚରଣ ରଥଙ୍କ ସହିତ ଜାର୍ଗୀନାଜୁ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକ, ଗ୍ରେସିଙ୍ଗିଆ ଉପ୍ରା ବିଦ୍ୟାଳୟର ଶିକ୍ଷକ ଅମରେନ୍ଦ୍ର ସାହୁ, ବିଦ୍ୟାଧର ସାହୁ କାର୍ଯ୍ୟରୁ ଅବସର ନେଇଥିବା ବେଳେ ସେମାନଙ୍କୁ ନିଜ ନିଜ ସ୍କୁଲ ତରଫରୁ ବିଦାୟ କାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଉଭୟ ସ୍କୁଲରେ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଜାର୍ଗିନାଯୁ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିହିର କାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଅବସର ନେଇଥିବା ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକଙ୍କୁ ଜଣେ ଆଦର୍ଶ ଛାତ୍ର ବତ୍ସଳ ଶିକ୍ଷକ ବୋଲି ଅତିଥିମାନେ ବର୍ଣ୍ଣନା କରିଥିଲେ। ବାଣୀ ଚରଣ ରଥ ଜଣେ ଦକ୍ଷ ଶିକ୍ଷା ଅଧିକାରୀ ଥିଲେ ବୋଲି ଶିକ୍ଷକମାନେ କହିଥିଲେ। ପ୍ରଧାନ ଶିକ୍ଷକ ପଦାରବିନ୍ଦ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ମଙ୍ଗଳବାର ଗ୍ରେସିଙ୍ଗିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅବସର ନେଇଥିବା ଶିକ୍ଷକ ବିଦ୍ୟାଧର ସାହୁ, ଅମେରେନ୍ଦ୍ର ସାହୁଙ୍କ ସହିତ ବାଣୀ ଚରଣ ରଥଙ୍କୁ ମଧ୍ୟ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଦ୍ୱିତୀୟ ପର୍ଯ୍ୟାୟରେ ହେବ ୧୪ ରୂପାନ୍ତରଣ ବିଦ୍ୟାଳୟ ଲୋକାର୍ପିତ

ଗୋପାଳପୁର,୨।୬(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ୫-ଟି ଯୋଜନା ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଦ୍ରୁତଗତିରେ ଚାଲିଛି। ଗତ ବର୍ଷ ପ୍ରଥମ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣ ଯୋଜନାରେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକରେ ୯ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉକ୍ତ ବ୍ଲକ ଅନ୍ତର୍ଗତ ମାର୍କଣ୍ଡି, ବିଶ୍ୱନାଥପୁର, ଝାଡ଼ାଙ୍କୁଲି, ସିନ୍ଧିଗାଁ, ବକ୍ସିପଲ୍ଲୀ, ଗଂଜୁ, ଫୁଲଟା, ଗୋଳାବନ୍ଧ, ଦାସପୁର, ପଦ୍ମପୁର, ଚିକରଡ଼ା, ପାଲୁର, କନଷିହାଟ ଓ କରାପଲ୍ଲୀ ଗ୍ରାମରେ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଏହି ଗାଁଗୁଡ଼ିକରେ ଥିବା ୧୪ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ରୂପେ ଲୋକାର୍ପଣ କରିବେ। ଏଥିସହ ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ସ୍ଥାନୀୟ ପ୍ରଶାସନ ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ କୁହାଯାଇଛି। ଏ ନେଇ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପୋଲସରା,୨।୬(ଡି.ଏନ.ଏ.)

ପୋଲସରା ସହରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଧର୍ମରାଜ ପରିଡ଼ା ଅଧ୍ୟକ୍ଷତା କରି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ଦିଲ୍ଲୀପ କୁମାର ନାୟକ, ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ ମଞ୍ଚାସୀନ ଥିଲେ। ଶିବିରରେ ୫୧୫ ଜଣ ନିଜର ନାମ ପଞ୍ଜିକରଣ କରିଥିଲେ। ସେଥିରୁ ଶାରିରୀକ ଭିନ୍ନକ୍ଷମ ୨୭୩, ମୁକ ବଧିର ୧୯୩, ଦୃଷ୍ଟିହୀନ ୯୦ ଓ ମାନସିକ ଅନଗ୍ରସର ୫୯ ରହିଥିଲେ। କାର୍ଯ୍ୟକ୍ରମରେ ତିନିଚକିଆ ସାଇକେଲ ୪ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ୯ ଜଣଙ୍କୁ ଆଶାବାଡ଼ି, ଭିନ୍ନକ୍ଷମ ଭତ୍ତା ୧୧ ଜଣଙ୍କୁ ପ୍ରଦାନ କରାଯାଇଥିଲା। ଶିବିରରେ ୩୯ନଂ ଜୋନ ଜିଲା ପରିଷଦ ସଭ୍ୟା ଝୁନୁ ଦାସ, ୩୮ନଂ ଜୋନର ଅଶୋକ ବିଶୋୟୀ, ବ୍ଲକ ଉପାଧ୍ୟକ୍ଷ କାହ୍ନୁ ପରିଡ଼ା, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ବେହେରା, ଏସ୍ଏସ୍ଏସ୍ଓ ଡି.ପଦ୍ମା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଖେଳାଳୀମାନେ।

ପାରଳାଖେମୁଣ୍ଡି,୨।୬(ଡି.ଏନ୍.ଏ)

ପାରଳାଖେମୁଣ୍ଡି ରେଲୱେ ଷ୍ଟେଶନ ପଡିଆରେ ଗୁରୁବାର ଜୟ ହନୁମାନ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ହାଇଟେକ ଗ୍ରୁପର ଅଧ୍ୟକ୍ଷ ଡ.ତିରୁପତି ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଉପାଧ୍ୟକ୍ଷ ଲେଙ୍କା ମଧୁ, ପ୍ରଫେସର ମାରୁତ ପାଳ, ଆଡଭୋକେଟ ଅରୁଣ ପରିଡା, ବିଜୟ ପ୍ରଧାନ ଏବଂ ଗଜପତି କ୍ରିକେଟ ଏକାଡେମୀର ସମ୍ପାଦକ ଦେବଶିଷ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ମୋଟ ୨୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନ ଟିମକୁ ୨୧ହଜାର ଟଙ୍କା ପୁରସ୍କାର ସହ ପ୍ରମାଣପତ୍ର ଦିଆଯିବ। ସେହିପରି ରନର୍ସ ଅପକୁ ୧୨ହଜାର ଟଙ୍କା ସହ ପ୍ରମାଣପତ୍ର ଦିଆଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ସ୍ନେକ୍ ହେଲ୍ପଲାଇନର ନିରନ୍ତର ସେବା ପାଇଁ ପ୍ରଶଂସିତ

ଜି.ଉଦୟଗିରି,୨।୬(ଡି.ଏନ.ଏ.)

ଜି.ଉଦୟଗିରି ସହରରେ ସାପ ବାହାରିବା ଖବର ପାଇବା କ୍ଷଣି ଜୀବନକୁ ବାଜି ଲଗାଇ ସାପ ଧରିବାକୁ ପହଞ୍ଚି ଯାଆନ୍ତି ଜଗନ୍ନାଥ ନାୟକ ଓ ତାଙ୍କ ଦଳ। ସ୍ନେକ ହେଲ୍ପଲାଇନର ନିରନ୍ତର ସେବାପାଇଁ ପ୍ରଶଂସାର ପାତ୍ର ହୋଇଛନ୍ତି। ଦିନ ହେଉ କିମ୍ବା ରାତି ଫୋନ କଲ ପାଇବା ସଙ୍ଗେ ସଙ୍ଗେ ପହଞ୍ଚି ଯାଆନ୍ତି ହେଲ୍ପଲାଇନର ସଦସ୍ୟ। ସାହସିକତାର ସହିତ ଯେତେ ବଡ, ଯେତେ ବିଷଧର ହୋଇଥିଲେ ମଧ୍ୟ କମ ସମୟ ମଧ୍ୟରେ ତାକୁ କାବୁ କରି ଜଙ୍ଗଲରେ ଛାଡିଥାନ୍ତି। ହେଲ୍ପଲାଇନର ଏହି ନିଶୁଳ୍କ, ଠିକ୍ ସମୟରେ ସେବାପାଇଁ ପୂରା ସହରରେ ପ୍ରଶଂସାର ପାତ୍ର ହୋଇଥିବା ବେଳେ ନିସ୍ୱାର୍ଥପର ଭାବେ ନିୟମିତ ଏହି ସେବା କରିଆସୁଛନ୍ତି। ମଙ୍ଗଳବାର ରାତିରେ ସୁବାସ ନଗରରେ ୪ ଫୁଟିଆ ରଣା ସାପ ଉଦ୍ଧାର କରାଯାଉଥିବା ବେଳେ ବୁଧବାର ହାଟପଦାରୁ ୮ ଫୁଟିଆ ଡାମଣା ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଛି ଟିମ। ଜଗନ୍ନାଥ ନାୟକଙ୍କ ଏହି ଟିମରେ ଏବେ ପ୍ରବିଣ କୁମାର ନାୟକ, ରାଜୀବ ଦଳବେହେରା, ଅନୀଲ ମହାପାତ୍ର, ସୋମନାଥ ପ୍ରଧାନ ଭଳି ସାହାସୀ ଯୁବକ ସଦସ୍ୟ ରହିଛନ୍ତି।

# ଆମ ପୋଲିସ ସମିତିର ସଚେତନତା

ଭଞ୍ଜନଗର,୨।୬(ଡି.ଏନ୍.ଏ.)

ଭଞ୍ଜନଗର ଆମ ପୋଲିସ ସମିତିର ଏକ ସଚେତନତା ଶିବିର ବଡ଼କୋଦଣ୍ଡା ଜବାହାର ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଆୟୋଜିତ ସଭାରେ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ର ପୌରହିତ୍ୟ କରିଥିଲେ। ଆମ ପୋଲିସ ସମିତିର ବରିଷ୍ଠ ସଦସ୍ୟ ପ୍ରାକ୍ତନ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ.ଧନଞ୍ଜୟ, ଥାନା ଅଧିକାରୀ ଧୀରେଶ କୁମାର ଦାସ, ଶିକ୍ଷାବିତ୍ ଜଗବନ୍ଧୁ ଜେନା, ସମିତିସଭ୍ୟ ମନୋଜ କୁମାର ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ସାଇବର ଅପରାଧ, ଗୁଣିଗାରେଡି, ବୃଦ୍ଧ ମା'ବାପାଙ୍କୁ ଭରଣ ପୋଷଣ ଓ ଗୁଟଖା ସେବନର ଅପକାରିତା ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ।

# ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ


ସୁଶାନ୍ତ ରଞ୍ଜନ ଦାଶଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଉଛି।

ପାରଳାଖେମୁଣ୍ଡି,୨।୬(ଡି.ଏନ୍.ଏ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ କାର୍ଯ୍ୟାଳୟରେ ନୂତନ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭାବେ ଡ. ସୁଶାନ୍ତ ରଞ୍ଜନ ଦାଶ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସହକାରୀ କୃଷି ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ଇଞ୍ଜିନିୟର ଶୁଭଶ୍ରୀ ପ୍ରିୟଦର୍ଶନୀ, ବରିଷ୍ଠ କିରାଣି ପ୍ରସନ୍ନ କୁମାର ପଣ୍ଡା, କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ବେହେରା, କନିଷ୍ଠ କିରାଣି ସଂଯୁକ୍ତା ପାଢ଼ୀ, ସୁଶାନ୍ତ ମହାପାତ୍ର, ମାଧବ ରଇତ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଏଠାରେ ପୂର୍ବରୁ ଥିବା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କେ. ସୁଦର୍ଶନଙ୍କ ପଦୋନ୍ନତି ହୋଇ ଭୁବନେଶ୍ୱରକୁ ବଦଳି ହୋଇଥିଲା। ଏହି ପଦବୀ ଖାଲି ପଡିଥିଲା।

# ଦୁର୍ଗମ ଗ୍ରାମାଞ୍ଚଳ ରାସ୍ତା ବିପର୍ଯ୍ୟସ୍ତ

ନୂଆଗଡ଼,୨।୬

ଉପାନ୍ତ ଦୁର୍ଗମ ଗ୍ରାମାଞ୍ଚଳ ଅଞ୍ଚଳକୁ ଗମନାଗମନର ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପକ୍କା ରାସ୍ତା ନିର୍ମାଣ କରାଯାଉଛି। ହେଲେ ଆଜି ପର୍ଯ୍ୟନ୍ତ ୩ କିମି ରାସ୍ତା ନିର୍ମାଣ ହୋଇ ପାରିନାହିଁ। ପ୍ରତ୍ୟେକ ଦିନ ଏହି ଖାଲଢିପ ପଥର ମେଟାଲ ପାହାଡ଼ ପର୍ବତ ଦେଇ ନିତି ଦିନ ବାଣିଜ୍ୟ ବ୍ୟବସାୟୀ କାରବାର ସହ ଅନ୍ୟାନ୍ୟ କାମରେ ଅଞ୍ଚଳ ବାସୀଙ୍କୁ ଯିବା ଆସିବା କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖରାଦିନେ ଯେମିତି ସେମିତି ଚଳିଯାଉଛି। ବର୍ଷାଦିନେ ଗାଡ଼ି ମୋଟର ଯିବା ତ ଦୂରର କଥା ଚାଲିକରି ଯିବା ମଧ୍ୟ ସମ୍ଭବ ହେଉନି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ନିରୀହ ଲୋକଙ୍କ ଧନ ଜୀବନ ନଷ୍ଟ ହେଉଥିବା ସୂଚନା ମିଳୁଛି। ଏଭଳି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ରାସ୍ତା ଅଭିଯୋଗ ଆସିଛି ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ କେରେଡାଙ୍ଗ ପଞ୍ଚାୟତ ଅଧୀନ ପାଳପୁର ଗ୍ରାମଠାରୁ ରାୟଗଡ଼ା ଜିଲା ସୀମାନ୍ତ କୁଲୁସିଂ ଗ୍ରାମ ପର୍ଯ୍ୟନ୍ତ। ଏହି ରାସ୍ତା ରାୟଗଡା ଜିଲାକୁ ସଂଯୋଗ କରୁଥିବା ବେଳେ ପ୍ରତ୍ୟେକ ଦିନ ଗୁଣୁପୁର ଏବଂ ପାଖାପାଖି ଗ୍ରାମକୁ ବାଣିଜ୍ୟ ବ୍ୟବସାୟ ଏବଂ ଅନ୍ୟାନ୍ୟ କାମରେ ଶତାଧିକ ଲୋକ ଯିବା ଆସିବା କରିଥାନ୍ତି। ରାସ୍ତା ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ଦୁର୍ଗମ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ କ୍ଷେତ୍ରରେ ତତ୍ପରତା ଦେଖାଉ ନ ଥିବାରୁ ଅଞ୍ଚଳର ଜନ ସାଧାରଣଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ ପକ୍କା ରାସ୍ତା କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।


ବିପଦସଙ୍କୁଳ ରାସ୍ତା।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଅଣଓସାରିଆ

ଆର.ଉଦୟଗିରି,୨।୬(ଡି.ଏନ.ଏ.)

ରାମଗିରି ହାଟପଦାଠାରୁ ତବାରସିଂ ରାସ୍ତା କାର୍ଯ୍ୟ ପ୍ରଶସ୍ତୀକରଣ ପାଇଁ ବହୁବାର ତବାରସିଂ ଅଞ୍ଚଳବାସୀଙ୍କ ଦାବି ପରେ ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଉନ୍ନୟନ ବିଭାଗ ଦ୍ୱାରା ୫.୯ କି.ମି ଲମ୍ବା ଓ କେତେ ମିଟର ଓସାର ତାହା ଠିକ୍‌ରେ ଦୃଶ୍ୟମାନ ହେଉନାହିଁ। ଯାହାକି ସୂଚନା ଫଳକରେ ଲେଖାଅଛି। ଏହି କାର୍ଯ୍ୟ ୭।୪।୨୦୨୧ରେ ଗଞ୍ଜାମ ଜିଲା ବାଣୀବିହାର ଗ୍ରାମର ଗଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟର ଅଟକଳ ମୂଲ୍ୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚକରି କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଜଣାପଡ଼ିଛି। ରାସ୍ତା କାର୍ଯ୍ୟର ନିୟମ ସୂଚନା ଫଳକରେ ଲେଖାଯିବା ଅନୁସାରେ ଏହି ରାସ୍ତା ନିର୍ମାଣ କରାଯାଉନି। ତେଣୁ ଏହି ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ବୋଲି ଅଞ୍ଚଳବାସୀଙ୍କ ଦ୍ୱାରା ଅଭିଯୋଗ ହେଉଛି। ରାସ୍ତାର ଲମ୍ବ ଠିକ୍ ଭାବେ କରାଯାଇଥିବା ବେଳେ ରାସ୍ତା ଓସାର ୫.୫ ମିଟରରୁ କମ୍ କରି କରାଯାଇଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଏତେ ଟଙ୍କା ଖର୍ଚ୍ଚକରି ନିର୍ମାଣ କରାଯାଥିଲେ ମଧ୍ୟ ଏହାର ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କାମ ଚାଲୁଥିବା ସମୟରେ ଦେଖିବାକୁ ମିଳି ନ ଥିଲେ। ରାସ୍ତା କାମ ଚାଲୁଥିବା ସମୟରେ ବହୁବାର ସ୍ଥାନୀୟ ଲୋକେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ରାସ୍ତାର ଓସାର ନ ଥିବା ଅଭିଯୋଗ କଲେ ମଧ୍ୟ ଯନ୍ତ୍ରୀମାନେ କର୍ଣ୍ଣପାତ କଲେନାହିଁ।


ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ରାସ୍ତା।

ପ୍ରକାଶଥାଉକି, ରାମଗିରି ବସ୍‌ଷ୍ଟାଣ୍ଡ ନିକଟକୁ ସ୍ୱାସ୍ଥ୍ୟକେନ୍ଦ୍ର ରହୁଛି ଓ ଏକ ରାସ୍ତା ଖ୍ରୀଷ୍ଟିଆନ ସାହିକୁ ଯାଉଛି। ତେଣୁ ଏହି ତିନିକୋଣିଆ ରାସ୍ତା ଟ୍ରାଫିକ ନିୟମ ଅନୁସାରେ କିଛି ମାତ୍ରାରେ ଓସାର ରହିବା କଥା। କାରଣ ଏଠାରେ ଅଧିକା ଜନଗହଳି ଥିବାରୁ ଏହି ଛକରେ ଛୋଟମୋଟ ଦୁର୍ଘଟଣା ମଧ୍ୟ ହେଉଛି। ରାମଗିରି ଠାରେ ଗ୍ରାମ୍ୟଉନ୍ନୟନ ବିଭାଗର ଲକ୍ଷାଧିକ ଟଙ୍କା ବ୍ୟୟରେ ସେକ୍ସନ କାର୍ଯ୍ୟାଳୟ ଥିଲେ ମଧ୍ୟ ନିର୍ମାଣ ହେବା ଦିନଠାରୁ କୌଣସି ଯନ୍ତ୍ରୀଙ୍କୁ ସେଠାରେ ରହିବାର ଦେଖିବାକୁ ମିଳୁନି। ଯାହାଫଳରେ ଉକ୍ତ କାର୍ଯ୍ୟାଳୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟକ୍ରମ ଚାଲୁରହୁଛି। ଖବର ସଂଗ୍ରହରୁ ଜଣାଗଲା ଯେ ଭାରପ୍ରାପ୍ତ ଯନ୍ତ୍ରୀ ରାମଗିରିରେ କାର୍ଯ୍ୟାଳୟ ଥାଇସୁଦ୍ଧା ବ୍ରହ୍ମପୁର ଓ ବେଳେବେଳେ ଚନ୍ଦ୍ରଗିରିରେ ରହି ରାମଗିରି ସେକ୍ସନ କାର୍ଯ୍ୟାଳୟ ଅଧୀନ କାମଗୁଡିକ ତଦାରଖ କରୁଛନ୍ତି। ଫଳରେ ଏହି ଭଳି କାମ ଠିକାଦାରମାନେ କରୁଛନ୍ତି ଓ କାମସରିଲା ପରେ ମୋଟାଅଙ୍କର କମିଶନ ପାଇ ଯନ୍ତ୍ରୀମାନେ ଚୁପ ହୋଇଯାଉଛନ୍ତି। ଯାହାର ଫଳ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ଏ ବିଷୟରେ ରାମଗିରି ସେକ୍ସନର ଯନ୍ତ୍ରୀ ସଙ୍ଗୀତା କୁମାରୀ ସେଠୀ କହିଛନ୍ତି, ୫ ମିଟର ଥିଲା ୫ ମିଟର କରାଯାଇଛି। ହେଲେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖ ରାସ୍ତାର ଓସାର କଥାରେ ଯନ୍ତ୍ରୀ ଉତ୍ତର ଠିକ୍‌ରେ ଦେଉନାହାନ୍ତି। ତେଣୁ ଏହି ରାସ୍ତା କାମକୁ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା କିମ୍ବା ସିବିଆଇ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ରାମଗିରିବାସୀ ଦାବି କରିଛନ୍ତି।